# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୫/୨୦୨୦ (୧୬ ପୃଷ୍ଠା) | Rayagada, Tuesday, December 15/2020 ★

୧୦ମ ଭାଗ ୨୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଅଷ୍ଟ୍ରେଲିଆ ଟେଷ୍ଟ ଦଳରେ ହେନରିକ୍ସ**

ସିଅନ ଆବୋଟ ଆହତ ହେବାରୁ ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳରେ ସାମିଲ ହୋଇଛନ୍ତି ଅଲରାଉଣ୍ଡର ମୋଇସେସ ହେନରିକ୍ସ।

୧୬

୧୨

**ୱାର୍କଆଉଟ୍‌ର ଫଟୋ ଶେୟାର କଲେ ଜରିନ୍‌**

ବଲିଉଡ୍‌ ଅଭିନେତ୍ରୀ ଜରିନ୍‌ ଖାନ ଜିମ୍‌ରେ ୱାର୍କଆଉଟ୍‌ କରୁଥିବାର ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି।



# ଟିକା ପାଇଁ ପଞ୍ଜୀକରଣ ଜରୁରୀ

- କେନ୍ଦ୍ର ଜାରି କଲା ଗାଇଡ୍‌ଲାଇନ
- ପଞ୍ଜୀକରଣ ଲାଗି ୧୨ ପରିଚୟପତ୍ରକୁ ଅନୁମତି
- ଥରକେ ୧୦୦ରୁ ୨୦୦ ଜଣଙ୍କୁ ଦିଆଯିବ ଟିକା
- ଟିକା ନେବା ପରେ ୩୦ ମିନିଟ ଅନୁଧାନ କରାଯିବ

**ନୂଆଦିଲ୍ଲୀ, ୧୪।୧୨**

ଦେଶବ୍ୟାପୀ କୋଭିଡ୍‌-୧୯ ଟିକାକରଣ ଲାଗି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି ହୋଇଛି। ଟିକା ନେବାକୁ ହେଲେ ଆଗୁଆ ନାମ ପଞ୍ଜୀକରଣ ଜରୁରୀ। ରାଜ୍ୟଗୁଡ଼ିକୁ ପଠାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ଟିକା ନେବା ପାଇଁ ଡିଜିଟାଲ ପ୍ଲାଟଫର୍ମ କୋଭିଡ୍‌ ଭାକ୍ସିନ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ (ସିଓ-ଡବ୍ଲ୍ୟୁଆଇଏନ୍‌) ସିଷ୍ଟମରେ ଜନସାଧାରଣ ନିଜକୁ ପଞ୍ଜୀକୃତ କରିପାରିବେ। ଏଥିପାଇଁ ଭୋଟର ପରିଚୟପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ପେନ୍‌ସନ କାଗଜପତ୍ର ଆଦି ୧୨ଟି ପରିଚୟ ପ୍ରମାଣ ଆଦିକୁ ବ୍ୟବହାର କରାଯାଇପାରିବ। ପଞ୍ଜୀକୃତ ହୋଇଥିବା ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସିଓ-ଡବ୍ଲ୍ୟୁଆଇଏନ୍‌ ସିଷ୍ଟମକୁ ବ୍ୟବହାର କରାଯିବ। ସୂଚନା ଅନୁଯାୟୀ ଦିନକୁ ପ୍ରତି ଥରରେ ୧୦୦ରୁ ୨୦୦ ଲୋକଙ୍କୁ ଟିକା ଦିଆଯିବ। ଟିକା ନେବାର ୩୦ ମିନିଟ ପର୍ଯ୍ୟନ୍ତ ଏହାର କୌଣସି ପ୍ରତିକୂଳ ପ୍ରଭାବ ହେଉଛି କି ନାହିଁ ତାହା ଅନୁଧାନ କରାଯିବ। ଟିକା ପ୍ରଦାନକାରୀ ଟିମ୍‌ରେ ୫ ଜଣ କର୍ମଚାରୀ ରହିବେ। ଟିକାକରଣ ପାଇଁ ୩ଟି ପ୍ରକୋଷ୍ଠକୁ ☞ପୃଷ୍ଠା-୪

# ଲିଙ୍ଗରାଜଙ୍କ ପାଇଁ ସ୍ୱତନ୍ତ୍ର ଆଇନ



ଲିଙ୍ଗରାଜ ମନ୍ଦିର ପାଇଁ କ୍ୟାବିନେଟ୍‌ରେ ଅଧ୍ୟାଦେଶ ମଞ୍ଜୁର ପରେ ମନ୍ଦିର ସମ୍ମୁଖରେ ୧୦ ହଜାର ଦୀପଦାନ କରାଯାଇଛି।

- ଅଧ୍ୟାଦେଶକୁ କ୍ୟାବିନେଟ୍‌ ମଞ୍ଜୁରୀ
- ମନ୍ଦିର, ସମ୍ପତ୍ତି ସୁରକ୍ଷା, ସୁପରିଚାଳନା ଉପରେ ଗୁରୁତ୍ୱ
- ଦେବୋତ୍ତର ବିଭାଗ ଅଧୀନରୁ ବାଦ୍‌

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)**

ପୁରୀ ଶ୍ରୀମନ୍ଦିର ଭଳି ଭୁବନେଶ୍ୱରରେ ଥିବା ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ପରିଚାଳନା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣିଛନ୍ତି। ଏହାଦ୍ୱାରା ମନ୍ଦିର, ଏହାର ସମ୍ପତ୍ତି, ପରିସର ମଧ୍ୟରେ ଓ ବାହାରେ ଥିବା ଅନ୍ୟ ମନ୍ଦିର, ପବିତ୍ର ସ୍ଥାନ ଓ ମଠ ସମ୍ପର୍କିତ ବିଷୟଗୁଡ଼ିକର ସୁପରିଚାଳନା ଓ ସୁଶାସନକୁ ଦୃଷ୍ଟିରେ ରଖି ଏହାର ପରିଚାଳନା ଦାୟିତ୍ୱ ଏକ କମିଟିକୁ ନ୍ୟସ୍ତ କରାଯିବ। ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଧ୍ୟାଦେଶ ଆଣିଛନ୍ତି। ଏହାଦ୍ୱାରା ମନ୍ଦିର କାର୍ଯ୍ୟଗୁଡ଼ିକର ଉତ୍ତମ ଏବଂ ସୁ ପରିଚାଳନା ହେବା ସହିତ ତୀର୍ଥଯାତ୍ରୀ, ଭକ୍ତ ଓ ଉପାସକମାନଙ୍କୁ ଉନ୍ନତ ମାନର ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରିବ। ଏହି ଆଇନ ମନ୍ଦିର ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ କମିଟିକୁ ସଶକ୍ତ କରିବ। ଉକ୍ତ ଅଧ୍ୟାଦେଶ ଅଣାଯିବା ପରେ ଶ୍ରୀଲିଙ୍ଗରାଜ ମନ୍ଦିର ଦେବୋତ୍ତର କମିଶନଙ୍କ ଅଧୀନରେ ଆଉ ରହିବ ନାହିଁ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ ବୈଠକରେ ଏହି ଅଧ୍ୟାଦେଶକୁ ଅନୁମୋଦନ ମିଳିଛି। ☞ପୃଷ୍ଠା-୪

## ଯାଜପୁର, ପୁରୀରେ ମେଡିକାଲ କଲେଜ

### ଟେଣ୍ଡରକୁ କ୍ୟାବିନେଟ୍‌ ଅନୁମୋଦନ

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)**

ରାଜ୍ୟ ସରକାର ରାଜ୍ୟରେ ଡାକ୍ତର ଅଭାବ ପୂରଣ କରିବା, ମେଡିକାଲ ଶିକ୍ଷାର ପ୍ରସାର ଏବଂ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଟର୍ନ କି ମାଧ୍ୟମରେ ଯାଜପୁର ଓ ପୁରୀଠାରେ ଦୁଇଟି ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୬୫୧.୦୭ କୋଟି ଟଙ୍କା ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ଆକ୍ରମଣାତ୍ମକ ରାଜନୀତି







ଜନ୍ମବାର୍ଷିକ ଶୁଭେଚ୍ଛା

(ସୁକି)
ଗାୟତ୍ରୀ ମହାରଣା
ଜଗନ୍ନାଥପୁର, ବାଲିପାହାଡ଼, କଟକ
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ତତେ ଦୀର୍ଘାୟୁ କରନ୍ତୁ ଏବଂ ହସ ଖୁସିରେ ଭରି ଦିଅନ୍ତୁ। ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବାପା, ବୋଉ, ଦାଦା, କବିତା ନାନା, ସବିତା ନାନା, ଭାଇ, ଜିକୁ, ସିଲା, ପ୍ରିୟବ୍ରତ,ଫନ୍, ପ୍ରକାଶ, ପ୍ରଦୀପ, ଟିନା, ରୋମିଓ, ଜିତୁ, ପୂଜା, ସାଙ୍ଗମାନେ ଓ ପରିବାରବର୍ଗ।
ଧ-୧୧୧୮୯

# ସାରା ଦେଶକୁ ବ୍ୟାପିଲା ଆନ୍ଦୋଳନ

ନୂଆଦିଲ୍ଲୀ, ୧୪।୧୨

କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଷୀମାନଙ୍କ ଆନ୍ଦୋଳନ ସୋମବାର ୧୯ ଦିନରେ ପହଞ୍ଚିଥିବାବେଳେ ଏହା ସାରା ଦେଶକୁ ବ୍ୟାପିଛି। କୃଷକ ସଂଘର ନେତାମାନେ ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନଶନରେ ବସିଥିଲେ। କୃଷକ ସଂଗଠନ ପକ୍ଷରୁ ଜିଲା ସଦର ମହକୁମାଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କୃଷକମାନଙ୍କ ଆନ୍ଦୋଳନକୁ ସମର୍ଥନ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ସୋମବାର ଉପବାସ କରିବା ସହ ଅନ୍ୟମାନଙ୍କୁ ଏଥିରେ ସାମିଲ ହେବା ଲାଗି ପରାମର୍ଶ ଦେଇଥିଲେ। ଚାଷୀ ଆନ୍ଦୋଳନରେ ବହୁସଂଖ୍ୟାରେ ଯୋଗଦେବା ଲାଗି କେଜ୍‌ରିୱାଲ ଆମ୍ ଆଦ୍‌ମୀ ପାର୍ଟିର ସ୍ୱେଚ୍ଛାସେବୀ, ସମର୍ଥକ ଓ ଦେଶର ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦ଼ିଆ ମଧ୍ୟ ଦଳୀୟ କାର୍ଯ୍ୟାଳୟରେ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ଅନଶନରେ ବସିଥିଲେ।

ଦିଲ୍ଲୀର ସିଙ୍ଘୁ ସୀମାରେ କୃଷକ ସଂଗଠନର ପ୍ରତିନିଧିମାନେ ଅନଶନରେ ବସିଥିଲେ। ସରକାରଙ୍କ ସହ ଆଲୋଚନା ଅମୀମାଂସିତ ରହିବା ଫଳରେ ଚାଷୀ ସଂଗଠନ ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଥିବା ଚାଷୀନେତା ବଳଦେବ ସିଂ କହିଛନ୍ତି। ଦିଲ୍ଲୀ ସୀମାରେ ଅଧିକରୁ ଅଧିକ କୃଷକ ଆନ୍ଦୋଳନରେ ସାମିଲ ହେଉଛନ୍ତି।


ଅମୃତସରରେ ଚାଷୀମାନେ ଜିଲା କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଆନ୍ଦୋଳନ ବଢୁଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ରାସ୍ତାରେ ବହୁସ୍ତରୀୟ ସିମେଣ୍ଟ ଅବରୋଧକ ରଖାଯିବା ସହ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ରାପିଡ୍ ଆକ୍ସନ ଫୋର୍ସ ସହ ଅର୍ଦ୍ଧସାମରିକ ଯବାନଙ୍କୁ ମଧ୍ୟ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ବିଭିନ୍ନ ରାସ୍ତାକୁ ବନ୍ଦ କରିଦିଆଯାଇଛି ଓ ଲୋକମାନଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି। ଶନିବାର ପଞ୍ଜାବ ସହ ଥିବା ୩ଟି ସୀମା ପଏଣ୍ଟକୁ ସିଲ୍ କରାଯିବା ପରେ ରବିବାର ସକାଳେ ହରିୟାଣା ପୋଲିସ ପିପ୍‌ଲା ବ୍ରିଜ୍‌ରେ ବ୍ୟାରିକେଡ୍ ନିର୍ମାଣ କରିଥିଲା। ରାତାରାତି ପାଇପ୍ ଓ କଂକ୍ରିଟ ଦେଇ ମଜଭୁତ ଅବରୋଧକ କରାଯାଇଥିଲା। ପଞ୍ଜାବ ହରିୟାଣାର କୃଷକମାନେ ଟ୍ରାକ୍ଟର ସହାୟତାରେ ଜାତୀୟ ରାଜପଥ ୯ରୁ ବ୍ୟାରିକେଡ୍‌ଗୁଡ଼ିକୁ ହଟାଇ ଦେଇଛନ୍ତି। ପଞ୍ଜାବ, ହରିୟାଣାରେ ମଧ୍ୟ ସୋମବାର ଆନ୍ଦୋଳନ ଜୋର୍‌ଦାର ହୋଇଛି। ଚାଷୀମାନେ ଶୋଭାଯାତ୍ରା ବାହାର କରିବା ସହ ଜିଲା କମିଶନରଙ୍କ କାର୍ଯ୍ୟାଳୟ ଆଗରେ ସ୍ଲୋଗାନ ଦେଇଥିଲେ। ସିଙ୍ଘୁ ସୀମାରେ ଆନ୍ଦୋଳନକାରୀଙ୍କ ସଂଖ୍ୟା ବଢ଼ିବାରୁ ହରିୟାଣା ପୋଲିସ ଅମ୍ବାଲା-ପଟିଆଲା ଜାତୀୟ ରାଜପଥକୁ ବନ୍ଦ କରିଦେଇଥିଲା। ପଞ୍ଜାବରେ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

- ଚାଷୀ ଅନଶନରେ ବସିଲେ, ବିକ୍ଷୋଭ କଲେ
- ଏନ୍ଏଚ୍-୯ରୁ ବ୍ୟାରିକେଡ୍ ହଟାଇଲେ
- ଆଇନ ପ୍ରତ୍ୟାହାର ପ୍ରଶ୍ନ ଉଠୁନି: ରାଜନାଥ

ଜାତୀୟ ସହମତିକ୍ରମେ କୃଷି କ୍ଷେତ୍ରରେ ସଂସ୍କାର ଅଣାଯିବା ଆବଶ୍ୟକ। କେନ୍ଦ୍ର ସରକାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରି ଚାଷୀ ଆନ୍ଦୋଳନର ସମାଧାନ କରିବାକୁ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମା ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସରକାର କୃଷି ଆଇନରୁ ପଛକୁ ହଟିବାର ପ୍ରଶ୍ନ ଉଠୁନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ସ୍ପଷ୍ଟ କରିଦେଇଛନ୍ତି। ପରବର୍ତ୍ତୀ ଆଲୋଚନା ତାରିଖ ଧାର୍ଯ୍ୟ କରିବା ଲାଗି ସରକାର କୃଷକ ନେତାମାନଙ୍କ ସହ କଥାବାର୍ତ୍ତା କରୁଥିବା କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। କୃଷି ଆଇନର ପ୍ରତ୍ୟେକ ଧାରା ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ବିସ୍ଫୋରଣରେ ଯବାନ ଶହୀଦ

ସୁକ୍‌ମା, ୧୪।୧୨: ଛତିଶଗଡର ସୁକ୍‌ମା ଜିଲାରେ ଏକ ଆଇଇଡି ବିସ୍ଫୋରଣରେ ସେଣ୍ଟ୍ରାଲ ରିଜର୍ଭ ପୋଲିସର ଜଣେ ଡେପୁଟି କମାଣ୍ଡାଣ୍ଟ ବିକାଶ କୁମାର ଶହୀଦ ହୋଇଛନ୍ତି। ରବିବାର ମାଓବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ଅପରେଶନ ଚଳାଇଥିବାବେଳେ ଆଇଇଡି ବିସ୍ଫୋରଣରେ ସେ ଗୁରୁତର ହୋଇଥିଲେ। ରାୟପୁରର ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶହୀଦ ବିକାଶ ଏକ ସ୍ୱତନ୍ତ୍ର ଅପରେଶନରେ ସିଆର୍‌ପିଏଫ୍ ଓ ଛତିଶଗଡ ପୋଲିସ ଟିମ୍‌ରେ ସାମିଲ ହୋଇଥିଲେ। କସାରାମ ନାଲା ନିକଟ ଜଙ୍ଗଲରେ ଏହି ବିସ୍ଫୋରଣ ଘଟିଥିଲା।

### ବିଜୟବର୍ଗୀୟଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା



ନୂଆଦିଲ୍ଲୀ, ୧୪।୧୨:ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଏବଂ ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କ ଉପରେ ଆକ୍ରମଣ ଘଟଣା ପରେ ବିଜୟବର୍ଗୀୟଙ୍କ ସୁରକ୍ଷା ବଢ଼ାଯାଇଛି। ପଶ୍ଚିମବଙ୍ଗରେ ତାଙ୍କୁ ଜେଡ୍ ପ୍ଲସ୍ ସିକ୍ୟୁରିଟି ଯୋଗାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପଶ୍ଚିମବଙ୍ଗ ଭାଜପା ମୁଖ୍ୟ ବିଜୟବର୍ଗୀୟ ୨୦୧୯ ଫେବୃୟାରୀଠାରୁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସେସ (ସିଆଇଏସ୍ଏଫ୍)ଦ୍ୱାରା ଜେଡ୍ କାଟାଗୋରି ସୁରକ୍ଷା ଉପଭୋଗ କରୁଥିଲେ। ଆଗାମୀ ଦିନରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେହି ଦୃଷ୍ଟିରୁ ନିର୍ବାଚନୀ ପ୍ରଚାର ଓ ଅନ୍ୟ ଗସ୍ତ କାର୍ଯ୍ୟକ୍ରମବେଳେ ଜେଡ୍ ପ୍ଲସ କାଟାଗୋରିରେ ତାଙ୍କୁ ପ୍ରାୟ ୭୦ ସିଆଇଏସ୍ଏଫ୍ କମାଣ୍ଡୋ, ଦୁଇ ପର୍ସନାଲ ସିକ୍ୟୁରିଟି ଅଫିସର(ପିଏସ୍ଓ) ସୁରକ୍ଷା ଦେବେ। ଏଥିସହ ଏକ ବୁଲେଟ ପ୍ରୁଫ୍ କାର୍ ମଧ୍ୟ ତାଙ୍କୁ ଯୋଗାଯିବ। ତେବେ ଅନ୍ୟ ରାଜ୍ୟଗୁଡିକରେ ସେ କେବଳ ଜେଡ୍ କାଟାଗୋରୀ ସୁରକ୍ଷା ପାଇବେ।

### ଘରୁ ୫ ମୃତଦେହ ଜବତ

ଭିଲୁପୁରମ, ୧୪।୧୨: ତାମିଲନାଡୁର ଭିଲୁପୁରମଠାରେ ଏକ ଘରୁ ସୋମବାର ୫ ଜଣଙ୍କ ମୃତଦେହ ଜବତ କରାଯାଇଛି। ମୃତକଙ୍କ ମଧ୍ୟରେ ୭ ଓ ୮ ବର୍ଷର ଦୁଇ ଝିଅ, ୫ ବର୍ଷର ଜଣେ ଶିଶୁ ଏବଂ ସେମାନଙ୍କ ମା' ବାପା ରହିଛନ୍ତି। ପୋଲିସର ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡିଛି। ସୂଚନା ମୁତାବକ, ୫ ଜଣଙ୍କ ମୃତଦେହ ସେମାନଙ୍କ ଘରେ ସିଲିଂ ଫ୍ୟାନରେ ଝୁଲୁଥିବା ପ୍ରଥମେ ପଡ଼ୋଶୀମାନେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ପଠାଇଛି। ତେବେ ଋଣ ବୋଝ ଯୋଗୁ ମୃତ ଦମ୍ପତି ପ୍ରଥମେ ସେମାନଙ୍କ ପିଲାଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ବୋଲି ପୋଲିସ କହିଛି।

### ସିବିଏସ୍‌ଇକୁ କୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୪।୧୨: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ)କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ଏହା ଛାତ୍ର ବିରୋଧୀ କାର୍ଯ୍ୟ ତଥା ଛାତ୍ରଙ୍କୁ ଶତ୍ରୁ ଭଳି ବ୍ୟବହାର କରୁଛି ବୋଲି କୋର୍ଟ କହିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଡି. ଏନ୍ ପଟେଲ, ଜଷ୍ଟିସ୍ ପ୍ରତୀକ ଜଲାନଙ୍କ ଖଣ୍ଡପୀଠ ଏକକ ବିଚାରପତିଙ୍କ ଆଦେଶକୁ ଚ୍ୟାଲେଞ୍ଜ କରୁଥିବା ବୋର୍ଡର ଏକ ଆବେଦନର ଶୁଣାଣି କରି ଏହା କହିଛନ୍ତି। ୨୦୧୮ ଫେବୃୟାରୀରେ ଯୁକ୍ତ ୨ ସିବିଏସ୍‌ଇ ପରୀକ୍ଷା ଦେଇଥିବା ଛାତ୍ର ଅଧିକ ଭଲ ଫଳାଫଳ ପାଇଁ ଗୋଟିଏ ବର୍ଷ ଡ୍ରପ କରିଦେଇଥିଲେ। ତେବେ ଗତ ମାର୍ଚ୍ଚ ମାସରେ ହେବାକୁ ଥିବା ପରୀକ୍ଷା କୋଭିଡ୍ ଯୋଗୁ ବାତିଲ କରାଯିବାକୁ ସେ ଏଥିରୁ ବଞ୍ଚିତ ହୋଇଥିଲେ। ବାତିଲ ହୋଇଥିବା ପରୀକ୍ଷା ପାଇଁ ପିଲାମାନଙ୍କ ପୁନଃମୂଲ୍ୟାଙ୍କନ କରିବାକୁ ସିବିଏସ୍‌ଇ ସ୍ଥିର କରିଥିବାରୁ ତାଙ୍କ କ୍ଷେତ୍ରରେ ମଧ୍ୟ ଏହି ନିଷ୍ପତ୍ତି ଲାଗୁ କରିବାକୁ ସେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏକକ ବିଚାରପତି ଛାତ୍ରଙ୍କ ସପକ୍ଷରେ ରାୟ ଦେଇଥିବାବେଳେ ଏହାକୁ ସିବିଏସ୍‌ଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସବୁ ଛାତ୍ରଙ୍କ କ୍ଷେତ୍ରରେ ମୂଲ୍ୟାଙ୍କନ ସୁଧାର ଯୋଜନା ଲାଗୁକରିବାରେ କ'ଣ ଅସୁବିଧା ବୋଲି କୋର୍ଟ ସିବିଏସ୍‌ଇକୁ ପ୍ରଶ୍ନ କରିଛନ୍ତି।

# ଡାର୍କ ୱେବ୍‌ରେ ନକଲି ଟିକା

ନୂଆଦିଲ୍ଲୀ, ୧୪।୧୨

- ମାତିଛନ୍ତି ସାଇବର ଅପରାଧୀ
- ୧,୦୬୨ ସାଇଟ୍‌ରେ ଭାକ୍ସିନ ବିକ୍ରି
- ବିଟ୍‌କଏନରେ ପେମେଣ୍ଟ ଅପ୍‌ଶନ୍

କୋଭିଡ୍-୧୯ ମହାମାରୀରୁ ବର୍ତ୍ତିବା ପାଇଁ ଟିକା ଏକମାତ୍ର ଆଶା ହୋଇଥିବାବେଳେ ଏହାର ଫାଇଦା ଉଠାଉଛନ୍ତି ସାଇବର ଅପରାଧୀ। କୌଣସି ବିଶ୍ୱସ୍ତ ସର୍ଚ୍ଚ ଇଞ୍ଜିନ ଦ୍ୱାରା ଅନୁମୋଦିତ ହୋଇ ନ ଥିବା ସାଇଟ୍ ତଥା ଡାର୍କୱେବରେ ଲୋକଙ୍କୁ ନିଜ ଜାଲରେ ଫସାଇବାକୁ ନକଲି ଟିକା ଓ ଔଷଧ ବିକ୍ରି ପାଇଁ ଉଦ୍ୟମ ଚାଲିଛି। ବ୍ରିଟେନ, କାନାଡା, ଆମେରିକାରେ ଫାଇଜର ଟିକାକୁ ଅନୁମତି ମିଳିସାରି ଥିବାରୁ ବିଭିନ୍ନ ୱେବସାଇଟ୍‌ରେ ଏହା ଉପଲବ୍ଧ ହେଉଥିବା ନେଇ ଲୋକଙ୍କୁ ଲୋଭାନ୍ୱିତ କରାଯାଉଛି ବୋଲି ସାଇବର ସିକ୍ୟୁରିଟି ସଫ୍ଟୱେର କମ୍ପାନୀ ଚେକ୍ ପଏଣ୍ଟର ରିସର୍ଚ୍ଚରମାନେ ପ୍ରକାଶ କରିଛନ୍ତି।

ଚେକ୍ ପଏଣ୍ଟ ରିସର୍ଚ୍ଚରଙ୍କ କହିବା ମୁତାବକ, କୋଭିଡ୍ ଭାକ୍ସିନ୍ ଓ ଔଷଧ ବିକ୍ରି ପାଇଁ ଡାର୍କନେଟ୍‌ରେ ଅନେକ ବିଜ୍ଞାପନ ଆସୁଥିବା ଦେଖିବାକୁ ମିଳିଛି। ଟ୍ରେସ ହେବାରୁ ବଞ୍ଚିବା ପାଇଁ ବିକ୍ରେତା ବିଟ୍‌କଏନରେ ପେମେଣ୍ଟ ପାଇଁ ଅପଶନ୍ ରଖୁଛନ୍ତି। ତଦନ୍ତ ପାଇଁ ଜଣେ ବିକ୍ରେତାଙ୍କ ସହ ଯୋଗାଯୋଗ ପରେ ସେ ଏକ ଅଜଣା କୋଭିଡ୍ ଟିକାକୁ ୦.୦୧ ବିଟ୍‌କଏନ ବା ପ୍ରାୟ ୩ ଶହ ଡଲାରରେ ବିକ୍ରି କରୁଥିବା ଜଣାପଡିଛି। ଏପରିକି ସେହି ଟିକାର ୧୪ଟି ଡୋଜ ନେବା ଜରୁରୀ ବୋଲି ବିକ୍ରେତା ଜଣକ କହିଥିଲେ। ତଦନ୍ତରୁ ଆହୁରି ଜଣାପଡିଛି ଯେ, ନଭେମ୍ବରରୁ ବିଭିନ୍ନ ଦେଶରେ ପ୍ରସ୍ତୁତ ଟିକା ଉପଲବ୍ଧ ହେଉଥିବା ଖବର ସାମ୍‌ନାକୁ ଆସୁଥିବାରୁ ଲୋକଙ୍କୁ ଭୁଆଁ ବୁଲାଇବାକୁ କେବେ ଶୁଣିବାକୁ ମିଳି ନ ଥିବା ଟିକାର ନାଁ ମଧ୍ୟ ପଞ୍ଜୀକରଣ ହୋଇଥିବା ନେଇ ସାଇଟ୍‌ଗୁଡିକରେ ଦେଖିବାକୁ ମିଳିଛି।



# ରାଜନୀତି ଛାଡ଼ିବେ କମଲନାଥ



ଭୋପାଳ, ୧୪।୧୨

ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କମଲନାଥ ରାଜନୀତି ଛାଡ଼ିବାକୁ ସୂଚନା ଦେଇଛନ୍ତି। ଛିନ୍ଦୱାଡ଼ାରେ ଏକ ଜନସଭାକୁ ଉଦ୍‌ବୋଧନ ଦେବା ଅବସରରେ ସେ ବିଶ୍ରାମ ନେବାକୁ ପ୍ରସ୍ତୁତ ବୋଲି କହିଥିଲେ। କୌଣସି ପଦପଦବୀ ପ୍ରତି ତାଙ୍କର ଆଗ୍ରହ କିମ୍ବା ଲୋଭ ନାହିଁ। ଏବେ ଘରେ ରହିବାକୁ ଚାହାନ୍ତି ବୋଲି କମଲନାଥ କହିଥିଲେ। କମଲନାଥ ଏବେ ମଧ୍ୟପ୍ରଦେଶ ବିଧାନସଭାରେ ବିରୋଧୀ ଦଳ ନେତା ଓ ପ୍ରଦେଶ କଂଗ୍ରେସ ସଭାପତି ଅଛନ୍ତି। ତେବେ ଯୁବ ନେତାଙ୍କୁ ବାଟ ଛାଡ଼ିଦେବା ଲାଗି ତାଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଚାପ ପକାଉଛି। ନିକଟରେ ଶେଷ ହୋଇଥିବା ବିଧାନସଭା ଉପନିର୍ବାଚନରେ ଭାଜପା ୧୯ ଆସନ ଜିତିଥିବାବେଳେ କଂଗ୍ରେସକୁ ୯ଟି ମିଳିଥିଲା। ଦଳର ଅସଫଳତାକୁ ନେଇ କମଲନାଥ ସମାଲୋଚିତ ହୋଇଥିଲେ।

# ପ୍ରେମକୁ ବିରୋଧ: ବାପା ଜାଳିଦେଲେ ୭ ବାଇକ୍

ଚେନ୍ନାଇ, ୧୪।୧୨

ପ୍ରେମିକାଠାରୁ ଅଲଗା ହେବାକୁ ବାରମ୍ବାର କହିବା ସତ୍ତ୍ୱେ ନ ମାନିବାରୁ ଅଭାବନୀୟ କାଣ୍ଡ ଘଟାଇଛନ୍ତି ଯୁବକଙ୍କ ବାପା। ଉତ୍ୟକ୍ତ ହୋଇ ପୁଅର ବାଇକ୍ ସହ ପଡ଼ୋଶୀଙ୍କ ମୋଟ ୭ଟି ବାଇକ୍‌ରେ ସମ୍ପୃକ୍ତ ବ୍ୟକ୍ତି ନିଆଁ ଲଗାଇଦେଇଥିଲେ। ଘଟଣା ଜଣାପଡ଼ିବା ପରେ ପୋଲିସ ଅଭିଯୁକ୍ତ ଚେନ୍ନାଇ ସ୍ଥିତ ନୂଆ ୱାଶରମାନପେଟ୍‌ର କର୍ଣ୍ଣନଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଲିଭ୍-ଇନ୍ ରିଲେଶନରେ ରହୁଥିବା ପୁଅ ଅରୁଣଙ୍କୁ ନିଜ ପ୍ରେମିକାଙ୍କଠାରୁ ଅଲଗା ହେବାକୁ କର୍ଣ୍ଣନ କହିଥିଲେ ମଧ୍ୟ ସେ ବାପାଙ୍କ କଥା ମାନି ନ ଥିଲେ। ଉତ୍ୟକ୍ତ ହୋଇ ଅରୁଣ ଚଳାଉଥିବା ବାଇକ୍ ସହ ପାଖରେ ରଖାଯାଇଥିବା ପଡ଼ୋଶୀଙ୍କ ବାଇକ୍‌ରେ ସେ ନିଆଁ ଲଗାଇ ଦେଇଥିଲେ। ଏତେଗୁଡିଏ ବାଇକ୍ ଜଳିଯିବାକୁ ସମସ୍ତେ ଦୁର୍ଘଟଣା ଭାବିବେ ବୋଲି ସେ ନିଶ୍ଚିତ ଥିଲେ। ତେବେ ତଦନ୍ତ ପରେ କର୍ଣ୍ଣନ ଏପରି କରିଥିବା ପୋଲିସ ଜାଣିବାକୁ ପାଇଥିଲା।

# ହିମାଳୟ ପାଇଁ ଖୋଲିବ ଜଳବାୟୁ କେନ୍ଦ୍ର

ନୂଆଦିଲ୍ଲୀ, ୧୪।୧୨(ପି.ଟି.)

ହିମାଳୟ ପାର୍ବତ୍ୟାଞ୍ଚଳ ପାଇଁ ଏକ ଆଞ୍ଚଳିକ ଜଳବାୟୁ କେନ୍ଦ୍ର ଖୋଲିବା ଲାଗି ଭାରତ ସରକାର ଯୋଜନା କରୁଛନ୍ତି। ଏହା କେବଳ ଆମ ଦେଶକୁ ପାଣିପାଗ ସମ୍ପର୍କିତ ତଥ୍ୟ ଓ ପରାମର୍ଶ ଦେବନାହିଁ, ପଡୋଶୀ ଦେଶଗୁଡ଼ିକ ମଧ୍ୟ ଏଥିରୁ ଉପକୃତ ହୋଇପାରିବେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଏନେଇ କାମ ଆରମ୍ଭ ହୋଇଯାଇଛି ଏବଂ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ସହିତ ଆଲୋଚନା ଚାଲିଛି। ଚାଇନା ମଧ୍ୟ ହିମାଳୟର ନିଜ ପାର୍ଶ୍ୱରେ ଅନୁରୂପ ଏକ ଆଞ୍ଚଳିକ ଜଳବାୟୁ କେନ୍ଦ୍ର ସ୍ଥାପନ କରୁଛି। ପାର୍ବତ୍ୟାଞ୍ଚଳରେ ପାଣିପାଗ ଓ ଜଳବାୟୁ ସେବା ଶୀର୍ଷକ ୱେବିନାରରେ ଉଦ୍‌ବୋଧନ ଦେଇ ମୃତ୍ୟୁଞ୍ଜୟ କହିଥିଲେ, ଭାରତର ପୂର୍ବ ଓ ପଶ୍ଚିମରେ ଯଥାକ୍ରମେ ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳା ଏବଂ ଉତ୍ତରପୂର୍ବାଞ୍ଚଳରେ ମ୍ୟାନ୍‌ମାର ପାହାଡ଼ ରହିଛି। ହିମାଳୟର ବିଶାଳତା ଏବଂ ଭାରତର ଜଳବିଜ୍ଞାନ, ପାଣିପାଗ, ବିପର୍ଯ୍ୟୟ ପରିଚାଳନା, ପରିବେଶ ବ୍ୟବସ୍ଥା ଓ ଅନ୍ୟାନ୍ୟ କାର୍ଯ୍ୟରେ ଏହାର ଭୂମିକାକୁ ବିଚାରକୁ ନେଇ ଏହାକୁ ବିଶ୍ୱର ତୃତୀୟ ମେରୁ ବିବେଚନା କରାଯାଉଛି। ନିର୍ମାଣ ହେବାକୁ ଥିବା ଆଞ୍ଚଳିକ ଜଳବାୟୁ କେନ୍ଦ୍ର (ଆର୍‌ସିସି)ର କାର୍ଯ୍ୟାଳୟ ଦିଲ୍ଲୀରେ ରହିବ। ହିମାଳୟ ଅଞ୍ଚଳରେ ରହୁଥିବା ଚାଷୀ ଓ ଆଦିବାସୀମାନଙ୍କୁ ଏହା ପାଣିପାଗ ସମ୍ପର୍କିତ ସେବା ଯୋଗାଇବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।


ଜିଆର୍‌ଏସ୍‌ଇ ଦ୍ୱାରା ନିର୍ମିତ ପ୍ରଥମ ପ୍ରୋଜେକ୍ଟ ୧୭ ଏ ଯୁଦ୍ଧଜାହାଜ 'ହିମଗିରି'କୁ କୋଲକାତାରେ ଜଳାବତରଣ କରାଯାଉଛି।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ, ୧୪।୧୨(ପି.ଟି.)

## ୧୯୭୫ର ଏମର୍ଜେନ୍ସିକୁ ଅସାମ୍ବିଧାନିକ ଘୋଷଣା ଲାଗି ଆବେଦନ



ଭାରତରେ ୧୯୭୫ରେ ଜାରି ହୋଇଥିବା ଜରୁରୀ ପରିସ୍ଥିତି (ଏମର୍ଜେନ୍ସି)କୁ ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଘୋଷଣା କରିବା ଲାଗି ଜଣେ ୯୪ ବର୍ଷୀୟ ମହିଳା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହା ଉପରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନକୁ ଶୁଣାଣି ଲାଗି ଗ୍ରହଣ କରିଛନ୍ତି। ୪୫ ବର୍ଷ ପରେ ଜରୁରୀ ପରିସ୍ଥିତି ଜାରିର ବୈଧତା ଯାଞ୍ଚ କଲାବେଳେ ଏହା ଲାଗୁ ହେବା ଯୋଗ୍ୟ ଥିଲା କି ବାଞ୍ଛନୀୟ ଥିଲା ତାହା ଅନୁଧ୍ୟାନ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଏମର୍ଜେନ୍ସି ଲାଗୁ ହେବା ଉଚିତ ନ ଥିଲା ବୋଲି ସର୍ବୋଚ୍ଚ ଅଦାଲତ ମତ ଦେବା ସହ ଦୀର୍ଘଦିନ ପରେ ଏହା ଉପରେ କ'ଣ ସହାୟତା ଦିଆଯାଇପାରିବ ବୋଲି ପ୍ରଶ୍ନ କରିଛନ୍ତି।

ଏମର୍ଜେନ୍ସି ନାମରେ ଦୀର୍ଘସମୟ ପର୍ଯ୍ୟନ୍ତ ଲୋକଙ୍କ ଅଧିକାର ଛଡ଼ାଇନିଆଗଲା। ଏହା ଜାଲିଆତି ଓ ସମ୍ବିଧାନ ଉପରେ ସବୁଠୁ ବଡ଼ ଆକ୍ରମଣ ବୋଲି ଆବେଦନକାରୀ ବୀରା ସରିନ୍‌ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ୍ ସାଲଭେ ଖଣ୍ଡପୀଠଙ୍କୁ କହିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ଫକ୍‌ରୁଦ୍ଦିନ ଅଲି ଅହମଦ ୧୯୭୫ ଜୁନ୍ ୨୫ ମଧ୍ୟରାତ୍ରର କିଛି ସମୟ ପୂର୍ବରୁ ଏମର୍ଜେନ୍ସି ଜାରି କରିଥିଲେ ଓ ଏହାକୁ ୧୯୭୭ ମାର୍ଚ୍ଚରେ ରଦ୍ଦ କରାଯାଇଥିଲା। ଜରୁରୀ ସ୍ଥିତି ଯୋଗୁ ଆବେଦନକାରୀ କିଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ କିପରି ବ୍ୟବହାର କରାଯାଇଥିଲା, ତାହା କୋର୍ଟ ଅନୁଧ୍ୟାନ କରିବା ଉଚିତ ବୋଲି ସାଲ୍‌ଭେ କହିଥିଲେ।

# ବିଶ୍ୱରେ ୨୦ ଲକ୍ଷ ସିସିପି ଏଜେଣ୍ଟ

ନୂଆଦିଲ୍ଲୀ/କାନବେରା, ୧୪।୧୨(ଆଇଏଏନ୍ଏସ୍)


ଶି ଜିନ୍‌ପିଙ୍ଗ



- ବୃହତ୍ କମ୍ପାନୀ, ବ୍ୟାଙ୍କ, ଗଣମାଧ୍ୟମ, ସରକାରୀ ସଂସ୍ଥାରେ ଗୋପନରେ ଅବସ୍ଥାପିତ
- ଜିନ୍‌ପିଙ୍ଗ୍‌ଙ୍କ ପାଖରେ ଏମାନେ ପ୍ରତ୍ୟକ୍ଷ ଭାବେ ଉତ୍ତରଦାୟୀ
- ଅଷ୍ଟ୍ରେଲିଆ ଖବରକାଗଜ ହାତରେ ବିସ୍ଫୋରକ ତଥ୍ୟ

ସାରା ବିଶ୍ୱରେ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିସିପି)ର ପ୍ରାୟ ୨୦ ଲକ୍ଷ ସଦସ୍ୟ ବିଭିନ୍ନ ବୃହତ୍ କମ୍ପାନୀ, ବ୍ୟାଙ୍କ, ଗଣମାଧ୍ୟମ, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସଂସ୍ଥାରେ ଗୋପନରେ ଅବସ୍ଥାପିତ ହୋଇଛନ୍ତି। ଏ ସମ୍ପର୍କିତ ଏକ ବିସ୍ଫୋରକ ତଥ୍ୟ ପ୍ରଘଟ ହୋଇଛି। ଏହି ଲିକ୍ ଡାଟାବେସ୍ ଏକ ଅଷ୍ଟ୍ରେଲୀୟ ଖବରକାଗଜର ହସ୍ତଗତ ହୋଇଛି। ଉକ୍ତ ଡାଟାବେସ୍‌ରେ କେବଳ ସିସିପି ସଦସ୍ୟମାନଙ୍କ ନାମ ନାହିଁ, ସେମାନଙ୍କର ଦଳୀୟ ପଦବୀ, ଜନ୍ମତାରିଖ, ଜାତୀୟତା ପରିଚୟ ନମ୍ବର ଆଦି ମଧ୍ୟ ରହିଛି।

ଏହି ତାଲିକାରେ ବୋଇଂ, ଫକ୍ସୱାଗନ ଭଳି ନିର୍ମାଣ କମ୍ପାନୀ ଥିବାବେଳେ ଫାଇଜର, ଅଷ୍ଟ୍ରାଜେନିକା ଭଳି ଔଷଧ କମ୍ପାନୀ ରହିଛନ୍ତି। ସେହିପରି ଏଏନ୍‌ଜେଡ୍ ଏବଂ ଏଚ୍ଏସ୍‌ବିସି ଭଳି ବ୍ୟାଙ୍କରେ ମଧ୍ୟ ସିସିପି ସଦସ୍ୟ ଅବସ୍ଥାପିତ ହୋଇଥିବା ଜଣାପଡ଼ିଛି। ଏଚ୍ଏସ୍‌ବିସି, ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କରେ ପ୍ରାୟ ୬୦୦ ସିସିପି ସଦସ୍ୟ ଥିବା ଡାଟାବେସ୍‌ରୁ ଜଣାପଡ଼ିଛି।

ଏଭଳି ତଥ୍ୟ ପ୍ରଘଟ ହେବା ବିଶ୍ୱରେ ପ୍ରଥମ ବୋଲି ବିଶ୍ୱାସ କରାଯାଉଥିବା ଅଷ୍ଟ୍ରେଲୀୟ ଖବରଦାତା ତଥା ସ୍କାଏ ନ୍ୟୁଜ୍‌ର ହୋଷ୍ଟ ଶାରି ମାର୍କସନ୍ କହିଛନ୍ତି। ସିସିପି ଏଜେଣ୍ଟମାନେ ଅଷ୍ଟ୍ରେଲିଆଠାରୁ ଆରମ୍ଭ କରି ଆମେରିକା, ବ୍ରିଟେନ୍ ଆଦି ବିଭିନ୍ନ ଦେଶରେ କାମ କରୁଛନ୍ତି। ଚାଇନା ରାଷ୍ଟ୍ରପତି ତଥା ସିସିପି ଅଧ୍ୟକ୍ଷ ଶି ଜିନ୍‌ପିଙ୍ଗ ସେମାନଙ୍କୁ କିପରି ପରିଚାଳନା କରୁଛନ୍ତି, ତାହା ଡାଟାବେସ୍‌ରୁ ଜଣାପଡ଼ିଯାଇଛି। ପାଶ୍ଚାତ୍ୟ କମ୍ପାନୀଗୁଡ଼ିକରେ ୭୯,୦୦୦ ସିସିପି ଶାଖା ସ୍ଥାପନ ହୋଇଛି। ଏହାର ସଦସ୍ୟମାନେ ଜିନ୍‌ପିଙ୍ଗ୍‌ଙ୍କ ପାଖରେ ପ୍ରତ୍ୟକ୍ଷ ଭାବେ ଉତ୍ତରଦାୟୀ। ଏମାନେ ଆହୁରି କେତେକ ବିଶ୍ୱସ୍ତରୀୟ କମ୍ପାନୀକୁ କବଳିତ କରିବାକୁ ଯୋଜନା କରୁଥିବା ମାର୍କସନ୍ କହିଛନ୍ତି।

୨୦୧୬ରେ ଚାଇନାର କେତେଜଣ ଅସନ୍ତୁଷ୍ଟ ସାଙ୍ଘାଇସ୍ଥିତ ସର୍ଭରରୁ ଏହି ତଥ୍ୟ ବାହାର କରିଥିଲେ। ଗୋଇନ୍ଦାଗିରି ଓ ଗୁପ୍ତଚର ବୃତ୍ତିରୁ ନିଜକୁ ବଞ୍ଚାଇବା ପାଇଁ ସେମାନେ ଉକ୍ତ ତଥ୍ୟକୁ ବ୍ୟବହାର କରୁଥିଲେ। ପରେ ଏହା ୪ଟି ଅନ୍ତର୍ଜାତୀୟ ଗଣମାଧ୍ୟମ ସଂଗଠନ ଦି ଅଷ୍ଟ୍ରେଲିଆନ୍, ବ୍ରିଟେନ୍‌ର ମେଲ୍ ଅନ୍ ସନ୍‌ଡେ, ବେଲ୍‌ଜିୟମ୍‌ର ଡି ଷ୍ଟାଣ୍ଡାର୍ଡ ଏବଂ ସ୍ୱିଡେନ୍‌ର ଜଣେ ସମ୍ପାଦକଙ୍କ ପାଖକୁ ପଠାଯିବା ପୂର୍ବରୁ ଚାଇନାର ଇଣ୍ଟରପାର୍ଲାମେଣ୍ଟାରି ଆଲିଆନ୍ସ ହାତରେ ପଡ଼ିଥିଲା। ଦି ଅଷ୍ଟ୍ରେଲିଆନ୍ ସିସିପି ସଦସ୍ୟମାନଙ୍କ ନାଁ ଉଲ୍ଲେଖ କରି ନ ଥିବାବେଳେ ସେମାନେ କାମ କରୁଥିବା ବିଭିନ୍ନ କମ୍ପାନୀର ନାମ ପ୍ରକାଶ କରିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୨୮,୨୫,୨୨୭ | ୧୬,୨୨,୦୬୬ | ୫,୧୦,୩୯,୫୦୯ |
| ଭାରତ | ୯୯,୦୪,୦୯୬ | ୧,୪୩,୭୧୦ | ୯୪,୧୮,୦୬୬ |
| ଓଡ଼ିଶା | ୩,୨୪,୦୮୯ | ୧୮୧୧(+୫୩) | ୩,୧୯,୦୬୯ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହାଇକୋର୍ଟ ଗଲେ ପ୍ରଦୀପ, ଆକାଶ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଓ ଠକେଇ ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି ଆଇଏଫଏସ୍ ଅଧିକାରୀ ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ । ତେବେ ଟାଟା ମୋଟର୍ସରେ ଚାକିରି କରାଇ ଦେବାକୁ କହି କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଜେଲ୍ ଯାଇଥିବା ଆକାଶଙ୍କୁ ଏବେ କ୍ରାଇମବ୍ରାଞ୍ଚ ୫ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି। ତେବେ ରିମାଣ୍ଡ ଅବଧି ନ ସରୁଣୁ ଆକାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ଆକାଶ ତାଙ୍କ ଓକିଲଙ୍କ ଜରିଆରେ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ପୂର୍ବରୁ ବାପା ଅଭୟକାନ୍ତ ମଧ୍ୟ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ ଏହି ଠକେଇ ଲିଙ୍କ୍‌ରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ହାଇକୋର୍ଟରେ ପହଞ୍ଚିଛନ୍ତି। ତାଙ୍କ ଓକିଲଙ୍କ ସହ ସାକ୍ଷାତ୍ କରାଇବା ନିମନ୍ତେ ସୁଯୋଗ ଦେବାକୁ ସେ ହାଇକୋର୍ଟରେ ରିଟ୍ ଫାଇଲ କରିଛନ୍ତି।

# ପଡ଼ିଆ ପଡ଼ିଛି ଶିଳ୍ପ ଅଧିକୃତ ଜମି

**ଶିଳ୍ପାୟନ ଦ୍ୱାରା ନିଯୁକ୍ତି ମିଳିବା ଆଶାରେ ଲୋକେ ନିଜ ପୈତୃକ ଜମିକୁ ଇଡ୍‌କୋ ହାତରେ ଟେକି ଦେଇଥିଲେ। ଏପରି କି ପ୍ରତିବାଦ ନ କରି କ୍ଷତିପୂରଣ ବାବଦରେ ଯାହା ମିଳିଲା ତାହା ଗ୍ରହଣ କରିଥିଲେ। ଜମି ହରାଇଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ପାଇ ଆର୍ଥିକ ଅବସ୍ଥାରେ ଉନ୍ନତି ହେବ ବୋଲି ସେମାନେ ମନୋଲୋଭା ପ୍ରତିଶ୍ରୁତି ପାଇଥିଲେ। ତେଣୁ ଘରଡିହ, ଜମି ଦେଇ ଶିଳ୍ପ କାରଖାନାକୁ ସ୍ୱାଗତ କଲେ। କିନ୍ତୁ କେତେକ ଶିଳ୍ପ କମ୍ପାନୀ ଇଡ୍‌କୋ ଦ୍ୱାରା ଅଧିଗୃହୀତ ଜମି ନେଇ ନୀରବି ଯାଇଛନ୍ତି। ତେଣୁ ନିଯୁକ୍ତି ପ୍ରତିଶ୍ରୁତି ଏବେ ସବୁ ଫସର ଫାଟିଛି।**

ହର୍ଷବର୍ଦ୍ଧନ ବେହେରା

ଯାଜପୁର ଅଫିସ,୧୪।୧୨

ରାଜ୍ୟ ସରକାରଙ୍କ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାରେ ପ୍ରାୟ ୩୦ ବର୍ଷ ତଳେ ଯାଜପୁର ଜିଲାରେ ବିପୁଳ ପରିମାଣରେ ଜଙ୍ଗଲ, ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ କରାଯାଇଛି। ଜିଲା ପ୍ରଶାସନର ତଥ୍ୟ ଅନୁସାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୯ ଶିଳ୍ପ କମ୍ପାନୀକୁ ୮୬୯୬.୭୪୮ ଏକର ଜମି ପ୍ରଦାନ କରାଯାଇଛି। ସେଥିରୁ ୩୩୪୭.୩୪୬ ଏକର ଜଙ୍ଗଲ, ୬୦୮.୪୦୭ ସରକାରୀ ଏବଂ ୪୬୪୦.୪୭୫ ଏକର ସାଧାରଣ ଲୋକଙ୍କ ଜମି ରହିଛି। ଏଥିମଧ୍ୟରୁ ୪ ଶିଳ୍ପ କମ୍ପାନୀ ୫ ବର୍ଷ ହେଲା ୧୯୩.୯୭ ଏକର ଜମି ହାତେଇ କୌଣସି ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି। ଏହାବାଦ୍ ୩୧୫୫.୬୮ ଏକର ଜମିରେ ଗଢ଼ିଉଠିଥିବା ୩ ବୃହତ୍ କମ୍ପାନୀ ବନ୍ଦ ପଡ଼ିଛି।

ମେସ୍କୋ ଗ୍ରୁପ୍ 'ମେସ୍କୋ କଳିଙ୍ଗ ଷ୍ଟିଲ ଲିମିଟେଡ୍' ନାମରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ପ୍ରାୟ ୨୪ ବର୍ଷ ତଳେ କଳିଙ୍ଗନଗର ଶିଳ୍ପାଞ୍ଚଳର ୨୫୦୦ ଏକର ଜମି ପାଇଥିଲା। ରାଜ୍ୟ ସରକାର ଇଡ୍‌କୋ ଜରିଆରେ ଉକ୍ତ ଜମି ମେସ୍କୋକୁ ହସ୍ତାନ୍ତର କରିଥିଲେ। ହେଲେ ଷ୍ଟିଲ୍ ପ୍ଲାଣ୍ଟ ନ ହେବାରୁ ଉକ୍ତ ଜମି ଫେରସ୍ତ କରିବା ପାଇଁ ଇଡ୍‌କୋ ପକ୍ଷରୁ ୨୦୦୩ ଜୁଲାଇରେ ମେସ୍କୋକୁ ନୋଟିସ ଦିଆଯାଇଥିଲା। ଏନେଇ ଦୀର୍ଘ ସମୟ ନ୍ୟାୟିକ ଲଢ଼େଇ ପରେ ରାଜ୍ୟ ସରକାର ଉକ୍ତ ବୃହତ୍ ପରିମାଣର ଜମିକୁ ୨୦୧୯ରେ ଫେରିପାଇଥିଲେ। କିନ୍ତୁ ସେହି ଜମି ବହୁତ ଦିନ ଧରି କୌଣସି କାମରେ ଲାଗିପାରିଲା ନାହିଁ। ଏଭଳିସ୍ଥଳେ ଶିଳ୍ପ ପାଇଁ ଆଗ୍ରହୀ ଥିବା କେତେକ କମ୍ପାନୀ ଜମି ନ ପାଇ ଫେରି ଯାଇଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଛୋଟବଡ଼ କମ୍ପାନୀ ଅପେକ୍ଷାରେ ରହିଛନ୍ତି। ଏହାସାଙ୍ଗକୁ କଳିଙ୍ଗନଗରରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ଏବଂ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟ ପରାହତ ହୋଇଛି।

ପ୍ରଶାସନିକ ସ୍ତରରେ ଶିଳ୍ପପାଇଁ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ଜମି ଅଧିଗ୍ରହଣ

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ୩୧୫୫ ଏକର ଜମିରେ ପ୍ରତିଷ୍ଠିତ ୩ ବୃହତ୍ ଶିଳ୍ପ ବନ୍ଦ
- ଉତ୍ପାଦନ, ରାଜସ୍ୱ ଓ ନିଯୁକ୍ତି ଲକ୍ଷ୍ୟ ପରାହତ

ବେଳେ ଓଡ଼ିଶା ଭୂସଂସ୍କାର ଆଇନର ବ୍ୟାପକ ଉଲ୍ଲଂଘନ କରାଯାଇଛି। କେତେଜଣ ଲୋକଙ୍କ ଜମି ଅଧିଗ୍ରହଣ ହୋଇଥିଲେ ହେଁ ଶିଳ୍ପଜନିତ ସୁବିଧାସୁଯୋଗ ପାଇବାରୁ ସେମାନେ ବଞ୍ଚିତ ହୋଇଥିବା କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଆସୁଛି। ଶତାଧିକ ଏକର ଜମି ହାତେଇ ବର୍ଷ ବର୍ଷ ଧରି କୌଣସି ଶିଳ୍ପ ପ୍ରତିଷ୍ଠା ନ କରାଯିବା ଯୋଗୁ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱ କ୍ଷତି ହୋଇଆସୁଛି। ଇଡ୍‌କୋ ଜରିଆରେ କେସିକା ମେଟାଲିକ୍ସ ଲିଃକୁ ୯୦.୯୨ ଏକର, ସି.ଜେ. ଡାର୍ସେଲ ଲଜିଷ୍ଟିକ ଲିଃକୁ ୧୦ ଏକର, ଚେଟିନାଡ୍ ସିମେଣ୍ଟ ଲିଃକୁ ୮୩ ଏକର ସରକାରୀ ଓ ପ୍ରଜାଙ୍କ ଜମି ଦିଆଯାଇଛି। କିନ୍ତୁ ଏହି ଶିଳ୍ପ କମ୍ପାନୀମାନେ କୌଣସି ଭିତ୍ତିଭୂମି ନିର୍ମାଣ ଆରମ୍ଭ କରିନାହାନ୍ତି। ଏହାବାଦ୍ ନୀଳାଚଳ ଇସ୍ପାତ ନିଗମ ଲିଃ ୨୫୦୦ ଏକର, ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ ୫୩୦.୬୮ ଏକର ଓ ମୈଥାନ ଇସ୍ପାତ ଲିଃ ୧୨୫ ଏକର ଜଙ୍ଗଲ, ସରକାରୀ ଓ ପ୍ରଜାଙ୍କ ଜମି ହାତେଇ ଶିଳ୍ପ ପ୍ରତିଷ୍ଠା କରିଥିଲେ ହେଁ ଗତ ପ୍ରାୟ ୩ ବର୍ଷ ମଧ୍ୟରେ ସେସବୁ ବନ୍ଦ ପଡ଼ିଛି। ଏହିସବୁ କାରଣ ଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୨୩ ହଜାର ଠିକା ଶ୍ରମିକ ନିଯୁକ୍ତି ହରାଇଥିବାବେଳେ ୪ ହଜାରରୁ ଉର୍ଦ୍ଧ୍ୱ ନିୟମିତ କର୍ମଚାରୀଙ୍କ ଜୀବିକା ଯାଇଛି।

ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ ଦ୍ୱାରା ବାର୍ଷିକ ୭ ମେଟ୍ରିକ ଟନ ହଟ୍‌ରୋଲ୍ଡ କୋଏଲ, ୱାଏର ରଡ୍, ବାର୍ ଓ ଲାଇଟ୍ ସେକ୍ସନ ଉତ୍ପାଦନ ଲକ୍ଷ୍ୟ ରହିଥିଲା। ଏଥିପାଇଁ ୧୯୯୬ରେ କଳିଙ୍ଗନଗର ବିଜୁ ପଟ୍ଟନାୟକ ମାର୍ଗ ଯଖପୁରା ଗ୍ରାମଠାରୁ ରାବଣା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ୧୨୫୦ ଏକର ଜମି ସମେତ ମୋଟ ୨୫୦୦ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଜମି ଦେଇଥିବା ଚାଷୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତି ବର୍ଗର। ସେମାନଙ୍କୁ ନିଯୁକ୍ତି ପ୍ରଲୋଭନ ଦିଆଯାଇଥିଲା। କିନ୍ତୁ ସେହି ଜମିରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରିଲାନାହିଁ। କିନ୍ତୁ ମେସ୍କୋ ଗ୍ରୁପ୍ ମାନପୁର ଗୋବିନ୍ଦପୁରଠାରେ ପୃଥକ୍ ୫୩୦.୬୮ ଏକର ଜମିରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଗଲା। ତାହା ୧୯୯୬ ଅଗଷ୍ଟରେ ଉତ୍ପାଦନକ୍ଷମ ହେଲା ବୋଲି ମେସ୍କୋ ଘୋଷଣା କରି ଯୋଡା ଖଣି ମଣ୍ଡଳରେ ୨ଟି ଖଣି ପାଇଥିଲା। କିନ୍ତୁ ଏହି ଷ୍ଟିଲ ପ୍ଲାଣ୍ଟ ଏବେ ପ୍ରାୟ ୩ ବର୍ଷ ହେଲା ବନ୍ଦ ହୋଇପଡ଼ିଥିବାବେଳେ ପାଖପାଖି ୫୦୦ ସ୍ଥାୟୀ ଓ ୪୦୦ ଠିକା କର୍ମଚାରୀ ନିଯୁକ୍ତି ହରାଇଛନ୍ତି।

ଶିଳ୍ପସଂସ୍ଥାଗୁଡ଼ିକ ପାଖରେ ବିପୁଳ ଜମି ପଡ଼ିଆ ପଡ଼ିବା କିମ୍ବା ଅକାମୀ ହୋଇ ରହିବା ଯୋଗୁ ସରକାର ଓ ଜନସାଧାରଣ ଉଭୟ କ୍ଷତିଗ୍ରସ୍ତ ହେଉଛନ୍ତି। ଉତ୍ପାଦନ, ରାଜସ୍ୱ ଓ ନିଯୁକ୍ତି ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଲୋକେ ଜମି ହରାଇ ସର୍ବହରା ହୋଇଥିବାବେଳେ ଶିଳ୍ପ ନାଁରେ ପୁଞ୍ଜିପତିମାନେ ଜମି କବ୍‌ଜା କରି ରଖିଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଜମି ନେଇଥିବା କେତେକ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ସେମାନେ ଖୁବ୍‌ଶୀଘ୍ର କମ୍ପାନୀ କାର୍ଯ୍ୟ ଆରମ୍ଭ କରିବେ।

# ୧୮ ହଜାର ମନ୍ଦିର ଖୋଲିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

- ମୋଡାଲିଟି ଫିକ୍ସ କଲେ ଦେବୋତ୍ତର କମିଶନର
- ସ୍ଥାନୀୟ ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ଜିଲାପାଳ ନେବେ
- ଟୁଇଟ୍ କରି ସୂଚନା ଦେଲେ ମୁଖ୍ୟ ଶାସନ ସଚିବ

ଶ୍ରୀମନ୍ଦିର ସହ ରାଜ୍ୟରେ ଅନ୍ୟାନ୍ୟ ମନ୍ଦିର ଖୋଲିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଖୋଲିବାକୁ ଗତ ସୋମବାର ନିଷ୍ପତ୍ତି ନିଆଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ଦେବୋତ୍ତର ବିଭାଗ ଅଧୀନରେ ଥିବା ୧୮ ହଜାର ମନ୍ଦିର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ମୋଡାଲିଟି ଫିକ୍ସ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି ଦେବୋତ୍ତର କମିଶନର। ତେବେ ମନ୍ଦିର ଖୋଲିବା ପାଇଁ କମିଶନ କେତେକ ନିୟମ ନିର୍ଦ୍ଧାରଣ କରିଥିବାବେଳେ କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରିବାକୁ ଉଲ୍ଲେଖ କରିଛନ୍ତି। ସେପଟେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଧର୍ମାନୁଷ୍ଠାନଗୁଡ଼ିକୁ ଖୋଲିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାରେ ଧର୍ମାନୁଷ୍ଠାନ ଖୋଲିବ କି ନାହିଁ, ସେ ନିଷ୍ପତ୍ତି ଜିଲାପାଳମାନେ ନେଇପାରିବେ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି।

କରୋନା କଟକଣା ମଧ୍ୟରେ ମନ୍ଦିର ଖୋଲିବାକୁ ଦେବୋତ୍ତର କମିଶନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ରକ୍ଷା କରି ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯିବ। ମନ୍ଦିର ପରିସରକୁ ବାରମ୍ବାର ବିଶୋଧନ କରାଯିବା ସହ ମନ୍ଦିର ଦ୍ୱାର ସାନିଟାଇଜ୍ ହେବ। ସେହିଭଳି ମନ୍ଦିର ମଧ୍ୟକୁ ଏକକାଳୀନ ଭକ୍ତଙ୍କ ପ୍ରବେଶକୁ ବାରଣ କରାଯିବ। ପୂଜାର୍ଚ୍ଚନା ନ କରି ଭକ୍ତମାନେ କେବଳ ଠାକୁରଙ୍କୁ ଦର୍ଶନ କରିପାରିବେ। ବାଡ଼ ପୂଜା କରିବାକୁ କମିଶନ ବାରଣ କରିଛନ୍ତି। ଏଥିସହ ମନ୍ଦିରରେ ପ୍ରବେଶ ପୂର୍ବରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହି କଟକଣାକୁ ମାନି ମନ୍ଦିର ଖୋଲାଯାଇ ପାରିବ ବୋଲି ଦେବୋତ୍ତର କମିଶନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। କଟକଣା ନ ମାନିଲେ ମନ୍ଦିର ଖୋଲିବ ନାହିଁ। ହେଲେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟ ସରକାର ନେବେ ବୋଲି ଦେବୋତ୍ତର ନିରୀକ୍ଷକ ନିରୋଜ ଛୋଟରାୟ ସୂଚନା ଦେଇଥିଲେ। ଏବେ ରାଜ୍ୟ ସରକାର ଏହାକୁ ଅନୁମତି ପ୍ରଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଟୁଇଟ୍ କରି ସୂଚନା ଦେଇଛନ୍ତି ଯେ, ସ୍ଥାନୀୟ ମନ୍ଦିର ଖୋଲିବା ନିଷ୍ପତ୍ତି ଜିଲାପାଳଙ୍କ ହାତରେ ରହିଛି। ଷ୍ଟେକ୍ ହୋଲ୍ଡରଙ୍କ ସହ ଆଲୋଚନା ଏବଂ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିବା ପରେ ମନ୍ଦିର ଖୋଲିବାକୁ ଜିଲାପାଳମାନେ ନିର୍ଦ୍ଦେଶ ଦେଇପାରିବେ। ବିଭିନ୍ନ ଜିଲାର ଧର୍ମପୀଠଗୁଡ଼ିକ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ତ୍ରିପାଠୀ ସୂଚନା ଦେଇଛନ୍ତି।

ସେପଟେ ଶ୍ରୀମନ୍ଦିର ଖୋଲିବା ପାଇଁ ମଧ୍ୟ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ମନ୍ଦିର ଖୋଲିବା ପରେ ଠାକୁର ଦର୍ଶନ ସମୟରେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯିବ। ପ୍ରାୟ ୯ ମାସ ପରେ ରାଜ୍ୟର ସମସ୍ତ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଯାଉଥିବାରୁ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ଆୟୁର୍ବେଦିକ, ହୋମିଓପାଥିକ୍ କଲେଜ ଖୋଲିବାକୁ ଅନୁମତି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ରାଜ୍ୟର ସମସ୍ତ ଆୟୁର୍ବେଦିକ ଓ ହୋମିଓପାଥିକ୍ କଲେଜ ଖୋଲିବା ପାଇଁ ସୋମବାର ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସାମାଜିକ ଦୂରତ୍ୱ ଓ କୋଭିଡ୍ ଗାଇଡ୍‌ଲାଇନ ପାଳନ କରି କଲେଜ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। କରୋନା ମହାମାରୀ ଯୋଗୁ ୯ ମାସ ହେଲାଣି ସ୍କୁଲ, କଲେଜ ବନ୍ଦ ରହିଛି। ତେବେ ଆୟୁର୍ବେଦିକ ଓ ହୋମିଓପାଥିକ୍ କଲେଜଗୁଡ଼ିକ ଖୋଲିବାକୁ କିଛିଦିନ ହେବ ଛାତ୍ରୀଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲା। କିନ୍ତୁ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଏସବୁ କଲେଜକୁ ଖୋଲିବା ପାଇଁ ଅନୁମତି ଦେଉ ନ ଥିଲେ। ବର୍ତ୍ତମାନ ରାଜ୍ୟରେ କରୋନା ସ୍ଥିତିରେ ବହୁ ପରିବର୍ତ୍ତନ ହୋଇଛି। ଦୈନିକ ସଂକ୍ରମଣ ସହ ମୃତ୍ୟୁସଂଖ୍ୟା ଢେର୍ କମିଯାଇଛି। ସ୍ଥିତି ସ୍ୱାଭାବିକ ହେଉଥିବାରୁ ରାଜ୍ୟ ସରକାର ବନ୍ଦ ଶିକ୍ଷାନୁଷ୍ଠାନକୁ ଧୀରେ ଧୀରେ ଖୋଲିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଥିବା ସମସ୍ତ ଆୟୁର୍ବେଦିକ ଓ ହୋମିଓପାଥିକ୍ କଲେଜ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି। ତେବେ ଖୁବ୍‌ଶୀଘ୍ର ଅନ୍ୟ କଲେଜ ଖୋଲିପାରେ। ଏ ନେଇ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି।



**ଆଜିର ମନ୍ତବ୍ୟ** "ଭାରତୀୟ ଯବାନଙ୍କ ବୀରତ୍ୱ ଓ ଦୁଃସାହସିକ ପଦକ୍ଷେପ ପିଏଲ୍ଏ ସୈନ୍ୟଙ୍କୁ ପଛକୁ ହଟିଯିବାକୁ ବାଧ କରିଥିଲା। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ସୁଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ବିଦ୍ୟୁତ୍ ଘରୋଇକରଣ ବନ୍ଦ ନ ହେଲେ ଶୁଳ୍କ ବଢ଼ିବ'

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**



ବିଦ୍ୟୁତ୍ ବଣ୍ଟନ କମ୍ପାନୀ ନେସ୍କୋ, ୱେସ୍କୋ ଏବଂ ସାଉଥ୍କୋର ପରିଚାଳନା ଭାର ରିଲାଏନ୍ସ ଏନର୍ଜୀକୁ ଦେଇ ଯେଉଁ କ୍ଷତି ସହିଛନ୍ତି, ତାକୁ ପର୍ଯ୍ୟାୟକ୍ରମେ ଗ୍ରୀଡ୍କୋ ଜରିଆରେ ଶୁଳ୍କ ବୃଦ୍ଧି କରି ଗ୍ରାହକଙ୍କଠାରୁ ଆଦାୟ କରିବା ଆରମ୍ଭ କରିଛନ୍ତି। ୨୦୨୦-୨୧ ବର୍ଷ ପାଇଁ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ଶୁଳ୍କ କମାଇବା ସହିତ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ମାଗଣା ବିଦ୍ୟୁତ୍ ଦେଉଛନ୍ତି। ଏପରିକି କୋଟି କୋଟି ଟଙ୍କା ସବ୍ସିଡି ଦେଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସାହାଯ୍ୟ କରୁଥିବା ବେଳେ ଓଡ଼ିଶା ସରକାର ନିଜ କମ୍ପାନୀ ଗ୍ରୀଡ୍କୋ, ଜଳ ବିଦ୍ୟୁତ୍ ନିଗମ, ଓପିଜିସି ଇତ୍ୟାଦିର ୨୦୨୧-୨୨ ବର୍ଷ ପାଇଁ ବିଦ୍ୟୁତ୍ ଦର ବୃଦ୍ଧି କରିବାକୁ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ଙ୍କ ନିକଟରେ ପ୍ରସ୍ତାବ ଦେଇଛନ୍ତି। ଘରୋଇକରଣ ବନ୍ଦ ନ ହେଲେ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ଶୁଳ୍କର ଚାପ ବଢ଼ିବା ସହିତ ଶୁଳ୍କ ବଢ଼ି ବଢ଼ି ଚାଲିବ। ଗ୍ରୀଡ୍କୋ ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀର ଅପାରଗତାକୁ ଘୋଡ଼ାଇବାକୁ ଯାଇ ଓଇଆରସି ଟାଟା ପାୱାରକୁ ଏକଚାଟିଆ ବ୍ୟବସାୟ କରିବାକୁ ସୁଯୋଗ ଦେବା ସହ ଘରୋଇ କମ୍ପାନୀକୁ ସୁହାଇଲା ଭଳି ଗ୍ରାହକଙ୍କ ଉପରେ ଶୁଳ୍କ ବୃଦ୍ଧି କରିବାକୁ ଯୋଜନା କରାଯାଉଛି। ଏପରି କଲେ ପ୍ରବଳ ଜନଅସନ୍ତୋଷ ଦେଖାଦେବ ବୋଲି ବିଦ୍ୟୁତ୍ ଶ୍ରମିକ, କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ରମେଶ ଶତପଥୀ କହିଛନ୍ତି। ସୋମବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତିଯେ, ସେସୁର ୫୧% ଶେୟାର ଟାଟା ପାୱାରକୁ ବିକ୍ରି କରିବା ପୂର୍ବରୁ ଆସେଟ୍ଗୁଡିକର ମୂଲ୍ୟାୟନ କରାଗଲା ନାହିଁ। ୧୯୯୫ରେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକାରୀ ହେବା ପୂର୍ବରୁ ତୃତୀୟ ପକ୍ଷ ଦ୍ୱାରା ଗ୍ରୀଡ୍କୋ, ଟିଟିପିଏଚ୍, ଓଏଚ୍ପିସି ଏବଂ ଓପିଜିସି ସମ୍ପତ୍ତିର ମୂଲ୍ୟାୟନ କରାଯାଇଥିବା ବେଳେ ସେସୁ, ନେସ୍କୋ, ୱେସ୍କୋ ଏବଂ ସାଉଥ୍କୋର ମୂଲ୍ୟାୟନ ତୃତୀୟ ପକ୍ଷଙ୍କ ଦ୍ୱାରା କରାଗଲା ନାହିଁ। ସେସୁର ୫୧% ଅଂଶଧନକୁ ବିକ୍ରି କରିବା ପୂର୍ବରୁ ଅତିକମ୍‌ରେ ୭ ହଜାର କୋଟି ଟଙ୍କା ବିଭିନ୍ନ ସରକାରୀ ଯୋଜନାରେ ଖର୍ଚ୍ଚ କରିଛନ୍ତି ତାହାର ହିସାବ ନାହିଁ। ସେସୁର ମାଲିକାନାକୁ ୨ ମାସ ନ ପୂରୁଣୁ ଟାଟା ପାୱାର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୩୪୪.୪୪ କୋଟି ଟଙ୍କାର ଏକ କ୍ୟାପେକ୍ସ ପିଟିଶନ ଓଇଆରସି ନିକଟରେ ଉପସ୍ଥାପନ କରିଛି। କେଉଁ ଡିଭିଜନରେ କେଉଁ କାର୍ଯ୍ୟ ହୋଇଛି, ସେଗୁଡିକର ସମସ୍ତ ତଥ୍ୟ ଓଇଆରସି ନିକଟରେ ଉପଭୋକ୍ତା ମହାସଂଘ ତରଫରୁ ଦାବି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ମିଳିଲା ନାହିଁ ବୋଲି ଶତପଥୀ ଅଭିଯୋଗ କରିଛନ୍ତି। ଓଇଆରସି ୱେସ୍କୋ ଏବଂ ସାଉଥ୍କୋର ୫୧% ଅଂଶଧନ ଟେକି ଦେଇ ଟାଟା ପାୱାରକୁ ମନମୁଖି ବ୍ୟବସାୟ କରିବାକୁ ଛାଡି ଦେଇଛନ୍ତି। ଏହାର ଫଳ ରାଜ୍ୟର ଉପଭୋକ୍ତାଙ୍କୁ ଭୋଗିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଓଏସ୍‌ସିବି କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ଯତୀନ୍ଦ୍ର ରାୟ, ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ସଭାପତି ପ୍ରଶାନ୍ତ ମହାପାତ୍ର, ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଲଳିତ ପଟ୍ଟନାୟକ, ସମ୍ପାଦକ ପ୍ରଣୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଲିଙ୍ଗରାଜଙ୍କ ପାଇଁ ...

ଏହି ଅଧ୍ୟାଦେଶରେ ମନ୍ଦିର ସୁପରିଚାଳନା ନିମନ୍ତେ ବିସ୍ତୃତ ବ୍ୟବସ୍ଥା କରାଯାଇଛି। ଲିଙ୍ଗରାଜ ମନ୍ଦିର ପାଇଁ ଏକ କମିଟି ଗଠନ ହେବ। କମିଟିର ସଭ୍ୟ ସଂଖ୍ୟା, ଏହାର ଦାୟିତ୍ୱ ଏବଂ କ୍ଷମତା, ପରିଚାଳକଙ୍କର କ୍ଷମତା ଓ ଦାୟିତ୍ୱ, ମନ୍ଦିରର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ସୁରକ୍ଷା ଏବଂ ପରିଚାଳନା, ସେବକମାନଙ୍କର ଭୂମିକା ଓ ଦାୟିତ୍ୱ, ମନ୍ଦିର ପାଣ୍ଠିର ଗଠନ ଓ ପରିଚାଳନା ଆଇନ ପରିସରଭୁକ୍ତ ହେବ। ଲିଙ୍ଗରାଜ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଅନେକ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକି ଅଗ୍ରାଧିକାର ଭିତ୍ତିରେ କରାଯିବା ଆବଶ୍ୟକ। ବିଧାନସଭା ମୁଲତବୀ ରହିଥିବାରୁ ରାଜ୍ୟ ସରକାର ଅଧ୍ୟାଦେଶ ଜରିଆରେ ନୂତନ ଆଇନର ବ୍ୟବସ୍ଥା କରିଛନ୍ତି।

କ୍ୟାବିନେଟ୍ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଲିଙ୍ଗରାଜ ମନ୍ଦିର ଓଡ଼ିଶାର ସର୍ବପୁରାତନ ଶୈବପୀଠ। ଏହାକୁ ହରିହରଙ୍କର ପୀଠ ମଧ୍ୟ କୁହାଯାଏ। କିମ୍ବଦନ୍ତୀ ଅନୁଯାୟୀ ଭକ୍ତମାନଙ୍କୁ ଏହା ସର୍ବଦା ଆକୃଷ୍ଟ କରି ଆସିଛି। ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କର ଏଠାରେ ସମାଗମ ଲାଗି ରହିଥାଏ। ନୀତିକାନ୍ତି ଓ ପୂଜାବିଧି ଅନୁଯାୟୀ ଲିଙ୍ଗରାଜ ମନ୍ଦିର ପୁରୀ ଶ୍ରୀମନ୍ଦିର ସହିତ ପ୍ରାୟତଃ ସମାନ। ଲିଙ୍ଗରାଜଙ୍କର ନୀତିକାନ୍ତି ବର୍ତ୍ତମାନ ଦେବୋତ୍ତର ଆଇନ ଅନୁଯାୟୀ ପରିଚାଳିତ ହେଉଛି। ରାଜ୍ୟର ସମସ୍ତ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର କମିଶନରଙ୍କ ଉପରେ ନ୍ୟସ୍ତ ଥିବାରୁ ଲିଙ୍ଗରାଜ ମନ୍ଦିର ପରିଚାଳନା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ସମ୍ଭବପର ହୋଇ ପାରୁ ନାହିଁ। ଏହାର ସୁପରିଚାଳନା ପାଇଁ ଜନସାଧାରଣ ଓ ସେବାୟତ ଦାବି କରି ଆସୁଥିଲେ। ଲିଙ୍ଗରାଜ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀ ଏହାର ପାରିପାର୍ଶ୍ୱିକ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସାମିଲ ଅଛନ୍ତି। ଗତ ୨ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ଲିଙ୍ଗରାଜଙ୍କ ପ୍ରକଳ୍ପର ପରିଦର୍ଶନରେ ଆସିଥିବା ବେଳେ ସେବାୟତମାନେ ମନ୍ଦିର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଆଇନ ଆଣିବାକୁ ଅନୁରୋଧ କରିଥିଲେ। ସ୍ୱତନ୍ତ୍ର ଆଇନ ଆଣିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମନ୍ଦିର ପରିଦର୍ଶନର ୧୪ ଦିନ ମଧ୍ୟରେ ଏହି ଯୁଗାନ୍ତକାରୀ ଅଧ୍ୟାଦେଶ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିଛି। ଏହି ଅଧ୍ୟାଦେଶ ମନ୍ଦିର ପରିଚାଳନା ଓ ରୀତିନୀତି ସମ୍ପନ୍ନ କରିବାରେ ବିଶେଷ ସହାୟକ ହେବ। ଏହା ବ୍ୟତୀତ ତୀର୍ଥଯାତ୍ରୀମାନଙ୍କୁ ଉନ୍ନତ ସେବା ଯୋଗାଇ ପାରିବ। ଏତତ୍ ବ୍ୟତୀତ ଏହି ଅଧ୍ୟାଦେଶ ମନ୍ଦିର ସମ୍ପତ୍ତିର ସୁରକ୍ଷାକୁ ସଶକ୍ତ କରିବ। ରାଜ୍ୟ ସରକାର ଲୋକମାନଙ୍କର ବିକାଶ ପାଇଁ ଅହରହ କାର୍ଯ୍ୟକରି ଆସୁଛନ୍ତି ବୋଲି ପୂଜାରୀ କହିଛନ୍ତି। କ୍ୟାବିନେଟ୍‌ରେ ଯାଜପୁର, ପୁରୀ ମେଡିକାଲ କଲେଜ ଟେଣ୍ଡରକୁ ମିଶାଇ ମୋଟ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଗୃହୀତ କରାଯାଇଛି।

### ଟିକା ପାଇଁ ପଞ୍ଜୀକରଣ ...

ବ୍ୟବହାର କରାଯିବ। ଗୋଟିଏରେ ହିତାଧିକାରୀ ପ୍ରତୀକ୍ଷା କରିବେ, ଅନ୍ୟଟିରେ ଟିକା ଦିଆଯିବ ଓ ତୃତୀୟ ପ୍ରକୋଷ୍ଠରେ ସେମାନଙ୍କ ଉପରେ ଟିକାର ପ୍ରଭାବ ଅନୁଧ୍ୟାନ କରାଯିବ। ପ୍ରାଥମିକତା ଭିତ୍ତିରେ ଯେଉଁମାନେ ପୂର୍ବରୁ ନାମ ପଞ୍ଜୀକରଣ କରିଥିବେ କେବଳ ସେହିମାନଙ୍କୁ ଟିକା ଦିଆଯିବ। ଟିକାଦାନ ସ୍ଥାନରେ ତତ୍କାଳ ପଞ୍ଜୀକରଣ ବ୍ୟବସ୍ଥା ନାହିଁ। ବିଭିନ୍ନ କମ୍ପାନୀର ଟିକା ଯେପରି ପରସ୍ପର ମଧ୍ୟରେ ନ ମିଶେ, ସେଥିପାଇଁ ଗୋଟିଏ ଜିଲ୍ଲାକୁ ଗୋଟିଏ କମ୍ପାନୀର ଟିକା ପଠାଯିବ। ଟିକା ଓ ଏହାକୁ ନିଆଯାଉଥିବା କେରିୟର, ଆଇସ୍ ପ୍ୟାକ୍ ଆଦିରେ ଯେପରି ସୂର୍ଯ୍ୟକିରଣ ନ ପଡ଼େ ସେଥିପ୍ରତି ଦୃଷ୍ଟିଦେବାକୁ ହେବ। ଟିକା ଦିଆଯିବା ପର୍ଯ୍ୟନ୍ତ ଏହାକୁ କେରିୟର ଭିତରେ ବନ୍ଦ କରି ରଖାଯିବ। ଟିକା ଉପରେ ଭାକ୍ସିନ ଭାଏଲ୍ ମନିଟର (ଭିଭିଏମ୍) ଏବଂ ଏକ୍ସପାଏରି ତାରିଖ ନ ଥାଇପାରେ। ସେଥିପାଇଁ ଟିକା ଦେଉଥିବା ବ୍ୟକ୍ତି ନିରୁତ୍ସାହିତ ହେବାର କାରଣ ନାହିଁ। ଟିକାକରଣ ପରେ ସମସ୍ତ ଆଇସ୍ ପ୍ୟାକ୍, ଖୋଲାଯାଇ ନ ଥିବା ଟିକା ଆବଣ୍ଟନ କରୁଥିବା କୋଲ୍ଡଚେନ୍ ପଏଣ୍ଟକୁ ଫେରାଇଦିଆଯିବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ଟିକାକରଣର କାର୍ଯ୍ୟକାରିତା ଓ ସଫଳତା ମାର୍ଗରେ ବିଭିନ୍ନ ଚ୍ୟାଲେଞ୍ଜ ଆସିପାରେ। ଏହାକୁ ଦୂର କରିବାରେ ସମ୍ପୂର୍ଣ୍ଣ ସାମାଜିକ ସଚେତନତା ସୃଷ୍ଟି ଲାଗି ଏକ ସମନ୍ୱିତ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି। ଟିକା ସମ୍ପର୍କିତ ସବିଶେଷ ସୂଚନା ୧୩୦ କୋଟି ଦେଶବାସୀଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ଟିକା ପ୍ରଦାନରେ ବିଭିନ୍ନ ବର୍ଗଙ୍କୁ ପ୍ରାଥମିକତା ଦେବା ଲାଗି ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଜନସାଧାରଣଙ୍କ ମନରେ ଥିବା ପ୍ରଶ୍ନର ଉତ୍ତର ମିଳିବା ଉଚିତ। ସେହିପରି ଟିକାର ପ୍ରତିକୂଳ ପ୍ରଭାବ ନେଇ ରହିଥିବା ଆଶଙ୍କାକୁ ମଧ୍ୟ ଦୂର କରାଯିବା ଆବଶ୍ୟକ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ପ୍ରଥମେ ସ୍ୱାସ୍ଥ୍ୟକର୍ମୀ, ଆଗଧାଡ଼ିର କର୍ମଚାରୀ ଏବଂ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବିଭିନ୍ନ ରୋଗ ଥିବା ବ୍ୟକ୍ତିଙ୍କୁ ଟିକା ଦିଆଯିବ।

### ଯାଜପୁର, ପୁରୀରେ ...

ବ୍ୟୟ ବରାଦ କରାଯାଇଛି। ଯାଜପୁରରେ ନୂତନ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ହେବାକୁ ଥିବା ବେଳେ ପୁରୀ ଜିଲା ସରକାରୀ ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରାଯିବ। ଉଭୟ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ ହେବ। ଉଭୟ ହସ୍ପିଟାଲର ଟେଣ୍ଡରକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦନ କରାଯାଇଛି। ଯାଜପୁରଠାରେ ୧୦୦ ସିଟ୍ ବିଶିଷ୍ଟ ଏକ ମେଡିକାଲ କଲେଜ ଏବଂ ୫୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ହସ୍ପିଟାଲର ନିର୍ମାଣ ପାଇଁ ୪୨୬ କୋଟି ୫୧ ଲକ୍ଷ ୩୧ ହଜାର ଟଙ୍କା ଆକଳନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏ ନେଇ ଡକାଯାଇଥିବା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ସେହିପରି ପୁରୀଠାରେ ଥିବା ସରକାରୀ ମେଡିକାଲ ହସ୍ପିଟାଲକୁ ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜରେ ପରିଣତ ନିମନ୍ତେ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୨୨୪ କୋଟି ୫୫ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ଡକାଯାଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟ ୩୬ ମାସରେ ଶେଷ ହେବ। ଉଭୟ ହସ୍ପିଟାଲର ନିର୍ମାଣ ଟେଣ୍ଡର ଏଲ ଆଣ୍ଡ ଟି ଲିମିଟେଡ୍‌କୁ ମିଳିଛି। କ୍ୟାବିନେଟ୍ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଯାଜପୁର ଜିଲାର ସର୍ବାଙ୍ଗୀନ ଉନ୍ନତି କରିବା ସ୍ୱର୍ଗତ ବିଜୁବାବୁଙ୍କର ସ୍ୱପ୍ନ ଥିଲା। ତାଙ୍କର ସେହି ସ୍ୱପ୍ନକୁ ସାକାର କରିବା ପାଇଁ କଳିଙ୍ଗନଗରଠାରେ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ହୋଇଛି। ଏହା ଜିଲାକୁ ଶିଳ୍ପ ସମୃଦ୍ଧ କରିଛି। ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉକ୍ତ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୁରୀକୁ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ। ପୁରୀର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଏହାକୁ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଭାବରେ ପରିଚିତ କରାଇବା ସହିତ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପୁରୀ ସରକାରୀ ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

- ଖର୍ଚ୍ଚ ହେବ ୬୫୧.୦୭ କୋଟି
- ୩୬ ମାସରେ ନିର୍ମାଣ କାର୍ଯ୍ୟ ଶେଷ ହେବ
- ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ

# ରାଜ୍ୟଗୁଡ଼ିକୁ ୬ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୧୪।୧୨**

**ଓଡ଼ିଶା ପାଇଛି ୧୭୪୬ କୋଟି**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷତିପୂରଣ ରାଶି ଭାବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସପ୍ତମ କିସ୍ତି ଭାବେ ଆଉ ୬ ହଜାର କୋଟି ଟଙ୍କା ସୋମବାର ପ୍ରଦାନ କରିଛନ୍ତି। ସରକାର ଏବେ ସୁଦ୍ଧା ରାଜ୍ୟଗୁଡିକୁ ୪୨ ହଜାର କୋଟି ଟଙ୍କା ଏହି ବାବଦ ଅର୍ଥ ଯୋଗାଇ ଦେଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଓଡ଼ିଶା ଏହି ବାବଦକୁ ୧୭୪୬.୧୩ କୋଟି ଟଙ୍କା ପାଇଲାଣି। ସେହିଭଳି ରାଜ୍ୟ ୨୮୫୮ କୋଟି ଟଙ୍କା ଋଣ କରିବା ଲାଗି ଅନୁମତି ମିଳିଛି। ଏହାବାଦ ବର୍ତ୍ତମାନ ପ୍ରଦାନ କରାଯାଇଥିବା ୬ ହଜାର କୋଟି ଟଙ୍କା ମଧ୍ୟରୁ ୨୩ ରାଜ୍ୟ ୫୫୧୬ କୋଟି ଟଙ୍କା ପାଇବେ। ଦିଲ୍ଲୀ, ଜମ୍ମୁ ଆଣ୍ଡ କଶ୍ମୀର ଓ ପୁଡୁଚେରୀ ଭଳି ୩ କେନ୍ଦ୍ର ଶାସିତ ଅଞ୍ଚଳକୁ ୪୮୩.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ ଏବଂ ସିକିମ ଭଳି ୫ ରାଜ୍ୟ କ୍ଷତି ସହିନ ଥିବାରୁ କ୍ଷତିପୂରଣ ରାଶି ପାଇ ନ ଥିବା ମନ୍ତ୍ରଣାଳୟ କହିଛି। ଅକ୍ଟୋବର ମାସରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଋଣ ୱିଣ୍ଡୋ ଗଠନ କରିଛନ୍ତି। ରାଜ୍ୟଗୁଡିକ ଲାଗି କେନ୍ଦ୍ର ୧.୧୦ ଲକ୍ଷ କୋଟି ଟଙ୍କାର ଋଣ କରି କିସ୍ତିରେ ଏହାକୁ ପ୍ରଦାନ କରୁଛି। ଏହାବାଦ୍ ଅତିରିକ୍ତ ଋଣ କରିବା ଲାଗି ରାଜ୍ୟଗୁଡ଼ିକୁ ଅନୁମତି ପ୍ରଦାନ କରାଯାଇଛି। ରାଜ୍ୟ ସେମାନଙ୍କ ମୋଟ ରାଜ୍ୟ ଜିଡିପି(ଏସ୍‌ଜିଡିପି)ର ୦.୫୦% ଋଣ କରିପାରିବେ ବୋଲି ଅନୁମତି ପ୍ରଦାନ କରାଯାଇଛି। ବିକଳ୍ପ ୧ ଚୟନ କରିଥିବା ରାଜ୍ୟ ଏଭଳି ସୁବିଧା ନେଇପାରିବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପେ ଖାଇଛନ୍ତି ତାଳ**
**ପୁଅଙ୍କ ପାଇଁକି କାଳ**

କରାଯାଇଥିବା ଋଣ ଯଦି ଠିକ୍ ସମୟରେ ପଇଠ କରା ନ ଯାଏ ତେବେ ତାହାର ସୁଧମୂଳ ବହୁ ପରିମାଣରେ ବଢ଼ିଯାଇଥାଏ, ଯାହାକୁ ଶୁଝିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥାଏ। ସେହିପରି ଜଣେ ଯଦି ଋଣ କରି ନିଜ ଜୀବଦ୍ଦଶାରେ ଶୁଝି ନ ପାରନ୍ତି ତେବେ ତା'ର ପୁଅ ଋଣ ଶୁଝିବାକୁ ବାଧ୍ୟ ହୋଇଥାନ୍ତି। ବାପ କରିଥିବା ଋଣ ବଢ଼ିଯାଇ ପୁଅକୁ ବିପଦରେ ପକାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣିଆ ଘଇତା ଯାହାର**
**ନିତି ନୂଆ ଅଳଙ୍କାର ତାହାର**

ସ୍ୱାମୀ ଯାହାର ସୁନା ରୁପା ବ୍ୟବସାୟ କରେ, ତା' ପାଇଁ ନୂଆ ଅଳଙ୍କାର ଅପୂର୍ବ ହୋଇ ନ ଥାଏ। ପରୋକ୍ଷରେ ସ୍ୱାମୀ ଯୋଗ୍ୟ ହୋଇଥିଲେ ସ୍ତ୍ରୀ ସର୍ବସୁଖ ଲାଭ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ:** ଆଜି ଯେକୌଣସି କ୍ଷେତ୍ରରେ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି।

**ବୃଷ:** ଚାହୁଁଥିବା ଜିନିଷ ପାଇବା ଓ ଆଶା କରୁଥିବା କାମରେ ସଫଳତା ହେତୁ ମାନସିକ ସ୍ଥିତି ଭଲ ରହିବ। ଘରୋଇ ଝମେଲାରୁ ମନ ଭଲ ରହିବ ନାହିଁ। ପୁନଶ୍ଚ କେତେକ କ୍ଷେତ୍ରରେ ମନ ବଳାଇବେ, ଯାହା କି ଅନର୍ଥର କାରଣ ହୋଇପାରେ। ସକାଳ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ହଜିବାର ସମ୍ଭାବନା ରହିଛି।

**ମିଥୁନ:** ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ଏଥିପାଇଁ କିଛିଟା ବୁଦ୍ଧିର ଖେଳ ଖେଳିବାକୁ ପଡିପାରେ। ପୁନର୍ବସୁ ନକ୍ଷତ୍ରର ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସୂଚନା ରହିଛି। ବନ୍ଧୁଙ୍କ କଥାକୁ ଓଲଟା ବୁଝି ମନ ଭାରାକ୍ରାନ୍ତ ହେବ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ।

**କର୍କଟ:** ଆଗାମୀ ସମୟର ପରିସ୍ଥିତି ଜଟିଳ ମନେ କରି ବିବ୍ରତବୋଧ କରିପାରନ୍ତି। ଅର୍ଥ ସଂକଟ ହେତୁ ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରସ୍ପରିକ ଜିଦ୍‌ଖୋର ମନୋବୃତ୍ତି ହେତୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ।

**ସିଂହ:** ପ୍ରତ୍ୟୁଷରୁ ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡିପାରେ। କଠିନ ପରିଶ୍ରମ କିମ୍ବା ବିଶେଷ ଭ୍ରମଣଜନିତ କ୍ଲାନ୍ତିବୋଧ କରିବେ। ବନ୍ଧୁଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ ସ୍ଥଗିତ କାମଗୁଡ଼ିକୁ ଆରମ୍ଭ କରିବାକୁ ମନ ବଳାଇବେ। ବିଭିନ୍ନ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା:** ବାଲ୍ୟବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ନିଜକୁ ପ୍ରସ୍ତୁତ କରିପାରନ୍ତି। ଜଣେ ସହକର୍ମୀଙ୍କଠାରୁ ଅର୍ଥ ସାହାଯ୍ୟ ପାଇବେ। ମାଲିମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା:** କୌଣସି ବନ୍ଧୁଙ୍କ ଉପରେ ସାଧାରଣ କଥାରେ ରାଗି ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ନିଜ ଦୋଷରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା:** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଅଫିସ୍‌ରେ ଉଚ୍ଚାଧିକାରୀଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ଭୁଲ୍‌ବୁଝାମଣା ହେତୁକ ସମସ୍ୟାକୁ ସୁଧାରିବାକୁ ଉଦ୍ୟମ ଚଳାଇପାରନ୍ତି। ଆଜି ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରନ୍ତୁ। ବାକି ରହିଥିବା ଟଙ୍କା ସହକର୍ମୀଙ୍କ ସହାୟତାରେ ପାଇଯିବେ।

**ମକର:** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ମାତ୍ର ତରବରିଆ ଭାବେ ଯାଆନ୍ତୁ ନାହିଁ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡୋଶୀ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ସାମ୍ବାଦିକତାରେ ପ୍ରଶଂସିତ ହେବେ। ସମ୍ପର୍କୀୟ ହତାଦର କରି ପରୋକ୍ଷ ଶତ୍ରୁତା କରିପାରନ୍ତି।

**କୁମ୍ଭ:** କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟା କରି ସଫଳତା ପାଇବେ। ଆର୍ଥିକ ଉନ୍ନତି ଘଟିବ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ, ପରିବହନରୁ ବହୁତ ଲାଭ ପାଇବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ:** ପ୍ରତିବନ୍ଧକ ମଧ୍ୟରେ ବହୁତ ଦିନରୁ ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚିତ ହେବେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ।

ଆଜି ଧନୁ ସଂକ୍ରାନ୍ତି, ମାର୍ଗଶିର ଶୁକ୍ଳ ପ୍ରତିପଦା ମଙ୍ଗଳବାର, ଶ୍ରୀମନ୍ଦିରରେ ଶେଷ ଦେବ ଦୀପାବଳି, ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ମୂଳା/ଧନୁ, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୧୭ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୦୭.୪୪ମି. ଗତେ ଘ.୧୧.୨୦ମି. ମଧ୍ୟେ ଅମୃତବେଳା। ସନ୍ଧ୍ୟା ଘ.୦୫.୦୬ମି. ଗତେ ଘ.୦୭.୪୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୨୪ମି. ଗତେ ଘ.୦୩.୪୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395. D-70117

ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2kms ମଧ୍ୟରେ gharabari boundary plot କିଣନ୍ତୁ। 7008492511. D-69356

Pahala Jagannath ମନ୍ଦିର ନିକଟରେ developed demarcated gharabari plot କିଣନ୍ତୁ। 9937166932. D-69357

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766. D-19150

**PURCHASE**

Required 50 to 300 acres of agriculture land (1-2lakhs per acre) only Ganjam District. Contact: 7990065093. D-70057

Land requires for plotting project in around Bhubaneswar, 9937816565, 9937568585. D-70123

**construction**

Constructs your home in branded materials @ 1190/- Tata road, Ultratech Cement delivery timely, 8217477600. D-70054

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**GENERAL**

**SALE**

1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801. D-19207

**to-let**

3BHK flat in Keshari Palace, Delta Chhack, Fire Station. 9000004523. D-19234

**healthcare**

Newly open Saikrupa Panchakarma and Spa. Contact: 8984068077. D-19124

Herbal full body massage by expert lady therapist. 9437453813. D-69946

Refreshing your mind & body with best therapy at Lotus Spa. 8018234866 D-69592

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047

Newly open full body massage Ladies and Gents. 9337349409. D-69591

Revitalize your self with our ayurvedic massage and refreshment, Call: 7381239385. D-70055

Experience full body massage with expert therapists. Call: 7377048581. D-70056

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଆଜିଠୁ ପହିଲି ଭୋଗ**

**ପୁରୀ ଅଫିସ:** ମଙ୍ଗଳବାର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କର ପହିଲି ଭୋଗ ନୀତି ଆରମ୍ଭ ହେବ। ଧନୁ ସଂକ୍ରାନ୍ତିଠାରୁ ଏହି ନୀତି ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ଏହ ନୀତିକାନ୍ତି ଅନୁଯାୟୀ, ଭୋର ୩ଟାରେ ଦ୍ୱାର ଫିଟିବ। ରାତି ୧୦ଟାରେ ବଡ଼ସିଂହାର ବେଶ ଓ ୧୧ଟାରେ ପହୁଡ ନୀତି ହେବ। ସେହିଭଳି ସକାଳ ଧୂପ ସକାଳ ୭ଟା ୩୦ରୁ ୯ଟା ଓ ମଧ୍ୟାହ୍ନ ଧୂପ ଦିନ ୧୧ଟାରୁ ୧୨ଟା ୩୦ ମଧ୍ୟରେ ଲାଗି ହେବ। କାର୍ତ୍ତିକ ମାସରେ ଏହି ନୀତି ନେଇ ସମୀକ୍ଷା ବୈଠକ ହୋଇଥିବା ବେଳେ ଧାର୍ଯ୍ୟ ସୂଚୀ ଅନୁଯାୟୀ ନୀତିକାନ୍ତି ହେବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଏହି ନୀତି ନିର୍ଘଣ୍ଟ ଆସନ୍ତା ୧୫ ରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।




# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସୋହିନୀ

## ଲକ୍ଷ୍ୟ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

**ଖୋର୍ଦ୍ଧା/ବାଲେଶ୍ୱର ଅଫିସ, ୧୪।୧୨**

ଖୋର୍ଦ୍ଧା ଜିଲା କାଇମାଟିଆ ଗ୍ରାମର କମଳେନ୍ଦୁ ନାୟକ ଏବଂ ରଞ୍ଜନା ରାଣୀ ଦାସଙ୍କ ଝିଅ ସୋହିନୀ ନାୟକ। ବୟସ ୩ ବର୍ଷ ୭ ମାସ। ଏହି ବୟସରେ ପିଲାମାନେ ନାଚଗୀତ, ଖେଳକୁଦରେ ମସ୍‌ଗୁଲ ଥିବା ବେଳେ ସେ କିନ୍ତୁ ସମସ୍ତଙ୍କଠାରୁ ଟିକିଏ ନିଆରା। ନିକଟରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ (ଆଇବିଆର)ରେ ସୋହିନୀଙ୍କ ନାମ ସ୍ଥାନ ପାଇଛି। ସଂସ୍ଥା ପକ୍ଷରୁ ସେ ମାନପତ୍ର, ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୋହିନୀ ୧୪୩ଟି ଦେଶର ନାମ, ପର୍ଯ୍ୟାୟ ସାରଣୀର ମୌଳିକ (ଏଲିମେଣ୍ଟ୍ସ ଅଫ୍ ପିରିୟଡିକ ଟେବୁଲ) ଗୁଡିକର ନାମ, ୧୮ଟି ଭାରତୀୟ ଜାତୀୟ ସଙ୍କେତ, ସୌର ମଣ୍ଡଳ ଗ୍ରହଙ୍କ ଅବସ୍ଥିତି ପ୍ରାଞ୍ଜଳ ଭାବେ ବର୍ଣ୍ଣନା କହିପାରନ୍ତି।



ମା'ବାପା ଓ ପୁରସ୍କାର ସହ ସୋହିନୀ।

ଏଥିସହ ମାନଚିତ୍ର ଦେଖି ୮୩ଟି ଦେଶର ନାମ, ମଣିଷ ଶରୀରର ଅଙ୍ଗପ୍ରତ୍ୟଙ୍ଗ ନାମ କହିବା ସହ ସେମାନଙ୍କ କାର୍ଯ୍ୟ ବର୍ଣ୍ଣନା କରନ୍ତି। ସୋହିନୀ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇବା ଲାଗି ତାଙ୍କ ପରିବାର ଉଦ୍ୟମ ଜାରି ରଖିଛନ୍ତି। ବାପା କମଳେନ୍ଦୁ ନାୟକ, ମା' ରଞ୍ଜନା, ଜେଜେବାପା ଭରତ ନାୟକ, ଜେଜେମା' ପ୍ରତିମା କୁମାରୀ, ଅଜା ଅବସରପ୍ରାପ୍ତ ରସାୟନ ବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର ନାଥ ଦାସ ଓ ଆଈ ଆନନ୍ଦିନୀ ସୋହିନୀଙ୍କ ବିସ୍ମୟ ପ୍ରତିଭାକୁ ପରଖିଥିଲେ। ଆଗାମୀ ଦିନରେ ସୋହିନୀ 'ମ୍ୟାପ୍‌ର ଆଉଟ୍‌ଲାଇନ୍' ବିଷୟକୁ ନେଇ ଗିନିଜ୍ ୱାର୍ଲ୍ଡ ରେକର୍ଡ଼ ନିମନ୍ତେ ପ୍ରସ୍ତୁତ ହେଉଥିବା ତାଙ୍କ ମା' ସୂଚନା ଦେଇଛନ୍ତି।

# ବୋଲେରୋ ଦୁର୍ଘଟଣାରେ ୨ ମୃତ

**କାମାକ୍ଷାନଗର, ୧୪।୧୨ (ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ଡୋଲିଆ ନିକଟରେ ସୋମବାର ସନ୍ଧ୍ୟାରେ ଗଛରେ ପିଟିହୋଇ ଏକ ବୋଲେରୋ (ନଂ. ଓଡ଼ି ୧୯ ଡ଼ି ୬୭୨୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବିମଳା ଦାସ ଏବଂ ଘାଉରୀ ଦାସ। ଗୁରୁତର ଚେମେଣି ବେହେରା (୫୦), ସମ୍ପଦା ପ୍ରଧାନ (୫୨), ହାରା ଦାସ (୪୦)ଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡ୍ରାଇଭର ରାଜେଶ ବେହେରାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନୁଗୋଳ ଜିଲା ସମଲ ଥାନା ଲଙ୍ଗଳଖୋଲ ଗ୍ରାମ ଜଣେ ଯୁବତୀଙ୍କ ବିବାହ କଙ୍କଡ଼ାହାଡ଼ ବ୍ଲକ ବାମ ଗ୍ରାମରେ ହୋଇଛି। ସମ୍ପୃକ୍ତ ଝିଅଙ୍କୁ ଶାଶୁଘରେ ଛାଡ଼ିବାକୁ ଉକ୍ତ ବୋଲେରୋରେ କେତେଜଣ ସମ୍ପର୍କୀୟ ଆସିଥିଲେ। ଘରକୁ ଫେରିବା ରାସ୍ତାରେ ଭାରସାମ୍ୟ ହରାଇ ଗାଡ଼ିଟି ଏକ ଗଛରେ ପିଟି ହୋଇଯାଇଥିଲା।

# ଟ୍ରାକ୍ଟର ତଳେ ଚାପି ହୋଇ ଯୁବକଙ୍କ ମୃତ୍ୟୁ

**ବୌଦ୍ଧ/ବାଉଁଶୁଣୀ, ୧୪।୧୨(ସ୍ୱ.ପ୍ର/ଡି.ଏନ.ଏ.):** ବୌଦ୍ଧ ଜିଲା ପୁରୁଣା ବହିରା ଗ୍ରାମରେ ସୋମବାର ଧାନ ଖଳାରେ ଧାନ ମଡାଉଥିବା ବେଳେ ଟ୍ରାକ୍ଟର ତଳେ ଚାପି ହୋଇ ଯୁବକଙ୍କ ମୃତ୍ୟୁ ଘଟିଛି। ପୁରୁଣା ବହିରା ଗ୍ରାମର ପଦ୍ମ ସାହୁ (୩୫) ସକାଳୁ ନିଜ ଭାଇଙ୍କ ସହ ଖଳାରେ ଟ୍ରାକ୍ଟର ଯୋଗେ ଧାନ ମଡାଉଥିଲେ। ଏହି ସମୟରେ ଅସାବଧାନତା କାରଣରୁ ପଦ୍ମ ଟ୍ରାକ୍ଟର ତଳେ ପଡି ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବାଉଁଶୁଣୀ ପୋଲିସ ଟ୍ରାକ୍ଟର ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି।

# ଶୀତ ଗାଏବ: ୧୬ରେ ବର୍ଷା ସମ୍ଭାବନା ୧୯ରୁ ବଢ଼ିପାରେ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ):** ଡିସେମ୍ବର ମାସ ଅଧା ହେବାକୁ ବସିଲାଣି। ରାଜ୍ୟରେ ଶୀତ ଗାଏବ ହୋଇଯାଇଛି। ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ରାଜ୍ୟକୁ ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଛି। ଫଳରେ ଗତ କିଛି ଦିନ ହେବ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଏପରିକି ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସକୁ ମଧ ଛୁଇଁଛି। ଆସନ୍ତା ୧୬ ତାରିଖରେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୧୯ରୁ ସର୍ବନସିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବ। ଶୀତ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ। କନ୍ଧମାଳ, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ସୁନ୍ଦରଗଡ, କେନ୍ଦୁଝର ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ଗତ କିଛିଦିନ ହେବ ରାଜ୍ୟରେ ଶୀତ କମିଯାଇଛି। ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀ ଓ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ ୧୩, କୋରାପୁଟ ୧୩.୨, ଅନୁଗୋଳ ୧୪.୮, ବୌଦ୍ଧ ୧୫.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ପରକୀୟାପ୍ରୀତି ପାଇଁ ଭାଣିଜୀଙ୍କୁ ହତ୍ୟା

## ନିଖୋଜ ଶିଶୁଙ୍କ ମୃତଦେହ ଜବତ

**ବାଲିଆପାଳ, ୧୪।୧୨(ସ୍ୱ.ପ୍ର.)**

ନୟାଗଡର ପରୀ, ସ୍ୱାତୀ, ଯାଜପୁରର ପିହୁଙ୍କୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଥମି ନ ଥିବା ବେଳେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଞ୍ଚଳରୁ ଆଉ ଜଣେ ଶିଶୁକନ୍ୟା ନିଖୋଜ ଓ ପରେ ମୃତଦେହ ଜବତ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ମାଇଁ ଓ ସମ୍ପର୍କୀୟ ମାମୁଙ୍କ ପରକୀୟା ପ୍ରୀତି ନେଇ ଏହି ନିଷ୍ପାପ ଶିଶୁକନ୍ୟାଙ୍କ ଜୀବନ ଯାଇଥିବା ପୋଲିସ ସୂଚନା ଦେଇଛି।

୭ ବର୍ଷୀୟା ସମ୍ପୃକ୍ତ ଶିଶୁକନ୍ୟା ମାମୁ ଘରେ ରହିଆସୁଥିଲେ। ଗତ ୧୧ ତାରିଖରେ ଉକ୍ତ ଅଞ୍ଚଳର ଲୋକମାନେ ପେଟ୍ରୋକେମିକାଲ ପ୍ରକଳ୍ପ ଓ ବନ୍ଦର ନିର୍ମାଣ କାର୍ଯ୍ୟକୁ ବିରୋଧ କରି ମାନବଶୃଙ୍ଖଳରେ ବ୍ୟସ୍ତ ଥିବା ବେଳେ ଶିଶୁକନ୍ୟାଙ୍କ ପରିବାର ଲୋକେ ମଧ ସେଥିରେ ସାମିଲ ଥିଲେ। ମାମୁଘରେ ଆଈର ଅନୁପସ୍ଥିତ ଦେଖି ଶିଶୁକନ୍ୟା ନିଜ ଘରକୁ ଯାଉଛି ବୋଲି ମାଇଁଙ୍କୁ କହି ସକାଳ ୯ଟା ସମୟରେ ବାହାରିଥିଲେ। କିଛି ସମୟ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଶିଶୁଟିକୁ ତାଳ ବାହୁଙ୍ଗାରେ ଏକ ବ୍ୟାଟ୍ କରିଦେବାର ପ୍ରଲୋଭନ ଦେଖାଇ ତାଙ୍କ ସମ୍ପର୍କୀୟ ମାମୁ ନଳଦାମ ହ୍ରଦ ଆଡ଼କୁ ଡାକିନେଇଥିଲେ। ହ୍ରଦ ନିକଟରେ ପହଞ୍ଚିବା ପରେ ପୂର୍ବ ଯୋଜନା ଅନୁସାରେ ତାଙ୍କ ମାଇଁ ସେଠାରେ ପହଞ୍ଚିଥିଲେ। ଉଭୟେ ଶିଶୁଟିରୁ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଥିଲେ। ପରେ ସେମାନେ ହ୍ରଦ ନିକଟରେ ଥିବା ମାଟିରେ ପୋତି ଦେଇ ପଳାଇଯାଇଥିଲେ। ଅପରାହ୍ନରେ ଶିଶୁକନ୍ୟାକୁ ନ ପାଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୨୪୫/୨୦) ରୁଜୁ କରାଯାଇଥିଲା। ଗ୍ରାମବାସୀଙ୍କ କହିବାନୁସାରେ ପୋଲିସ ସମ୍ପର୍କୀୟ ମାମୁଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିଲା। ରବିବାର ମଧ୍ୟରାତ୍ରରେ ସେ ହତ୍ୟାକାଣ୍ଡର ସମସ୍ତ ଘଟଣା ପୋଲିସ ଆଗରେ ମାନିଥିଲେ। ସୋମବାର ପୂର୍ବାହ୍ନରେ ବାଲିଆପାଳ ଆଇଆଇସି ବିମଳ ନାୟକ, ମାଜିଷ୍ଟ୍ରେଟ୍ ଭାବେ ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ ପାତ୍ର ଏବଂ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ନଳଦାମ ହ୍ରଦ ଆଡ଼ିରେ ପୋତାଯାଇଥିବା ଶିଶୁକନ୍ୟାର ମୃତଦେହକୁ ଜବତ କରାଯାଇଥିଲା।

ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି କହିଛନ୍ତି, ମାଇଁ ଓ ସମ୍ପର୍କୀୟ ମାମୁଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅନୈତିକ ସମ୍ପର୍କ ରହିଥିଲା। ଶିଶୁଜଣକ ଭିନ୍ନ ଭିନ୍ନ ସମୟରେ ସେମାନଙ୍କୁ ଅସଂଯତ ଅବସ୍ଥାରେ ଦେଖିଥିଲେ। ସେ କାଳେ କାହା ଆଗରେ ପ୍ରକାଶ କରିଦେବ ବୋଲି ସେହି ଭୟରେ ଉଭୟେ ମିଶି ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ଭିଆଇ ଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଜାଲି କହିଛନ୍ତି।

# ରାଜ୍ୟ ମାନବାଧିକାର କମିଶନ, ଶିଶୁ ସୁରକ୍ଷା ଅଧିକାର କମିଶନଙ୍କୁ ଭେଟିଲା କଂଗ୍ରେସ

## ଶିଶୁ ନିଖୋଜ ଘଟଣା

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଓ ରାଜ୍ୟ ମହିଳା କଂଗ୍ରେସ କମିଟି ସଭାପତି ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ପିସିସିର ଏକ ପ୍ରତିନିଧିମଣ୍ଡଳୀ ସୋମବାର ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ଏବଂ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନ ଅଧ୍ୟକ୍ଷାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ନାବାଳିକାମାନଙ୍କର ଅପହରଣ ସମସ୍ତ ସୀମା ଟପିଛି। ପିହୁ, ସ୍ୱାତୀ, ବିଷ୍ଣୁପ୍ରିୟାର ଅପହରଣ ଓ ପରେ ଗଳାକାଟି ବିଷ୍ଣୁପ୍ରିୟାକୁ ହତ୍ୟା କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଗଭୀର ମର୍ମାହତ କରିଛି। ପୋଲିସ୍‌ର ମନ୍ଥର ତଦନ୍ତ ଫଳରେ ଏପରି ଘଟଣା ଘଟାଉଥିବା ର୍‍ୟାକେଟକାରୀଙ୍କ ମନୋବଳ ବୃଦ୍ଧି ପାଇବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଚାରିଆଡ଼େ ଅଭିଭାବକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତୁରନ୍ତ ଘଟଣାସ୍ଥଳକୁ ପରିଦର୍ଶନ କରି ତଦନ୍ତ ତ୍ୱରାନ୍ୱିତ କରିବାକୁ ପ୍ରତିନିଧିମଣ୍ଡଳୀ ଦୃଢ଼ ଦାବି କରିଛନ୍ତି।

# ସୁଶାନ୍ତ ଧଳସାମନ୍ତ ଥିବା ଜେଲ ଭିତର ଫଟୋ ଭାଇରାଲ


ଭାଇରାଲ ହୋଇଥିବା ଜେଲ ସେଲ ଫଟୋ।

**ବଲାଙ୍ଗୀର ଅଫିସ,୧୪।୧୨**

୨୦୧୮ ମସିହାରୁ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ ବଲାଙ୍ଗୀର ଜିଲା ଜେଲରେ ରହିଛନ୍ତି। ଏବେ ସୁଶାନ୍ତ ଥିବା ଜେଲ ଭିତରର ଫଟୋ ଭାଇରାଲ ହେବା ପରେ ଜେଲର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଭାଇରାଲ ହୋଇଥିବା ଫଟୋରେ ଜେଲ ସେଲ ଭିତରେ ଅଣ୍ଡା, ଟମାଟୋ, ପିଆଜ, ରସୁଣ, ତେଲ, ସାବୁନ ଓ ଅନ୍ୟାନ୍ୟ ବ୍ୟବହାର ଉପଯୋଗୀ ସାମଗ୍ରୀ ଥିବା ଦେଖାଯାଇଛି। ଏ ନେଇ ଜେଲ ଅଧୀକ୍ଷକ ଉର୍ମିଳା ମିଞ୍ଜଙ୍କୁ ପଚାରିବାରୁ ଭାଇରାଲ ହୋଇଥିବା ଫଟୋଟି ଜେଲ ସେଲର ବୋଲି ସ୍ୱୀକାର କରିଥିଲେ ମଧ ଏହା ତାଙ୍କ ସମୟର ନୁହେଁ ବୋଲି କହିଛନ୍ତି। ଜେଲ ମାନୁଆଲ ଅନୁଯାୟୀ ସୁଶାନ୍ତଙ୍କୁ ଅନ୍ୟ ଅନ୍ତେବାସୀ ଭଳି ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଏହାଛଡା ଅତିରିକ୍ତ କିଛି ବି ସୁବିଧା ଯୋଗାଯାଇନାହିଁ ବୋଲି ସେ କହିଛନ୍ତି। ଜେଲ ଭିତର କେତେକ ଅସାଧୁ ଷ୍ଟାଫ୍ ଏଭଳି ଫଟୋ ଉଠାଇ ଭାଇରାଲ କରିଥାଇପାରନ୍ତି ବୋଲି ସେ କହିଛନ୍ତି। ଜେଲ ଭିତର ସୁରକ୍ଷାକୁ ନେଇ ତାଙ୍କୁ ପ୍ରଶ୍ନ କରାଯିବାରୁ ସୁରକ୍ଷା କଡାକଡି ରହିଛି, ମାତ୍ର ଜେଲ ଭିତର ଫଟୋ ଭାଇରାଲ ହେବା ମଧ ଚିନ୍ତାର ବିଷୟ ବୋଲି କହିଛନ୍ତି। ଏନେଇ ଉପରିସ୍ଥ ଅଧିକାରୀମାନେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ଏଡିଏମ୍ ଅଫିସ ଆଗରେ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏସ୍‌ସିପିସିଆର୍ ଅଫିସ୍ ଆଗରେ ଭାଜପାର ବିକ୍ଷୋଭ

## ପରୀ ହତ୍ୟା, ଶିଶୁ ନିଖୋଜ ପ୍ରସଙ୍ଗ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ନୟାଗଡ଼ ପରୀ ହତ୍ୟା ଓ ଶିଶୁ ନିଖୋଜ ପ୍ରସଙ୍ଗରେ ସୋମବାର ଭାଜପା କର୍ମୀମାନେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଏସ୍‌ସିପିସିଆର୍) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରୀ ହତ୍ୟା ଘଟଣାରୁ ଦୃଷ୍ଟି ହଟାଇବା ପାଇଁ ବଳି ଦେବାଭଳି କୁପ୍ରଥାକୁ ପ୍ରଚାର କରିବା ଏବଂ ଶାସକ ଦଳକୁ ସୁରକ୍ଷା ଦେବା ବିରୋଧରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହ ବିକ୍ଷୋଭକାରୀମାନେ କାର୍ଯ୍ୟାଳୟ ଭିତରେ ପଶିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀମାନେ ସେମାନଙ୍କୁ ଅଟକାଇଥିଲେ। ଶିଶୁ ସୁରକ୍ଷା ଆୟୋଗ ନାବାଳିକା ହତ୍ୟାକାରୀକୁ ଦଣ୍ଡ ନୁହେଁ, ବରଂ ମନ୍ତ୍ରୀଙ୍କୁ ସୁରକ୍ଷା ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରୁଛନ୍ତି। ଯଦି ସରକାରଙ୍କର ପରୀକୁ ନ୍ୟାୟ ଦେବାର ଆନ୍ତରିକତା ଅଛି, ତେବେ ଏହି ଜଘନ୍ୟ ହତ୍ୟାକାଣ୍ଡର ତଦନ୍ତ ଭାର ସିବିଆଇକୁ ଦିଆଯାଉ ଏବଂ ମୁଖ୍ୟ ଅଭିଯୁକ୍ତକୁ ସୁରକ୍ଷା ଦେଉଥିବା ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସ୍ମୃତି ପଟ୍ଟନାୟକ ଦାବି କରିଛନ୍ତି।

# ବଡ଼ଭାଇ ଗୁଳି ମାଡ଼ରେ ସାନଭାଇ ଗୁରୁତର

**କାଳିଆପାଣି,୧୪।୧୨(ଡି.ଏନ.ଏ.:** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ପଞ୍ଚାୟତର ଓସ୍ତପାଳ ଗ୍ରାମରେ ବଡ଼ଭାଇ ଗୁଳି ମାଡ଼ରେ ସାନଭାଇ ଗୁରୁତର ହୋଇଛନ୍ତି। ତାଙ୍କୁ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଓସ୍ତପାଳ ଗ୍ରାମ ବେହେରାସାହିର ରବି ଉରା (୩୮)ଙ୍କ ସହ ତାଙ୍କ ସାନଭାଇ ଫୁଟୁ ଉରା (୩୫)ଙ୍କ କୌଣସି କଥାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ହେଲେ କିଛି ସମୟ ମଧ୍ୟରେ ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲେ। ଶେଷରେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ରବି ଘରେ ରଖିଥିବା ଚୋରା ହାତ ତିଆରି ବନ୍ଧୁକରୁ ସାନଭାଇ ଫୁଟୁଙ୍କୁ ଗୁଳି ମାଡ଼ କରିଥିଲେ। ଗୋଟିଏ ଗୁଳି ଫୁଟୁଙ୍କ ଅଣ୍ଟାରେ ବାଜିଥିବା ବେଳେ ଅନ୍ୟଟି ତାଙ୍କ ହାତରେ ବାଜିଛି। କାଳିଆପାଣି ପୋଲିସ ଆହତ ଫୁଟୁଙ୍କୁ ପ୍ରଥମେ ଦାନଗଡି ଡାକ୍ତରଖାନାକୁ ପଠାଇଥିଲା। ହେଲେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁରଟାଉନ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୋଡ଼ାଇ ହାଣିଲେ

**ବାଲେଶ୍ୱର ଅଫିସ, ୧୪।୧୨**

ବାଲେଶ୍ୱର ରେଳଷ୍ଟେଶନ ପାର୍ଶ୍ୱରେ ସୋମବାର ମଧ୍ୟାହ୍ନ ସମୟରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ଗୋଡାଇ ହାଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯୁବକ ଜଣକ ରକ୍ତରେ ଜୁଡୁବୁଡୁ ହୋଇପଡ଼ିଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସହଦେବଖୁଣ୍ଟା ଥାନା ପୋଲିସ ପିସିଆର୍ ଭ୍ୟାନ୍ ନେଇ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ପୋଲିସ ଅନୁମାନ କରିଛି।

ତେଲେଙ୍ଗାସାହିର ଦିବ୍ୟଜ୍ୟୋତି ପାତ୍ର (୨୬) ରେଳଷ୍ଟେଶନ ପାର୍ଶ୍ୱ ରାସ୍ତା ଦେଇ ଘରକୁ ଫେରୁଥିଲେ। ହଠାତ୍ ସାମ୍ନାରୁ ଏକ ବାଇକ୍ ଯୋଗେ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ଶିଶୁ ଉଦ୍ୟାନ ସମ୍ମୁଖରେ ଦିବ୍ୟଜ୍ୟୋତିଙ୍କୁ ଅଟକାଇଥିଲେ। ଦିବ୍ୟଜ୍ୟୋତି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ଖଣ୍ଡାରେ ତାଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ତାଙ୍କ ମୁହଁକୁ ଖଣ୍ଡାରେ ହାଣିବା ସହ ତାଙ୍କର ହାତର ଦୁଇଟି ଆଙ୍ଗୁଳି ଅଲଗା ହୋଇଯାଇଥିଲା। ସେମାନେ ଶରୀରର ବିଭିନ୍ନ ସ୍ଥାନକୁ କ୍ଷତବିକ୍ଷତ କରିପକାଇଥିଲେ। ଦିବ୍ୟଜ୍ୟୋତି ଜମି ବ୍ୟବସାୟ, ଷ୍ଟେଶନରେ ଚୋରା ରେଳ ଟିକେଟ କାରବାର, କୁଲିମାନଙ୍କ ଟେଣ୍ଡର ଭଳି କେତେକ କାମରେ ଲିପ୍ତ ରହିବା ସହ ପୂର୍ବରୁ ଗୋଷ୍ଠୀ ସଂଘର୍ଷରେ ସମ୍ପୃକ୍ତ ଥିଲେ। ଖବରଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଆବଶ୍ୟକ ପଡ଼ିଲେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିବ ବୋଲି ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।

# ୪ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

## ଇନ୍‌ଫୋସିଟି ନାବାଳିକା ଗଣବଳାତ୍କାର ମାମଲା

### ପୋଲିସ କିମ୍ବା ଅନ୍ୟକେହି ସମ୍ପୃକ୍ତ ଥିଲେ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଇନ୍‌ଫୋସିଟି ନାବାଳିକା ଗଣବଳାତ୍କାର ମାମଲାରେ ୪ଜଣଙ୍କୁ ଗିରଫ କରିଛି କ୍ରାଇମ୍ ବ୍ରାଞ୍ଚ। ଗିରଫ ଅଭିଯୁକ୍ତମାନେ ହେଲେ ଓ-ଟିଭି କର୍ମଚାରୀ ଅନିରୁଦ୍ଧ ପଣ୍ଡା ଓ କୃଷ୍ଣ ବେହେରାଙ୍କ ସମେତ ସେଠାରେ କାର୍ଯ୍ୟରତ ୨ ସିକ୍ୟୁରିଟି ଗାର୍ଡ ସାମଲ ଓ ବିଜୟ ରାଉତ। ରବିବାର ରାତିରେ ଅନିରୁଦ୍ଧଙ୍କୁ ପୁରୀ ଗୋପ ଅଞ୍ଚଳରୁ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଏହାପରେ କ୍ରାଇମ୍ ବ୍ରାଞ୍ଚ ସମସ୍ତ ଅଭିଯୁକ୍ତଙ୍କ ପଲିଗ୍ରାଫ୍ ଟେଷ୍ଟ କରାଇବା ସହ ବୟାନ ରେକର୍ଡ କରିଛି।

ଏହି ସମ୍ବେଦନଶୀଳ ଘଟଣାର ତଦନ୍ତରେ ପୋଲିସ ହେଳା କରୁଥିବା ନେଇ ପୂର୍ବରୁ ହାଇକୋର୍ଟରେ ମାମଲା ହୋଇଥିଲା। ପୋଲିସ ଡିଜି ଅଭୟ ହାଇକୋର୍ଟଙ୍କ ଆଗରେ ବ୍ୟକ୍ତିଗତ ଭାବେ ହାଜର ହୋଇ ପକ୍ଷ ରଖିଥିଲେ। ସେହିଭଳି ଅତିରିକ୍ତ ଡିଜି ମାମଲାର ଅଗ୍ରଗତି ନେଇ ଜଉମୁଦ ଲଫାପାରେ ସତ୍ୟପାଠ ଦାଖଲ କରିଥିଲେ। ଅକ୍ଟୋବର ୬ରୁ ଏହି ମାମଲା ଓଡ଼ିଶା କ୍ରାଇମ୍ ବ୍ରାଞ୍ଚ ତଦନ୍ତ କରୁଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ଅଭିଯୁକ୍ତଙ୍କ ବିରୋଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ଡିସେମ୍ବର ୧୬ ସୁଦ୍ଧା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟରେ ଜବାବ ଦାଖଲର ଦୁଇଦିନ ପୂର୍ବରୁ କ୍ରାଇମ୍ ବ୍ରାଞ୍ଚ ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ କ୍ରାଇମ୍ ବ୍ରାଞ୍ଚର ଏହି ଗିରଫଦାରିକୁ ନେଇ ଆଉ ଏକ ପ୍ରଶ୍ନ ଉଠୁଛି। ଏହି ଘଟଣାରେ ୩ଜଣ ପୋଲିସ କର୍ମଚାରୀ ଓ ସହଯୋଗୀଙ୍କ ସମ୍ପୃକ୍ତି ଥିବା ନେଇ ପୀଡିତାଙ୍କ ମା' ଅଭିଯୋଗ କରିଥିଲେ। ଖୋଦ୍ ଡିସିପି ମଧ ଜଣେ ପୋଲିସର ସମ୍ପୃକ୍ତି ଥିବାନେଇ ସୂଚନା ଦେଇଥିଲେ। ହେଲେ ଏଯାଏ କାହିଁକି ସେମାନଙ୍କୁ ଚିହ୍ନଟ କରିପାରୁନି କି ପଚରାଉଚରା କରୁନି। କ୍ରାଇମ ବ୍ରାଞ୍ଚ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଉ ନ ଥିବାରୁ ତଦନ୍ତକୁ ନେଇ ସନ୍ଦେହ ଉପୁଜିଛି। ଏ ସଂକ୍ରାନ୍ତରେ ପୋଲିସ ଡିଜି ଅଭୟ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ପୋଲିସ ହେଉ ଅବା ଅନ୍ୟ କେହି ଯିଏ ବି ସମ୍ପୃକ୍ତ ଥିବା ଜଣାପଡ଼ିବ ନିଶ୍ଚିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଲକ୍‌ଡାଉନ୍ ସମୟରେ ଏହି ଘଟଣା ଘଟିଥିବା ନେଇ ଅଗଷ୍ଟ ୩୦ରେ ପୀଡିତାଙ୍କ ମା' ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ।

### ଏସ୍‌ସିପିସିଆର୍‌ରେ ହାଜର ହେଲେ ଜଗିମଙ୍ଗତ ପଣ୍ଡା

ନାବାଳିକା ବଳାତ୍କାର ମାମଲାରେ ଓ-ଟିଭି ଏମ୍‌ଡି ଜଗିମଙ୍ଗତ ପଣ୍ଡା ସୋମବାର ଭର୍ଚୁଆଲ ମାଧ୍ୟମରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏସ୍‌ସିପିସିଆର୍)ରେ ହାଜର ହୋଇଛନ୍ତି। ଆୟୋଗଙ୍କ ନିକଟରେ ସେ ୫ ମିନିଟ୍ ଧରି ନିଜର ବୟାନ ରଖିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ଭେଟିବା ପାଇଁ ସେ ତାଙ୍କ ଘରକୁ ଯାଇ ନ ଥିବା ବାବଦରେ ଆୟୋଗଙ୍କୁ ଜଣାଇଛନ୍ତି। ପୂର୍ବରୁ ଏନେଇ ଜଗିମଙ୍ଗତଙ୍କୁ ଏସ୍‌ସିପିସିଆର୍ ଓ ମହିଳା କମିଶନଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେ ନିଜ ଓକିଲ ଓ ପିଆର୍‌ଓଙ୍କ ଜରିଆରେ ପକ୍ଷ ରଖୁଥିଲେ।

ଭାରତମାତା କେବଳ କିଛି ମାଟି ନୁହଁ। ସେ ଏକ ଶକ୍ତି- ଏକ ଦେବୀ। କାରଣ, ଏହିପରି ଜଣେ ଜଣେ ଦେବୀ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଅସ୍ତିତ୍ୱକୁ ଧରି ରଖିଛନ୍ତି ଓ ସେମାନଙ୍କୁ ଜୀବିତ ରଖିଛନ୍ତି। -ଶ୍ରୀଅରବିନ୍ଦ



# ଆକ୍ରମଣାତ୍ମକ ରାଜନୀତି

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଡିସେମ୍ବର ୧୦ରେ ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବର ଗସ୍ତରେ ଯାଇଥିବା ବେଳେ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରାଯାଇଥିଲା। କୁହାଯାଉଛି ଯେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉତ୍ତରାଧିକାରୀ ଭାବେ ପ୍ରଦର୍ଶିତ ହେଉଥିବା ତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ନିର୍ବାଚନମଣ୍ଡଳୀ ହେଉଛି ଡାଇମଣ୍ଡ ହାର୍ବର। ତୃଣମୂଳ କଂଗ୍ରେସର କର୍ମୀମାନେ ଏଭଳି କାଣ୍ଡ ଭିଆଇଥିଲେ ବୋଲି ଭାଜପା ଅଭିଯୋଗ କରିଥିଲା। ତେବେ ଏହି ଘଟଣା ପଛରେ କାହାର ହାତ ରହିଛି କହିବା କଷ୍ଟକର। ଢଗ ଅଛି-ପ୍ରେମରେ ଏବଂ ଯୁଦ୍ଧରେ ସବୁକିଛି ସମ୍ଭବ। ଆଧୁନିକ ଯୁଗରେ ଏହା ସହିତ କ୍ଷମତା ରାଜନୀତି ମଧ୍ୟ ମିଶିଯାଇଛି। ତାହାର ଜ୍ୱଳନ୍ତ ଉଦାହରଣ ନିକଟରେ ଶେଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଓ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଚାଳାମିରୁ ପରିଲକ୍ଷିତ ହୋଇଛି। ଗଣତନ୍ତ୍ରର ମୂଳ ବୋଲାଉଥିବା ଆମେରିକାରେ ନିର୍ବାଚନୀ ଠକାମି ହୋଇଛି ବୋଲି ଟ୍ରମ୍ପଙ୍କ ଯୁକ୍ତି ଅନେକଙ୍କୁ ବିଶ୍ୱାସ ଦିଆଇଛି। ସେହିଭଳି ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନ ଫଳାଫଳ ଦେଖିଲେ ଜଣାପଡ଼େ ଯେ ଭାଜପାର ଜିତାପଟ ପଛରେ ଅନେକ ସନ୍ଦେହ ସୃଷ୍ଟି କଲା ଭଳି ସ୍ଥିତି ଉପୁଜିଥିଲା। ଏଭଳି ନିର୍ବାଚନୀ ସନ୍ଦେହ ବିଶ୍ୱବ୍ୟାପୀ ଦେଖା ଦେଉଥିବାରୁ ସମଗ୍ର ପୃଥିବୀରେ ଗଣତନ୍ତ୍ର ଦୁର୍ବଳ ହେବାରେ ଲାଗିଛି। ପଶ୍ଚିମବଙ୍ଗ ବା କାହିଁକି ପଛରେ ରହିବ!

ପଶ୍ଚିମବଙ୍ଗରେ କେଉଁ ସ୍ଥିତିରେ ଓ କିଭଳି ଢଙ୍ଗରେ ଭାଜପାର ତୁଙ୍ଗ ନେତାଙ୍କ ଉପରେ ଆକ୍ରମଣ ହୋଇଛି, କେହି କହିବା ସମ୍ଭବ ନୁହେଁ। ତଥାପି ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ି ଯାଇଥିବା ଦର୍ଶାଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ସମନ ଜାରି କରାଯାଇଥିଲା। ୩ ଦିନ ମଧ୍ୟରେ ଏହି ବରିଷ୍ଠ ଅଧିକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ରିପୋର୍ଟ କରିବାକୁ କୁହାଯାଇଥିଲା। ହେଲେ ଏଭଳି ସମନକୁ ପଶ୍ଚିମବଙ୍ଗ ସରକାର ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଏତିକିରୁ ବୁଝାପଡୁଛି ଯେ, ପଶ୍ଚିମବଙ୍ଗ ଓ କେନ୍ଦ୍ର ସରକାର ପରସ୍ପରକୁ ଟକ୍କର ଦେବାକୁ ଲାଗିପଡ଼ିଛନ୍ତି।

ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଥିରେ ତୃଣମୂଳ କଂଗ୍ରେସ ଓ ଭାଜପା ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। କାରଣ ବାମପନ୍ଥୀ ଏବଂ କଂଗ୍ରେସ ବହୁ ପଛକୁ ଚାଲିଗଲେଣି। ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗର ସମୁଦାୟ ୪୨ ଲୋକ ସଭା ଆସନ ମଧ୍ୟରୁ ଭାଜପା ୧୮ ଅକ୍ତିଆର କରିବା ପରଠାରୁ ବଙ୍ଗ ଦଖଲ ସତେଯେପରି ହୋଇଯାଇଛି ତା'ର ନିଶା। ଏବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିବାରୁ ସେଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ଭାଜପା ସବୁ କୌଶଳ ଲଗାଇ ଦେଲାଣି। ଅନ୍ୟପକ୍ଷରେ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ବାମପନ୍ଥୀ ଶାସନକୁ ହଟାଇ ଶାସନଗାଦିରେ ବସିଥିବା ମମତା ବାନାର୍ଜୀ ଟାଣୁଆ ନେତ୍ରୀ ହୋଇଥିବାରୁ ଭାଜପାକୁ କଡ଼ା ମୁକାବିଲା କରିବାକୁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଯଦି ତୃଣମୂଳ କଂଗ୍ରେସ ପ୍ରରୋଚନାରେ ନଡ୍ଡାଙ୍କ ଗାଡ଼ି ଉପରକୁ ମାଡ଼ ହୋଇଥାଏ, ତାହା ହେଲେ ବୁଝିବାକୁ ହେବ ଯେ ପଶ୍ଚିମବଙ୍ଗରେ ମମତା ଦୁର୍ବଳ ହେଉଛନ୍ତି। ପଶ୍ଚିମବଙ୍ଗର ଇତିହାସ ଦେଖିଲେ ଦୀର୍ଘ ବର୍ଷ ଧରି ସେଠାରେ ରାଜନୈତିକ ହିଂସା ଯୋଗୁ ଅନେକ ବିଶୃଙ୍ଖଳା ସୃଷ୍ଟି ହେବା ସହ ଧନଜୀବନ ନଷ୍ଟ ହୋଇଛି। ଏହାର ପୁନରୁତ୍ଥାନ ହେବା ଗଣତନ୍ତ୍ର ପ୍ରତି ବିପଦ ଆଣିବ। ଏଭଳି ଅପ୍ରୀତିକର ସ୍ଥିତି ଲାଗି ରହିଥିବା ବେଳେ ଭାଜପାର ବିବାଦୀୟ ଏମ୍‌ପି ପ୍ରଜ୍ଞା ସିଂ ଠାକୁର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପାଗଳୀ ଆଖ୍ୟା ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତ ହିନ୍ଦୁ ରାଷ୍ଟ୍ର ହେବାକୁ ଯାଉଥିବା ବିଷୟରେ ଜାଣିବା ପରେ ମମତା ଏଭଳି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପ୍ରଜ୍ଞାଙ୍କ ଏପରି ମନ୍ତବ୍ୟ କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ଅଧିକ ତିକ୍ତ କରିପାରେ।

କୁହାଯାଉଛି ନଡ୍ଡାଙ୍କ ଗାଡ଼ି ବୁଲେଟ୍‌ପ୍ରୁଫ୍ ହୋଇଥିବାରୁ ତାଙ୍କର କୌଣସି କ୍ଷତି ଘଟି ନାହିଁ। ଜଣେ ଜାତୀୟ ସ୍ତରର ନେତାଙ୍କ ଗସ୍ତ ବେଳେ ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିବା କଥା। ଆକ୍ରମଣ ତୃଣମୂଳ କଂଗ୍ରେସ ପକ୍ଷରୁ ହେଉ ବା ଜାଣିଶୁଣି ଭାଜପା କରିଥାଉ, ପୋଲିସ ସେଠାରେ କେଉଁ ଭୂମିକା ନିଭାଇଛି ବୋଲି ପ୍ରଶ୍ନ ହେବା ସ୍ୱାଭାବିକ। ଆଜିର ଭାରତକୁ ଦେଖିଲେ ପୋଲିସ ସାଲିସ କରି ସବୁକିଛି ଓଲଟପାଲଟ କରିଦେଉଛି। ଏହି ଚିନ୍ତାଧାରା ପୋଲିସର ରହିଥିବାରୁ ଶାସକ ଦଳ ତାହାକୁ ହାତବାରିସ କରୁଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ପୋଲିସ କେନ୍ଦ୍ର ହାତରେ ଥିବାରୁ ସମପରିମାଣରେ କ୍ଷମତାର ଦୁରୁପଯୋଗ କରାଯାଉଛି। ଅର୍ଥାତ୍ ଭାରତରେ ଆଇନ ଶୃଙ୍ଖଳା ରକ୍ଷାକାରୀ ଦୀର୍ଘ ସମୟ ଧରି ପକ୍ଷଭୁକ୍ତ ହୋଇ ଗୋଡ଼ାଣିଆ ପାଲଟିଗଲେଣି। ଅପରପକ୍ଷରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ବଜାୟ ରଖିବାରେ ଉଭୟର ଗୁରୁଦାୟିତ୍ୱ ରହିଛି। ହେଲେ କେହି କାହାରିକୁ ମାନୁନାହାନ୍ତି। ନଡ୍ଡାଙ୍କ ଗାଡ଼ି ଉପରେ ଆକ୍ରମଣ ପରେ ପଶ୍ଚିମବଙ୍ଗର ୩ ଜଣ ବରିଷ୍ଠ ପୋଲିସ ଅଧିକାରୀ କାର୍ଯ୍ୟରେ ଅବହେଳା କରିଥିବାରୁ ସେମାନଙ୍କୁ ଡେପୁଟେଶନ୍‌ରେ ନେବାକୁ କେନ୍ଦ୍ର କହିଛି। ରାଜ୍ୟ ସରକାରଙ୍କ ପରାମର୍ଶ ନିଆଯାଇ ନ ଥିବାରୁ ଅଚାନକ ଏପରି ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି କୁହାଯାଇ କେନ୍ଦ୍ରକୁ ସମାଲୋଚନା କରାଯାଇଛି।

ଉପରଲିଖିତ ଘଟଣାରୁ ଲାଗୁଛି ଯେ ଆସନ୍ତା ଦିନଗୁଡ଼ିକରେ ପରିସ୍ଥିତି ଆହୁରି ଅପ୍ରୀତିକର ହୋଇପାରେ। ଏଠାରେ ମନେରଖିବାକୁ ହେବ ଯେ, ପଶ୍ଚିମବଙ୍ଗର ରାଜନୈତିକ ଗୁରୁତ୍ୱ ଯଥେଷ୍ଟ ଅଧିକ ରହିଛି। ଏହି ଗୁରୁତ୍ୱ ଏବେ ବୃଦ୍ଧି ପାଇବା ପଛରେ ମମତାଙ୍କ ଭାଜପା ବିରୋଧୀ ଆଭିମୁଖ୍ୟକୁ ଦାୟୀ କରାଯାଉଛି। କାରଣ ଭାରତବର୍ଷରେ ଥିବା ସବୁ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ମମତା ଏକମାତ୍ର, ଯିଏ ଖୋଲାଖୋଲି କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ କରୁଛନ୍ତି। ବିମୁଦ୍ରୀକରଣଠାରୁ ଆରମ୍ଭ କରି କୃଷି ଆଇନ ପ୍ରଣୟନ ପର୍ଯ୍ୟନ୍ତ ମମତାଙ୍କ ଭିନ୍ନ ମତ ଯୋଗୁ ଭାଜପା ଅସ୍ତବ୍ୟସ୍ତ ହୋଇଯାଉଛି। ସୁସ୍ଥ ଗଣତନ୍ତ୍ର ପାଇଁ ବିଭିନ୍ନ ମତ ପ୍ରକାଶ ପାଇବା ଅତ୍ୟନ୍ତ ଆବଶ୍ୟକ। ଦୁଃଖର ବିଷୟ ଯେ, ସରକାରୀ ଅଫିସର କିମ୍ବା ବିଚାରପତିମାନଙ୍କ ଭଳି ଭାରତର ରାଜନେତାମାନେ ମଧ୍ୟ ଜନବିରୋଧୀ ସାଲିସ କରିବା ପାଇଁ ପଛାଉ ନାହାନ୍ତି। ଏଭଳିସ୍ଥଳେ ମମତା ଭିନ୍ନ ଚିତ୍ର ଆଙ୍କୁଛନ୍ତି। ତାଙ୍କୁ ଦାବିଦେଲେ ଭାଜପା ନେତୃବୃନ୍ଦଙ୍କ ପାଇଁ ଅଣକଂଗ୍ରେସ ବିରୋଧୀ ଭାବେ ଅନ୍ୟ କେହି ରହିବେ ନାହିଁ। ଭାଜପା ନେତୃତ୍ୱ ପାଇଁ କଂଗ୍ରେସ ଏକମାତ୍ର ବିରୋଧୀଦଳ ହୋଇ ରହିଲେ ସବୁ ପରିସ୍ଥିତି ସୁହାଇବ। କାରଣ କଂଗ୍ରେସ ଦୁର୍ବଳ ଓ ଗାନ୍ଧୀ ପରିବାର ବିରୋଧରେ ସବୁ ଐତିହାସିକ ଦୋଷାରୋପ ଟାଣିଆଣିବା ସହଜ ହେଉଛି। କଂଗ୍ରେସକୁ ଛାଡ଼ି ଅନ୍ୟ କୌଣସି ବିରୋଧୀ ସୃଷ୍ଟି ହେବା କିମ୍ବା ତିଷ୍ଠିବା ଭାଜପା ପାଇଁ ଅସୁବିଧାଜନକ ପରିସ୍ଥିତି ଆଣିଦେବ। ଆସନ୍ତା ବର୍ଷରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଦେଶରେ ଅନେକ ନୂଆ ରାଜନୈତିକ ମୋଡ଼ ଆଣିବ।

# କୃଷକ ଆନ୍ଦୋଳନ ଓ ପଞ୍ଜାବର ଅଡ଼ତିୟା ବ୍ୟବସ୍ଥା



ନଟବର ଖୁଣ୍ଟିଆ

କେନ୍ଦ୍ର ସରକାର କୃଷି ସମ୍ବନ୍ଧୀୟ ତିନିଗୋଟି ଆଇନ ପ୍ରଣୟନ କଲାପରେ ପ୍ରଥମେ ପଞ୍ଜାବ ଓ ହରିୟାଣାର କୃଷକମାନେ ଏହି ଆଇନ ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ। ବିଶେଷକରି ପଞ୍ଜାବର ଆନ୍ଦୋଳନକାରୀଙ୍କ ସହିତ ରାଜ୍ୟ ସରକାର ମଧ୍ୟ ସ୍ୱର ମିଳାଇଲେ। ଏହି ଆନ୍ଦୋଳନ ବର୍ତ୍ତମାନ ଏକ ଜାତୀୟ କୃଷକ ଆନ୍ଦୋଳନରେ ପରିଣତ ହୋଇଛି। ଏହି ଆନ୍ଦୋଳନକୁ ଉତ୍ସାହିତ କରୁଛନ୍ତି କଂଗ୍ରେସ ଦଳ ସମେତ ସମସ୍ତ ବାମପନ୍ଥୀ ଦଳ ଓ ରାଜ୍ୟ ସ୍ତରୀୟ ଆଞ୍ଚଳିକ ଦଳମାନେ। ଚଳିତ ଡିସେମ୍ବର ୮ ତାରିଖରେ ଯେଉଁ ଭାରତବନ୍ଦ ଡାକରା ଦିଆଯାଇଥିଲା ସେଥିରେ ପଞ୍ଜାବ ବ୍ୟତୀତ ଅନ୍ୟ ରାଜ୍ୟର କୃଷକମାନେ ଯେତେ ସଂଖ୍ୟାରେ ବିକ୍ଷୋଭ କରି ନ ଥିଲେ କଂଗ୍ରେସ ସମେତ ବାମପନ୍ଥୀ ଦଳର ରାଜନୈତିକ କର୍ମୀମାନେ ଅଧିକ ସଂଖ୍ୟାରେ ବିକ୍ଷୋଭ କରିଥିଲେ। ଏହା ମଧ୍ୟରେ କେନ୍ଦ୍ର ସରକାର ଅନେକ ଥର କୃଷକ ନେତାମାନଙ୍କ ସହ ଆଲୋଚନା କରି ଲିଖିତ ଭାବରେ ଜଣାଇଲେଣି ଯେ, ବିଲ୍‌ରେ ଥିବା କେତେକ ବ୍ୟବସ୍ଥାର ସଂଶୋଧନ କରିବା ସହିତ ଅନ୍ୟୂନ ସହାୟକ ମୂଲ୍ୟ ବ୍ୟବସ୍ଥା ଚାଲିବ ବୋଲି। କିନ୍ତୁ ଚାଷୀମାନେ ଜିଦ୍ ଧରି ବସିଛନ୍ତି ଆଇନ ତିନିଟିକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିବାକୁ। ବିରୋଧୀ ଦଳମାନେ ଚାଷୀଙ୍କ ଜିଦ୍‌କୁ ସମ୍ପୂର୍ଣ୍ଣ ଭାବରେ ସମର୍ଥନ କରୁଛନ୍ତି। ଚାଷୀମାନେ ଚେତାବନୀ ଶୁଣାଇଲେଣି ଆଇନ ତିନିଟି ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ବ୍ୟାପକ ହେବ ଏବଂ ବିରୋଧୀ ଦଳ ନେତା କହୁଛନ୍ତି ଚାଷୀମାନଙ୍କୁ "ଏବେ ନୁହେଁ ତ କେବେ ନୁହେଁ" ଆନ୍ଦୋଳନକୁ ଶେଷ ପର୍ଯ୍ୟାୟକୁ ନିଅ।

ଭାରତ ବନ୍ଦ ଦିନ ପଞ୍ଜାବର ମୁଖ୍ୟମନ୍ତ୍ରୀ ଏକ ଜାତୀୟସ୍ତରର ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହୁଥିଲେ "ପଞ୍ଜାବର ଅଡ଼ତିୟା ବ୍ୟବସ୍ଥା ବିଗତ ଶହେବର୍ଷ ତଳର ବ୍ୟବସ୍ଥା। ସେମାନେ ନୂଆ ଆଇନ ବଳରେ ଉଚ୍ଛେଦ ହେଲେ ସେମାନଙ୍କର ପରିବାର ଚଳିବେ କିପରି? ସେମାନେ କେବଳ କମିଶନ ଏଜେଣ୍ଟ ହିସାବରେ କାମ କରନ୍ତି ନାହିଁ- ସେମାନେ ବେଳଅବେଳରେ ଚାଷୀମାନଙ୍କୁ ଋଣ ଦିଅନ୍ତି, ଯାହା ବ୍ୟାଙ୍କ କରିପାରେନା। ତେଣୁ ଅଡ଼ତିୟାମାନଙ୍କର ଉଚ୍ଛେଦ ଆମେ ଚାହୁଁନା। ତା'ଛଡ଼ା ମଣ୍ଡିରେ ଖାଦ୍ୟଶସ୍ୟ ବିକ୍ରି ହେଲେ ସରକାର ଯେଉଁ ରାଜସ୍ୱ ପାଆନ୍ତି ତାହା ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣରେ ଖର୍ଚ୍ଚ ହୁଏ। ଖାଦ୍ୟଶସ୍ୟ ଉପରୁ ଟିକସ ବ୍ୟବସ୍ଥା ଉଚ୍ଛେଦ ହେଲେ ଆମେ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ କିପରି କରିବୁ?"

ମୁଖ୍ୟମନ୍ତ୍ରୀଙ୍କର ବକ୍ତବ୍ୟରୁ ଜଣାଯାଏ ଯେ, ନୂତନ କୃଷି ଆଇନ କାର୍ଯ୍ୟକାରୀ ହେଲେ ଚାଷୀମାନେ ଯେତେ ହଇରାଣ ନ ହେବେ ଅଡ଼ତିୟା ଓ ରାଜ୍ୟ ସରକାର ଅଧିକ ହଇରାଣ ହେବେ। ଏହି ଅଡ଼ତିୟା ବ୍ୟବସ୍ଥା ପଞ୍ଜାବରେ କିପରି କାର୍ଯ୍ୟକାରୀ ହେଉଛି ଆସନ୍ତୁ ତା' ଉପରେ ସମ୍ୟକ୍ ଦୃଷ୍ଟି ପକାଇବା।

ପଞ୍ଜାବରେ ଅଡ଼ତିୟା କହିଲେ କମିଶନ ଏଜେଣ୍ଟଙ୍କୁ ବୁଝାଏ। ସେମାନଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କମିଶନ ଏଜେଣ୍ଟ ସାଙ୍ଗକୁ ସେମାନେ ଗ୍ରାମ୍ୟ ମହାଜନର ଭୂମିକା ନିର୍ବାହ କରୁଛନ୍ତି ଯଦିଓ ମହାଜନୀ ପ୍ରଥା ଆଇନତଃ ଅସିଦ୍ଧ। ସେମାନେ ସାଧାରଣତଃ ବଡ଼ ବଡ଼ ଚାଷୀ। ପଞ୍ଜୀକୃତ ଅଡ଼ତିୟାଙ୍କ ସଂଖ୍ୟା ୪୮ ହଜାର ପାଖାପାଖି। ସେମାନଙ୍କ ପାଖରେ ୫୦ ଲକ୍ଷ ଚାଷୀ ପଞ୍ଜୀକୃତ। ପଞ୍ଜାବରେ ୧୬୦ ଲକ୍ଷ ଟନ ଧାନ ଓ ୧୮୦ ଲକ୍ଷ ଟନ ଗହମ ଉତ୍ପାଦନ ହୁଏ। ଏହି ଉତ୍ପାଦିତ ଖାଦ୍ୟଶସ୍ୟର ୮୫ ଭାଗ ମଣ୍ଡିରେ ଏମଏସପି ମୂଲ୍ୟରେ ବିକ୍ରି ହୁଏ। କିନ୍ତୁ ଚାଷୀମାନେ ସିଧାସଳଖ ଭାବରେ ଏହାକୁ ମଣ୍ଡିରେ ବିକ୍ରି କରନ୍ତି ନାହିଁ ନା ସିଧାସଳଖ ଦେୟ ପାଆନ୍ତି ନାହିଁ। ସବୁ ଖାଦ୍ୟଶସ୍ୟ ଅଡ଼ତିୟାଙ୍କ ମାଧ୍ୟମରେ ମଣ୍ଡିରେ ବିକ୍ରି ହୁଏ ଏବଂ ଏହାର ମୂଲ୍ୟ ପାଆନ୍ତି ଅଡ଼ତିୟାମାନେ। ପରେ ସେମାନେ ଚାଷୀଙ୍କ ଦେୟରୁ ୨.୫ ପ୍ରତିଶତ କମିଶନ କାଟି ଚାଷୀମାନଙ୍କୁ ଦିଅନ୍ତି। କିନ୍ତୁ ତା'ର କୌଣସି ଗ୍ରହଣଯୋଗ୍ୟ ରେକର୍ଡ ତାଙ୍କ ପାଖରେ ନ ଥାଏ ଆବଶ୍ୟକ ବେଳେ ଅଡିଟ କରିବା ପାଇଁ। କମିଶନ ହିସାବରେ ଅଡ଼ତିୟାମାନେ ୧୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପାଉଥିବା ବେଳେ ସରକାର ଟିକସ ହିସାବରେ ୫୦୦୦ କୋଟି ଟଙ୍କା ପାଆନ୍ତି। ମୋଟ ୬୫୦୦ କୋଟି ଟଙ୍କା ଚାଷୀମାନେ ତାଙ୍କ ଏମଏସପି ମୂଲ୍ୟରୁ କମ ପାଆନ୍ତି। ଏହି ବିକ୍ରିରେ ଧାନ, ଗହମ, କପା, ମକା ଇତ୍ୟାଦି ଅନ୍ୟ କେତେକ ଫସଲ ଅନ୍ତର୍ଭୁକ୍ତ।

ଏହି ଅଡ଼ତିୟାମାନେ କେବଳ କମିଶନ ଏଜେଣ୍ଟ ନୁହନ୍ତି ସେମାନେ ଗାଁ ମହାଜନର ଭୂମିକା ନିର୍ବାହ କରନ୍ତି। ଚାଷୀମାନଙ୍କୁ କୃଷି କାର୍ଯ୍ୟ ପାଇଁ ଓ ଅନ୍ୟାନ୍ୟ ଅଣଉତ୍ପାଦ ଖର୍ଚ୍ଚ ପାଇଁ ଋଣ ଦିଅନ୍ତି। ଏଥିପାଇଁ ସୁଧ ୧୫ ପ୍ରତିଶତରୁ ୨୮ ପ୍ରତିଶତ ପର୍ଯ୍ୟନ୍ତ ଆଦାୟ କରନ୍ତି। ଯଦିଓ ଏବେକାର ବ୍ୟାଙ୍କର କୃଷିଋଣ ଯୋଜନା ଅନୁସାରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ବର୍ଷକର ଫସଲ ଉତ୍ପାଦନ ପାଇଁ ଋଣ ସହଜରେ ଓ କମ ସୁଧରେ ନେଇ ପାରିବେ ତେବେ ଚାଷ ପାଇଁ ଚାଷୀମାନେ ଅଡ଼ତିୟାଙ୍କ ପାଖକୁ ଯାଆନ୍ତି ନାହିଁ କି? ଏବେ ଏକ ଖବରରୁ ପ୍ରକାଶ ପାଇଛି ଯେ, ପଞ୍ଜାବରେ କୃଷି ଋଣ ଅନାଦାୟ ପରିମାଣ ହଠାତ୍ ୯୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତା'ର କାରଣ ହେଲା ପଞ୍ଜାବ ସରକାର ଯେଉଁ କୃଷି ଋଣ ଛାଡ଼ କଲେ ସେହି ଛାଡ଼ରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସୀମିତ ପରିମାଣର ଋଣ ଛାଡ଼ ପାଇଲେ ଆଉ ଯେଉଁମାନେ ଛାଡ଼ ପାଇଲେ ନାହିଁ, ଭବିଷ୍ୟତରେ କାଳେ ଛାଡ଼ ପାଇବେ ବୋଲି ବ୍ୟାଙ୍କ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କରୁ ଋଣ ଆଣିବାକୁ ଅଯୋଗ୍ୟ ବିବେଚିତ ହେଲେ। ତେଣୁ ବିକଳ୍ପ ନ ପାଇ ଅଡ଼ତିୟା ପାଖକୁ ଗଲେ। ଏହି ଅଡ଼ତିୟାମାନେ ସମାନ୍ତରାଳ ବ୍ୟାଙ୍କ ପରି ପଞ୍ଜାବର ଗ୍ରାମାଞ୍ଚଳରେ କାମ କରୁଛନ୍ତି। କିନ୍ତୁ ସୁଧ ନେଉଛନ୍ତି ୧୫ ପ୍ରତିଶତରୁ ୨୮ ପ୍ରତିଶତ। ଯେଉଁମାନେ ଅଧିକ ସୁଧରେ ଅଡ଼ତିୟାଙ୍କଠାରୁ ଋଣ ନେଉଛନ୍ତି ସେମାନେ ଋଣଯନ୍ତାରେ ଏପରି ପଡିଯାଉଛନ୍ତି ଯେ, ଋଣମୁକ୍ତ ହୋଇପାରୁନାହାନ୍ତି। ପଞ୍ଜାବରେ ଚାଷୀ ଆତ୍ମହତ୍ୟାର ବିଭିନ୍ନ କାରଣ ମଧ୍ୟରୁ ଏହି ଅଡ଼ତିୟାଙ୍କଠାରୁ ନେଇଥିବା ଋଣ ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ଏହି ଅଡ଼ତିୟାମାନେ ବିଭିନ୍ନ ରାଜନୈତିକ ଦଳର ପୃଷ୍ଠପୋଷକ। କୁହାଯାଏ, ଏମାନେ ସେମାନଙ୍କର ଭୋଟ ବ୍ୟାଙ୍କକୁ ମଜଭୁତ କରନ୍ତି। ତା'ଛଡ଼ା କୁହାଯାଏ କେତେକ ନେତା ସେମାନଙ୍କର ବଳକା ଅର୍ଥକୁ ଏହି ଅଡ଼ତିୟାଙ୍କ ମାଧ୍ୟମରେ ଋଣରେ ନିବେଶ କରି ସୁଧ ପାଆନ୍ତି। ପଞ୍ଜାବରେ ଅଡ଼ତିୟା ବ୍ୟବସ୍ଥା ଏକ ବିଷଚକ୍ର ସୃଷ୍ଟି କରି ପଞ୍ଜାବର ଗ୍ରାମ୍ୟ ଅର୍ଥନୀତି ଓ ରାଜନୀତିକୁ କବଳିତ କରି ରଖିଛି। ଏ କ୍ଷେତ୍ରରେ ଅଡ଼ତିୟାଙ୍କ ଆୟ କମିଗଲେ ସମସ୍ତ ରାଜନୈତିକ ଦଳ ଆଗଭର ହୋଇ ଆସୁଛନ୍ତି ଅଡ଼ତିୟାମାନଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ। ବର୍ତ୍ତମାନର କୃଷକ ଆନ୍ଦୋଳନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅଡ଼ତିୟାମାନେ ପ୍ରଭାବିତ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପଞ୍ଜାବରେ ଏହି ଅଡ଼ତିୟା ବ୍ୟବସ୍ଥା ହରିୟାଣା ବ୍ୟତୀତ ଅନ୍ୟ ରାଜ୍ୟରେ ନାହିଁ। ସେସବୁ ରାଜ୍ୟର ସମସ୍ୟା ଭିନ୍ନ। ଆମ ରାଜ୍ୟ ଓଡ଼ିଶାରେ ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟର ଠିକ ମୂଲ୍ୟ ନ ପାଇବାରେ ଏପିଏମ୍‌ସି ମଣ୍ଡି ବ୍ୟବସ୍ଥାର ଅପାରଗତା ଓ ଆଇନ୍‌କାନୁନ୍ ମୁଖ୍ୟତଃ ଦାୟୀ। ଏହାର ସୁଧାର ପାଇଁ ନୂତନ କୃଷି ଆଇନ ସହାୟକ ହେବ ବୋଲି ଆଶା କରାଯାଉଥିବା ବେଳେ ଆମ ରାଜ୍ୟର କେତେକ କୃଷକ ସଂଗଠନ ଦିଲ୍ଲୀ ଯାଇ କୃଷକ ଆନ୍ଦୋଳନରେ ଯୋଗଦେଇଛନ୍ତି। କିନ୍ତୁ ଆମର ସମସ୍ୟା କ'ଣ ତା'ର ବିକଳ୍ପ, କ'ଣ ହେବା ଉଚିତ ତାହାର ବିକଳ୍ପ କଥା କହୁନାହାନ୍ତି। ସେମାନେ କ'ଣ ଚାହୁଁଛନ୍ତି ଗତ ୭୩ ବର୍ଷର ଏପିଏମ୍‌ସି ବ୍ୟବସ୍ଥା ସେହିପରି ଚାଲୁ? ଗତ କେତେବର୍ଷ ତଳେ ଓଡ଼ିଶାର ଏକ କୃଷକ ସଂଗଠନ କୃଷକମାନଙ୍କର ଦାବି ଜଣାଇବା ପାଇଁ ରାଜଧାନୀରେ ଏକ କୃଷକ ସମାବେଶ ଆୟୋଜନ କରିଥିବାବେଳେ ସେମାନଙ୍କୁ ସରକାର ରାଜଧାନୀରେ ପୂରାଇ ଦେଲେ ନାହିଁ ଏବଂ ସେମାନଙ୍କ ନେତାଙ୍କୁ ରାତିଅଧିଆ ଗିରଫ କରିନେଲେ। ସେତେବେଳେ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକ ଓ ଓଡ଼ିଶାର ଅନ୍ୟ କୃଷକ ସଂଗଠନ ତା'ର କି ପ୍ରତିବାଦ କଲେ । ଆଜି କିନ୍ତୁ ସମସ୍ତ ବିରୋଧୀ ଦଳ, ଓଡ଼ିଶାର ପ୍ରମୁଖ ଚାଷୀ ସଂଗଠନ ଦିଲ୍ଲୀ-ପଞ୍ଜାବର କୃଷକମାନଙ୍କର ଆହ୍ୱାନରେ ଦିଲ୍ଲୀରେ ହାଜର। ଯେଉଁ କୃଷକ ସଂଗଠନକୁ ଓଡ଼ିଶା ସରକାର ରାଜଧାନୀରେ ପୂରାଇଦେଉ ନ ଥିଲେ ସେମାନେ ବି ଦିଲ୍ଲୀରେ ହାଜର । ସେମାନଙ୍କୁ କେଉଁ ରାଜ୍ୟର କୃଷକ ସଂଗଠନ ସାହାଯ୍ୟର ହାତ ବଢ଼ାଇଥିଲେ ସେ ଦିନ?

ବର୍ତ୍ତମାନର ଆନ୍ଦୋଳନରେ ଚାଷୀମାନଙ୍କ ଆୟବୃଦ୍ଧି ପାଇଁ ଯେତିକି ଦରଦ ନାହିଁ ନିଜ ନିଜ ଗୋଷ୍ଠୀର ଅଧିକ ସ୍ୱାର୍ଥ ହାସଲ ପାଇଁ ଦରଦ ଅଛି। ବର୍ତ୍ତମାନର ଭାଜପା ଲୋକ ସଭା, ବିଭିନ୍ନ ବିଧାନସଭା ଓ ସ୍ଥାନୀୟ ସ୍ୱାୟତ୍ତ ଶାସନ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳକୁ ହରାଇ ଜୟଯୁକ୍ତ ହେଉଥିବାରୁ ଏହା ସ୍ୱାଭାବିକ ଯେ, ବିରୋଧୀଦଳଗୁଡ଼ିକ ନିଜ ନିଜର ସ୍ଥିତି ରକ୍ଷା ପାଇଁ ଏକ ସୁଯୋଗ ପାଇଛନ୍ତି କୃଷକ ଆନ୍ଦୋଳନ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇ ସରକାରଙ୍କ ମନୋବଳକୁ ଭାଙ୍ଗିବା ପାଇଁ। ସମସ୍ତ ରାଜନୈତିକ ଦଳ ଓ ରାଜନେତାମାନେ ସ୍ୱାଧୀନତା ପର ଚାଷୀକୁ ମୋହରା କରି ନିଜ ନିଜର କ୍ଷମତା ଆକାଂକ୍ଷାକୁ ପୂରଣ କରିବାକୁ ଚେଷ୍ଟା କରିଛନ୍ତି। ଚାଷୀର ଆୟ ତୁଳନାତ୍ମକ ଭାବେ କମି କମି ଚାଲିଛି ଯଦିଓ ଉତ୍ପାଦନ ଚାଷୀ ବୃଦ୍ଧି କରିଛି। ଦେଖାଯାଉ ଏହି ଆନ୍ଦୋଳନ କି ରୂପ ନେଉଛି ଆଉ ଚାଷୀମାନେ କିପରି ଉପକୃତ ହେଉଛନ୍ତି।

ଏ ୫୦୨, ମୋତିବ୍ଲକ, ତେଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର
ଭୁବନେଶ୍ୱର, ମୋ: ୯୯୩୭୯୫୧୨୬୨

# ଆଶାରେ ସଞ୍ଜୀବନୀ



ଡ. ଅଜୟ କୁମାର ନନ୍ଦ

ବିଜ୍ଞାନ ଯୁଗରେ ଆଜିର ଯନ୍ତ୍ରମାନବ ମଧ୍ୟ ଭୟ ଓ ଆଶଙ୍କାଜନିତ ଦୋଛକି ଗ୍ଲାନିରୁ ବର୍ତ୍ତି ପାରୁନାହାନ୍ତି। କେଉଁ ଗୋଟିକର ଉଚିତ ମୁକାବିଲା କରି ନ ପାରିବା, ଉଭୟ ଜ୍ଞାନ ଆହରଣ ଓ ବିଜ୍ଞାନ ପ୍ରୟୋଗର ପରିପକ୍ୱତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଶ୍ୱର କୋଣ ଅନୁକୋଣ,ଏପରି କି ଦେଶ ବିଦେଶରୁ ଟପି ଏବେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ଅନୁଭବ କରୁଛନ୍ତି ସଂକ୍ରମଣଜନିତ ଏକ ଅଜଣା ରୋଗର ଭୟ। ବୈଶ୍ୱିକ ମହାମାରୀକୁ ରୋକିବା ବା ନିଦାନ କରିବାର ଯୋଜନା ଦିନକୁ ଦିନ ଗଡ଼ିବାରେ ଲାଗିଛି। ବିଶ୍ୱର ଅନେକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ର ମଧ୍ୟ ଏ ଅଦୃଶ୍ୟ ଯୁଦ୍ଧର ରଣନୀତି ନେଇ କୌଣସି ଚୂଡାନ୍ତ ନିଷ୍ପତ୍ତିରେ ଉପନୀତ ହୋଇପାରୁନାହାନ୍ତି।

ଭୂତାଣୁ ସଂକ୍ରମଣ ତାଲିକାରେ ଉଭୟ ଦେଶ ଓ ରାଜ୍ୟ ସକ୍ରିୟ ହେବା ଇତିମଧ୍ୟରେ ଆଠମାସ ଅତିବାହିତ ହୋଇଗଲାଣି। ସଂକ୍ରମଣ ରୋକିବା ନେଇ ସରକାରଙ୍କର ସମସ୍ତ ପ୍ରାଥମିକ ପ୍ରକ୍ରିୟା ଯଥା ଲକ୍‌ଡାଉନ, ଶଟ୍‌ଡାଉନ ଓ ଅନ୍‌ଲକର ପଞ୍ଚମ ପର୍ଯ୍ୟାୟ ଇତିମଧ୍ୟରେ ଶେଷ ହୋଇଥିଲା ବେଳେ ସାମାଜିକ ଦୂରତା, ମାସ୍କ ପରିଧାନ, ବାରମ୍ବାର ହାତ ସଫା ଆଦି କୋଭିଡ୍ ନିୟମ ଉଭୟ ସଂକ୍ରମଣ ରୋକିବା ଓ ଆରୋଗ୍ୟ ହାର ବଢ଼ାଇବା ନିମନ୍ତେ ଅନେକାଂଶରେ ସଫଳ ହୋଇଛି। ପୁନଶ୍ଚ କେଉଁଠାରେ ପୁନଃ ସଂକ୍ରମଣର ଭୟ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଜଳବାୟୁର ଅହେତୁକ ପରିବର୍ତ୍ତନ ଏଲନିନୋ ପ୍ରବାହରେ ଚଳିତବର୍ଷ ଶୀତର ପ୍ରକୋପ ପୂର୍ବ ବର୍ଷ ତୁଳନାରେ ଅଧିକ ଅନୁଭୂତ ହେବ, ଯାହା ମହାମାରୀ ସଂକ୍ରମଣକୁ ଖୋରାକ ଯୋଗାଇବ। ଅନ୍ୟପକ୍ଷରେ ଉଭୟ ଜୀବନ ଓ ଜୀବିକାକୁ ବାଦ୍ ନ ଦେଇ ସଂକ୍ରମଣର ଦୃଢ଼ ମୁକାବିଲା କରିବାରେ ଜନସାଧାରଣଙ୍କର ଅହେତୁକ ସମର୍ଥନ ଓ ଶୃଙ୍ଖଳିତ ଆଚରଣ ସ୍ପଷ୍ଟ ପ୍ରମାଣିତ ହୋଇଛି। ମହାମାରୀ ପ୍ରବାହଜନିତ ଅର୍ଥନୀତି ସୁଧୁରିବାରେ ସବୁଜ ସଙ୍କେତ ପ୍ରତୀୟମାନ ହେଉ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଆଗାମୀ ପିଢ଼ି ଓ ଦୀର୍ଘଦିନ ବନ୍ଦହୋଇ ରହିଥିବା ମଣିଷଗଢ଼ା କାରଖାନା ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପୁନଃ ସଞ୍ଚାଳନ ସହିତ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ଏବେ ପ୍ରମୁଖ ଆହ୍ୱାନ ହୋଇ ଛିଡାହୋଇଛି। ସରକାର ଏ ଦିଗରେ ଅଧିକ ସମ୍ବେଦନଶୀଳ ଥିଲେ ମଧ୍ୟ ଅଭିଭାବକ, ଶିକ୍ଷାନୁଷ୍ଠାନର କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ହିଁ ଆଣିଦେବ ଅସୁସ୍ଥ ଶିକ୍ଷା ବ୍ୟବସ୍ଥାରେ ସୁସ୍ଥ ମଲମ। ଜନସ୍ୱାସ୍ଥ୍ୟ ସହିତ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ସପକ୍ଷରେ ଅନେକ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ମତ ସାବ୍ୟସ୍ତ କରୁଛନ୍ତି। ଶିକ୍ଷା ବର୍ଷର ଅର୍ଦ୍ଧାଧିକ ସମୟ ଅତିକ୍ରମ କରିବାକୁ ବସିଥିବାବେଳେ, ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଭବିଷ୍ୟତର ଅଗ୍ନିପରୀକ୍ଷା ଯଥା ଦଶମ ଓ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ପରିଚାଳନା ନେଇ ସମସ୍ୟା ଠିଆ ହୋଇଛି। ବାକି ସମୟର ସଦୁପଯୋଗ କରି ପାଠ୍ୟକ୍ରମ ସାରିବା ନେଇ କେଉଁ ରଣନୀତି ଆପଣେଇବାକୁ ପଡିବ ଉଭୟ ସରକାର ଓ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ। ଅନ୍‌ଲାଇନ ଶିକ୍ଷା କ୍ଷେତ୍ରରେ ବୈଷୟିକ ଭିତ୍ତିଭୂମି, ଅଭିଭାବକଙ୍କ ଆର୍ଥିକ ସଙ୍କଟ ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ଏ ଦିଗରେ ବାଧକ ସୃଷ୍ଟି କରୁଛି। ଯଦିଓ ଏକତୃତୀୟାଂଶ ଛାତ୍ରୀଛାତ୍ର ସୁଫଳ ପାଇଛନ୍ତି ବାକି ସମସ୍ତେ ଏଥିରୁ ବଞ୍ଚିତ ହୋଇ ମାନସିକ ଅବସାଦରେ ଛନ୍ଦି ହୋଇପଡିଛନ୍ତି। ଅନ୍ୟପକ୍ଷରେ ସ୍କୁଲରେ ପିଲାଙ୍କ ଶାରୀରିକ ଉପସ୍ଥିତି କୋଭିଡ୍ ସଂକ୍ରମଣକୁ ଭୟାନକ କରିପାରେ ବୋଲି ଆନ୍ଧ୍ରପ୍ରଦେଶର ଏକ ସ୍କୁଲ ଖୋଲିବା ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଏସବୁକୁ ଦୃଷ୍ଟିରେ ରଖି ପିଲାମାନଙ୍କ ଯାତାୟାତ ଠାରୁ ଆରମ୍ଭ କରି କୋଭିଡ୍ ନିୟମ ଅନୁପାଳନ କରିବା ସହିତ ଶ୍ରେଣୀ ଗୃହରେ ଶୃଙ୍ଖଳିତ ଶିକ୍ଷାଦାନ କରିବା ନେଇ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏସବୁ ସାବଧାନତା ଅବଲମ୍ବନ ଏକ ସାମୟିକ ପଦକ୍ଷେପ ହେଲେ ମଧ୍ୟ ଏହା ଦୀର୍ଘକାଳୀନ ସମାଧାନ ହୋଇ ନ ପାରେ। ଏବେ ସମସ୍ତଙ୍କ ଆଖି ଗୋଟିଏ ଜିନିଷ ଉପରେ କେନ୍ଦ୍ରୀଭୂତ ହୋଇଛି ତାହା ହେଲା କୋଭିଡ୍ ଭ୍ୟାକ୍ସିନ୍ ବା ଟିକା। କେବଳ ଭ୍ୟାକ୍ସିନ୍ ହିଁ ଆଣିପାରିବ ମହାମାରୀର ଅନ୍ତ, ଏହା ନିଃସନ୍ଦେହ।

ବିଶ୍ୱରେ ଟିକା ପ୍ରସ୍ତୁତିରେ ଇଂଲଣ୍ଡର ଅକ୍ସଫୋର୍ଡ ୟୁନିଭର୍ସିଟି ସମେତ ରୁଷିଆ, ଜର୍ମାନୀ, ଭାରତ, ଚାଇନା, ଆମେରିକା ପ୍ରଭୃତି ଦେଶ ଅହରହ ସଂଗ୍ରାମ ଚାଲୁ ରଖି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଉଛି। ସୂଚନାନୁଯାୟୀ ୧୪୧ଟି ଟିକାର ପରୀକ୍ଷଣ ମଧ୍ୟରୁ ବିଭିନ୍ନ ଦେଶରେ ୪୧ଟି ଟିକାର ମାନବ ପରୀକ୍ଷଣ ଚାଲୁ ରହିଛି। ଚଳିତବର୍ଷର ଶେଷ ଓ ଆସନ୍ତା ବର୍ଷର ପ୍ରଥମାର୍ଦ୍ଧରେ ଏହା ଅସିବ ବୋଲି କେତେକ ଦେଶର ବୈଜ୍ଞାନିକମାନେ ଆଶାବ୍ୟକ୍ତ କରୁଛନ୍ତି। ଏହାର ନିରାପତ୍ତା, ଗୁଣବତ୍ତା ଓ ପରିପକ୍ୱତା ଆଦିର ସଫଳ ରୂପାୟନ ହୋଇ ନ ଥିଲା ବେଳେ ଟିକା ଯୋଗାଣ ରାଜନୀତି ଏବେ ଜୋର ଧରିଛି। ଏପରି କି ବିଶ୍ୱର ବିକଶିତ ରାଷ୍ଟ୍ର ଆମେରିକା ତା'ର ରାଷ୍ଟ୍ରପତି ନିର୍ବାଚନର ଇସ୍ତାହାରରେ ମୁଖ୍ୟ ପ୍ରସଙ୍ଗ ବୋଲି ଅଭିହିତ କରିଥିଲା। ଅନ୍ୟପଟେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ମଧ୍ୟ ଏ ଦୌଡ଼ରୁ ପଛେଇ ଯାଇ ନ ଥିଲା। ବିଭିନ୍ନ ରାଜ୍ୟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ଓ ଉପନିର୍ବାଚନରେ ଏପରି ଏକ ଅପରାଜେୟ ବା ସହଜ ଅସ୍ତ୍ରକୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ରଣାଙ୍ଗନରେ ସାମିଲ କରାଇବାରେ ହାତଛଡ଼ା କରିବାକୁ ପଛାଇ ନ ଥିଲେ। ସମ୍ଭାବନାରେ ଥିବା ବିଶଲ୍ୟକରଣୀ ବା ମହାମାରୀ ପ୍ରତିଷେଧକ ଟିକା ଭାରତର ସବୁ ଲୋକଙ୍କୁ ଏକା ସମୟରେ ଦିଆଯିବା ପାଇଁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ଉପରେ ସମସ୍ତଙ୍କର ଦୃଷ୍ଟି ରହିଛି। ଟିକାକରଣ ପ୍ରକ୍ରିୟାକୁ ଅଧିକ ସରଳ କରିବା ଆବଶ୍ୟକ। ଟିକା ଯୋଗାଣ ମିଶନ ଭଳି ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଜରିଆରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ସମସ୍ତଙ୍କୁ ଟିକା ଦେବା ହିଁ ମୁଖ୍ୟ ଲକ୍ଷ୍ୟ ହେବା ଉଚିତ।

ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ
ajayakumananda@gmail.com

## ଏଇ ଭାରତରେ

ଚା'ବିନା ଜୀବନ ବିଷୟରେ ଚିନ୍ତା କରାଯାଇପାରେନା ବୋଲି ଆମମାନଙ୍କ ମଧ୍ୟରୁ ଅନେକଙ୍କ ଧାରଣା। ଏଥିପାଇଁ ତ ସକାଳ ହେବା କ୍ଷଣି ଘରେ ଓ ରାସ୍ତାକଡ଼ ଦୋକାନରେ ଜମିଯାଏ ଚା'ର ଆସର। ମାଟି ଖୁରା କି କାଚଗ୍ଲାସରେ ଚା' କପ୍‌ର ମୂଲ୍ୟ ୧୦ ଟଙ୍କା ହେଲେ ଆମକୁ ବୁଝା। ହେଲେ ବିସ୍କୁଟ କପରେ ଚା'ମୂଲ୍ୟ ୨୦ଟଙ୍କାରେ ବିକ୍ରି ହେଉଛି ତାମିଲନାଡୁରେ। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ, ହେଲେ କଥା ସତ। ଏଭଳି ଚା' ବିକ୍ରି ହେଉଛି କିଓସ୍କର ମଦୁରାଇ ୱେଷ୍ଟ ମାସି ଷ୍ଟ୍ରିଟ୍‌ରେ ଥିବା ବିବେକ ସଭାପତିଙ୍କ ଚା' ଦୋକାନରେ। ସେ ଦୋକାନର ନାଁ ରଖିଛନ୍ତି 'ଆର୍‌ଏସ୍ ପଥି ଆଣ୍ଡ କୋ'। କେବଳ ଏତିକି ନୁହେଁ, ଏହି ଚା'ଦୋକାନରେ ଚା' ପିଇବେ ଓ ବିସ୍କୁଟ କପ୍‌କୁ ବି ଖାଇବେ । ବିସ୍କୁଟ କପ୍‌ର ସ୍ୱାଦ ଚକୋଲେଟ ଭଳି। ଏଥିରେ ୬୦ମିଲି ଚା'ଧରୁଛି ଓ ୧୦ ମିନିଟ ଯାଏ ତାହା ଗରମ ରହୁଛି। ପ୍ରତିଦିନ ୫୦୦ କପ୍ ଏଭଳି ଚା' ବିକ୍ରି ହେଉଛି ବୋଲି କହନ୍ତି ବିବେକ। ୨୦୧୯ରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ହେବା ପରେ ବିବେକ ବିସ୍କୁଟ କପ୍‌ରେ ଚା'ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଡିସେମ୍ବର ୧୯୯୫

- ଚୀନ୍‌ର ବିଦ୍ରୋହୀ ନେତା ୱି ଜିଙ୍ଗ୍‌ଶେଙ୍ଗଙ୍କୁ ୧୪ ବର୍ଷ କାରାଦଣ୍ଡ ଦେବା ପାଇଁ ଚୀନ୍ ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ଆମେରିକାର ଦୃଢ଼ ବିରୋଧ।
- ଅପରାଧମୂଳକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଧର୍ମୀୟ ସଂପ୍ରଦାୟ ଆଓସ ସୁପ୍ରିସତ୍ୟୁଥ ତୋମସତେର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିବା ପାଇଁ ଟୋକିଓ ଜିଲା ଅଦାଲତଙ୍କ ନିର୍ଦ୍ଦେଶ।

## ଚିରନ୍ତନୀ

ହୁଡ଼ା କରେ ଗାଁଆର ମଶାଣି
ଦୁକୁ ଦୁକୁ ଜଳେ କା'ର ଜୁଇ
କାନ୍ଧରେ ଧାନହଳା ଥୋଇ
ଝୁଲି ଝୁଲି ଆସେ ରାଧୁ ଭୋଇ
ପାଶେ ଯାଇ ପଚାରିଲି ମୁହିଁ
'ମଶାଣିରେ ଜଳେକା'ର ଜୁଇ?' -(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଚିନ୍ତାର ବିଷୟ

ମହାଶୟ,

ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ବର୍ଷ ପରେ ଆମ ଦେଶ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣରେ ବୁଡି ରହିଛି। ଚାରିଆଡେ, ହିଂସା, ଦ୍ୱେଷ, ଅନ୍ୟାୟ, ଶୋଷଣ ଓ ଅସହିଷ୍ଣୁତାର ରାଜତ୍ୱ । ରାଜନେତା, ସରକାରୀ କର୍ମଚାରୀ ଓ ସାଧାରଣ ଜନତାଙ୍କ ଠାରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ହେବାରେ ଲାଗିଛି। ଗଣତନ୍ତ୍ର ଯେତେ ପରିପକ୍ୱ ହେଉଛି, ଏହା ସେତେ ଅର୍ଥବଳ ଓ ବାହୁବଳ ଦ୍ୱାରା କବଳିତ ହେଉଛି। ରାଜନୀତିରେ ଆପରାଧିକ ତତ୍ତ୍ୱମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ବିନା ଲାଞ୍ଚରେ ସରକାରୀ ଦପ୍ତରରେ ଲୋକଙ୍କର କୌଣସି କାମ ହେଉନାହିଁ। ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ପିସି କାରବାର ହେଉଛି। ଗଣମାଧ୍ୟମଗୁଡ଼ିକ ସରକାରଙ୍କ ଦୋଷ ତ୍ରୁଟି ଦର୍ଶାଇବା ପରିବର୍ତ୍ତେ ସରକାରଙ୍କର ସ୍ତୁତିଗାନ କରୁଛନ୍ତି। ରାଜନୀତି ସମସ୍ତ ଦୁର୍ନୀତିର ମୂଳ ଉତ୍ସ। ମାତ୍ର ନିର୍ବାଚନ ପ୍ରକ୍ରିୟାରେ କୌଣସି ସଂସ୍କାର ଅଣା ଯାଉନାହିଁ। ଅନେକ ରାଜନେତାଙ୍କ ସମ୍ପତ୍ତି ପାଞ୍ଚ ବର୍ଷରେ ୫୦୦ ପ୍ରତିଶତରୁ ଅଧିକ ବଢୁଛି। ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ରାଜନୈତିକ ଦଳମାନେ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହେବା ପରେ ପ୍ରତିଶ୍ରୁତିକୁ ଭୁଲି ଯାଉଛନ୍ତି। ବିରୋଧୀ ଦଳମାନେ ସବୁ କଥାରେ ସରକାରଙ୍କର ସମାଲୋଚନା କରୁଛନ୍ତି। ସରକାର ମଧ୍ୟ ବିରୋଧୀ ଦଳଙ୍କ ଗଠନମୂଳକ ସମାଲୋଚନାକୁ ସମ୍ମାନ ଦେଉନାହାନ୍ତି। ଏସବୁର ଅନ୍ତ ହେବା ଉଚିତ। ମାତ୍ର ବିରୋଧୀ ଦଳ, ଗଣମାଧ୍ୟମ ଓ ନାଗରିକ ସମାଜର ଏହା ବିରୋଧରେ ପ୍ରତିବାଦର ସ୍ୱର ଶାଣିତ ଓ ପ୍ରଭାବଶାଳୀ ହେଉନାହିଁ। ଏହା ଆମ ସମସ୍ତଙ୍କ ପାଇଁ ଘୋର ଚିନ୍ତାର ବିଷୟ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | B | E | | | | | | | | | | C |
| | D | 9 | | C | | | | 3 | | B | 1 | | 0 | |
| 8 | | B | | | | | 2 | | | | 3 | 5 | E | 9 |
| 3 | | 7 | D | | | | | | | | | | | B |
| | | C | 8 | | | | E | | | | 4 | | 2 | |
| | | 2 | 1 | 8 | | | 7 | | | | | | | E |
| A | | | 0 | | | | | E | 2 | | | | 9 | 1 |
| 4 | | | 5 | | | | | | | D | | | 8 | |
| 9 | 7 | | 2 | | | 4 | | A | 8 | 6 | | B | | |
| | | 1 | | | | | | | | | | 6 | D | |
| C | 2 | | | | | 5 | | | 4 | | | | 6 | D |
| | | | | 3 | | | | C | | | | | | |
| | 1 | | | | | | 6 | | 5 | | 8 | | | 4 |
| | 0 | 8 | 4 | | | 1 | | | | A | C | | | 3 |
| | | E | 6 | | 7 | | | | | 3 | B | 9 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 3 | 5 | 8 | 7 | B | 6 | 1 | A | 2 | C | E | 4 | 9 | D |
| 7 | 8 | 9 | 4 | 5 | D | C | 3 | 2 | A | 1 | 0 | B | E | 6 |
| B | A | E | 2 | 9 | C | D | 8 | 4 | 5 | 3 | 6 | 7 | 0 | 1 |
| D | 1 | C | 0 | 6 | A | 5 | E | B | 4 | 7 | 9 | 3 | 8 | 2 |
| 6 | 4 | 2 | 3 | E | 1 | 9 | 0 | 7 | B | 8 | D | A | 5 | C |
| 5 | 0 | 8 | 6 | 1 | 4 | A | D | 9 | 3 | 2 | B | C | 7 | E |
| 1 | 6 | 7 | A | B | 2 | E | C | 5 | D | 9 | 8 | 0 | 4 | 3 |
| 9 | B | A | 7 | 3 | 5 | 0 | 2 | 1 | E | 4 | C | 6 | D | 8 |
| 4 | C | D | E | 8 | 0 | 3 | 7 | 6 | 1 | A | 5 | 2 | B | 9 |
| E | 2 | 3 | D | C | 9 | B | 4 | 8 | 6 | 0 | 7 | 1 | A | 5 |
| 8 | D | 0 | 9 | 2 | 6 | 1 | A | 3 | 7 | 5 | 4 | E | C | B |
| C | 5 | B | 1 | 0 | 7 | 2 | 6 | E | 9 | D | A | 8 | 3 | 4 |
| 2 | 7 | 4 | B | D | E | 8 | 5 | 0 | C | 6 | 3 | 9 | 1 | A |
| 3 | E | 6 | 5 | A | 8 | 4 | 9 | C | 0 | B | 1 | D | 2 | 7 |
| A | 9 | 1 | C | 4 | 3 | 7 | B | D | 8 | E | 2 | 5 | 6 | 0 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ବାପା, ଝିଅ ମୃତ

**ସୋନପୁର,୧୪।୧୨(ନି.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଛେପାପାଲି ନିକଟରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାପା, ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଳଗୋପାଳ ମିଶ୍ର(୪୫) ଓ ତାଙ୍କ ଝିଅ ଶ୍ରୀମା ପ୍ରିୟଦର୍ଶିନୀ(୮)। ବାଳଗୋପାଳଙ୍କ ସ୍ତ୍ରୀ କଲ୍ୟାଣୀ(୪୦)ଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଳଗୋପାଳ ନିଜ ବାଇକ୍‌ରେ ସ୍ତ୍ରୀ ଓ ଝିଅଙ୍କୁ ବସାଇ ତରଭାରୁ ସୋନପୁର ସହରକୁ ଫେରୁଥିଲେ। ଏହି ସମୟରେ ସମ୍ମୁଖ ପଟୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ସେହି ବାଇକ୍‌ରେ ଟିଟିଲାଗଡ ହାଟପଦା ଅଞ୍ଚଳର ମନୋରଞ୍ଜନ ମିଶ୍ର ଓ ମାନଭଞ୍ଜନ ମିଶ୍ର ଥିଲେ। ଦୁର୍ଘଟଣାରେ ଉଭୟେ ଆହତ ହୋଇଛନ୍ତି। ସୋନପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ମୃତ ଓ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସୋନପୁର ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ।

### ଦିନଦ୍ୱିପ୍ରହରରେ ଲୁଟିନେଲେ ୫ଲକ୍ଷ

**ଲଖନପୁର, ୧୪।୧୨(ଡି.ଏନ.ଏ.):** ଝାରସୁଗୁଡା ସହର ବମ୍ବେ ଛକ ନିକଟରେ ଅଟକିଥିବା ଏକ କାର ଭିତରୁ ଦୁର୍ବୃତ୍ତମାନେ ସୋମବାର ଦିନ ଦ୍ୱିପ୍ରହରରେ ୫ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଝାରସୁଗୁଡା ଟାଉନ ଥାନା ପୋଲିସ ପହଞ୍ଚି ବିଭିନ୍ନ ରାସ୍ତା ସିଲ୍ କରି ଲୁଟ୍ ସମ୍ପର୍କରେ ଛାନ୍‌ଭିନ୍ ଆରମ୍ଭ କରିଛି। ହେଲେ ଫେରାର ଲୁଟେରାଙ୍କ ସମ୍ପର୍କରେ ପୋଲିସକୁ କୌଣସି ସୁରାକ ମିଳିପାରିନାହିଁ। ସୂଚନାଯୋଗ୍ୟ ବ୍ରଜରାଜନଗର ଗାନ୍ଧୀ ଛକର ଏକ କୋଇଲା ଟ୍ରାନ୍ସପୋର୍ଟର କର୍ମଚାରୀ ଦୀନେଶ ସାହୁ ସୋମବାର ଅପରାହ୍ନ ୧ଟାରେ ଝାରସୁଗୁଡା ବେହେରାମାଲସ୍ଥିତ ଆକ୍ସିସ୍ ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଉଠାଇ କାର୍ ଯୋଗେ ଗାନ୍ଧୀ ଛକ ଆସୁଥିଲେ। ଦୀନେଶଙ୍କ କୌଣସି କାମ ଥିବାରୁ ବମ୍ବେ ଛକରେ କାର୍ ଅଟକାଇ ଏକ ଦୋକାନକୁ ଯାଇଥିଲେ। ଏହି ସମୟରେ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ କାର୍ ଭିତରୁ ଟଙ୍କା ବ୍ୟାଗଧରି ଚମ୍ପଟ ମାରିଥିଲେ। ଏହା ଜାଣିପାରି ଦୀନେଶ କାର୍‌ରେ ସେମାନଙ୍କ ପିଛା କରିଥିଲେ। ହେଲେ ସେମାନେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଦୀନେଶ ଟ୍ରାନ୍ସପୋର୍ଟ ମାଲିକ ସନ୍ତୋଷ ମିଶ୍ରଙ୍କୁ ଜଣାଇଥିଲେ। ସନ୍ତୋଷ ପୋଲିସକୁ ଅବଗତ କରାଇବା ପରେ ଝାରସୁଗୁଡା ଥାନା ଆଇଆଇସି ସାବିତ୍ରୀ ବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ତଦନ୍ତ ପାଇଁ ଗାଁକୁ ଫେରିଛନ୍ତି କେରଳରୁ ୩ଜଣ

**ନୟାଗଡ ଅଫିସ,୧୪।୧୨:** ନୟାଗଡ ସଦର ଥାନା ପରୀ ହତ୍ୟା ଘଟଣା ପରେ କେରଳ ଯାଇଥିବା ୩ ଜଣ ବ୍ୟକ୍ତି ଯଦୁପୁର ଫେରିଛନ୍ତି। ଗାଁ ପକ୍ଷରୁ ଖବର ଗଲାପରେ ସେମାନେ ଏସ୍‌ଆଇଟି ତଦନ୍ତରେ ସହଯୋଗ କରିବାକୁ ଫେରିଛନ୍ତି। ଅନ୍ୟପକ୍ଷେ ସୋମବାର ଏସ୍‌ଆଇଟି ଟିମ୍‌ର କେତେଜଣ ସଦସ୍ୟ ଗାଁକୁ ଯାଇ ଲୋକଙ୍କୁ ଦେଖା କରିବାକୁ କହିଛନ୍ତି।

# ଗାଁ ଦାଣ୍ଡରେ ଖେଳ... 'ନା ବାବା ନା'

ନୟାଗଡ ଅଫିସ,୧୪।୧୨

- ପରୀ, ସ୍ୱାତୀ ପରେ ବଢ଼ିଲା ଭୟ
- ଶିଶୁ ଅପହରଣ, ହତ୍ୟା ପଛରେ ର୍‍ୟାକେଟ ସନ୍ଦେହ

ନୟାଗଡ଼ ସଦର ଥାନା ଅନ୍ତର୍ଗତ ଯଦୁପୁରରେ ୫ ବର୍ଷର ଶିଶୁକନ୍ୟା ପରୀକୁ ଅପହରଣ ଓ ହତ୍ୟା ପରେ ଆଉ ଜଣେ ଶିଶୁକନ୍ୟା ରଣପୁର ଥାନା ବଧିପାଟଣାର ସ୍ୱାତୀ(୩) ନିଖୋଜ ହୋଇଯାଇଛନ୍ତି। ଏହା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିବାବେଳେ ଛୋଟପିଲା ଟାର୍ଗେଟ୍‌ରେ ଥିବା ପ୍ରମାଣିତ ହୋଇଛି। ତେଣୁ ଏବେ ଗାଁ ଗଣ୍ଡାରେ ଚର୍ଚ୍ଚା ହେଉଛି 'ସାବଧାନ, ପିଲାଚୋର ମାତିଛି'। ମା'ବାପାଙ୍କୁ ଭୟ ଏଭଳି ଘାରିଛି ଯେ, ଗାଁ ଦାଣ୍ଡରେ ଖେଳିବାକୁ ପିଲାମାନଙ୍କୁ ରୋକ୍‌ଠୋକ୍ ମନା କରିଦେଉଛନ୍ତି। ଅନ୍ୟପକ୍ଷେ ଶିଶୁ ଅପହରଣ ପଛରେ ର୍‍ୟାକେଟ କାମ କରୁଥିବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, ଶିଶୁ ଅପହରଣ କି ହତ୍ୟା ଅଭିଯୋଗର ଠିକ୍ ଭାବେ ତଦନ୍ତ ହେଉନି, ଯାହାକି ପରୀ କେସ୍‌ରେ ସ୍ପଷ୍ଟ ହୋଇଯାଇଛି। ପୋଲିସ ଅଭିଯୋଗକାରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି। ଏଣୁ ପୋଲିସ ଉପରେ ଲୋକଙ୍କ ଆସ୍ଥା ରହୁନି। ତଦନ୍ତ ଓ ନ୍ୟାୟ ଦେବାକୁ ଆବଶ୍ୟକ ପୋଲିସ ବି ନାହାନ୍ତି । ଅଭିଯୋଗ ଶୁଣାଣି ମହିଳା ଓ ଶିଶୁ ଡେସ୍କ ଠିକ୍‌ରେ କାମ କରୁନି। ପରୀ ହତ୍ୟା ଘଟଣା ପରେ ଯଦିଓ ପୋଲିସ ରଣପୁରର ସ୍ୱାତୀ କେସ୍‌କୁ ଗୁରୁତ୍ୱ ଦେଇଛି ତେବେ ତାହାର ଠିକ୍ ତଦନ୍ତ ହେବା ଦରକାର। ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ପରୀ ଓ ସ୍ୱାତୀ ଅପହରଣ ହେବା ପଛରେ ନିଶ୍ଚିତ ଭାବରେ ଏକ ର୍‍ୟାକେଟ୍ କାମ କରୁଥିବା ଅନୁଭବ ହେଉଛି। ନୟାଗଡ଼ ଜିଲାରେ ୨ ଶିଶୁ ଅପହରଣ ହୋଇଥିବାବେଳେ ଜଣଙ୍କର ହତ୍ୟା ହୋଇସାରିଛି। ସେହିପରି ୪ ଦିନ ବିତି ଯିବାକୁ ବସିଥିବାବେଳେ ଆଉ ଜଣଙ୍କର ଟେର୍ ମିଳୁନି। ଏଭଳିସ୍ଥଳେ ପିଲାକୁ ଖେଳିବାକୁ ଅନେକ ଅଭିଭାବକ ଗାଁଦାଣ୍ଡକୁ ଛାଡୁନାହାନ୍ତି। ପୁଣି ପିଲାଙ୍କୁ ଏକୁଟିଆ ବି ଛାଡୁନାହାନ୍ତି। ହତ୍ୟା ଓ ଅପହରଣ ପଛର ରହସ୍ୟ ନେଇ ପୋଲିସ ପାଖରେ ଖବର ନଥିବାରୁ ଜିଲା ସାରା ପିଲାଚୋର ଭୟ ବଢ଼ିବାରେ ଲାଗିଛି। ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ନୟାଗଡରେ ଶିଶୁ ଅପହରଣ ଓ ହତ୍ୟା ନେଇ ଠିକ ତଦନ୍ତ ନ ହେବାରୁ ପିଲାଚୋର ର୍‍ୟାକେଟରେ ଲଗାମ ଲାଗୁନି। ପରୀ କେସ୍ ପରେ ସ୍ୱାତୀର ଅପହରଣ ପୋଲିସର ଅସହାୟତାକୁ ପଦାରେ ପକାଇଛି। ତେବେ ପରୀ ଓ ସ୍ୱାତୀ ପରିବାର ଯେପରି ନ୍ୟାୟ ପାଇବେ ଆମ ଦଳ ଲଢ଼େଇ ଜାରି ରଖିବ। ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ପରୀ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାକୁ ସରକାର ଅବହେଳା କରି ଅନ୍ୟାୟକୁ ଘଣ୍ଟ ଘୋଡାଇଲେ। ଏହାଦ୍ୱାରା ପରୀର ହତ୍ୟାକାରୀ ଧରା ନ ପଡ଼ି ଅବାଧରେ ବୁଲୁଛନ୍ତି। ପରୀ ଘଟଣାକୁ ଅଣଦେଖା ସ୍ୱାତୀ ଅପହରଣକୁ ସୁଯୋଗ ଦେଇଛି। ଏହାର ତାତି କେବଳ ନୟାଗଡ଼ ନୁହେଁ ରାଜ୍ୟରେ ଦେଖାଦେଇଛି ।




ସ୍ଥାୟୀ ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଆମରଣ ଅନଶନରେ ବସିଥିବା କୋଭିଡ୍ କେୟାର ହୋମ୍ (ସିସିଏଚ୍) ନିଯୁକ୍ତିପ୍ରାପ୍ତ ପଞ୍ଚାୟତସ୍ତରୀୟ ଏଏନ୍‌ଏମ୍ ମହିଳା ସ୍ୱାସ୍ଥ୍ୟକର୍ମୀମାନେ।

### ଗାଡ଼ିଆରେ ବୁଡି ଶିଶୁ ମୃତ

**ନାଉଗାଁ, ୧୪।୧୨(ସ୍ୱ.ପ୍ର.):** ନାଉଗାଁ ତହସିଲ ଅଧୀନ ବଛାଲୋ ଗାଁରେ ସୋମବାର ଏକ ଗାଡ଼ିଆରେ ବୁଡି ଜଣେ ଶିଶୁର ମୃତ୍ୟୁ ଘଟିଛି । ସେ ହେଲେ ଜାଗୁଗାଁ ପଞ୍ଚାୟତ ଚକୁଳିପଡ଼ା ଗ୍ରାମର ଚିତ୍ତରଞ୍ଜନ ସାହୁ ଓ ମିତାଙ୍କ ପୁଅ ରୁଦ୍ର(୨)। ମିତା ପୁଅକୁ ନେଇ ବାପ ଘରକୁ ବୁଲିବାକୁ ଆସିଥିଲେ। ମାମୁ ଘରେ ପହଞ୍ଚିବା ପରେ ରୁଦ୍ର ଗାଁ ଦାଣ୍ଡରେ ଖେଳୁ ଖେଳୁ ନିକଟରେ ଥିବା ଗାଡ଼ିଆରେ ବୁଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ତାକୁ ଗାଡ଼ିଆରୁ ଉଦ୍ଧାର କରି ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

# ବାପା, ପୁଅଙ୍କ ଆତ୍ମାହୁତି ଉଦ୍ୟମ

ଅନୁଗୋଳ ଅଫିସ, ୧୪।୧୨

- ଖଣି ପାଇଁ କ୍ଷତିଗ୍ରସ୍ତ ସତ୍ତ୍ୱେ ନିଯୁକ୍ତି ମିଳୁ ନ ଥିବା ଅଭିଯୋଗ
- ଜିଲା କାର୍ଯ୍ୟାଳୟ ସମ୍ମୁଖରୁ ଉଦ୍ଧାର କରି ଘରେ ଛାଡ଼ିଲା ପୋଲିସ

ଅନୁଗୋଳ ଜିଲା ତାଳଚେର ବ୍ଲକ ସୋଲଡ଼ା ଗ୍ରାମର ସୁରେଶ ବେହେରା (୫୫) ଓ ତାଙ୍କ ପୁଅ ଅଜୟ ବେହେରା ସୋମବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ଏମ୍‌ସିଏଲ୍‌ର ହିଙ୍ଗୁଳା କ୍ଷେତ୍ର ଓ ଭରତପୁର କ୍ଷେତ୍ର ପାଇଁ ଜମି ସହ ଘରବାଡ଼ି ଅଧିଗ୍ରହଣ ହୋଇଥିଲେ ମଧ୍ୟ ନିଯୁକ୍ତି ମିଳୁ ନ ଥିବାରୁ ନିରାଶ ହୋଇ ସେମାନେ ଏପରି ଉଦ୍ୟମ କରିଥିବା କହିଛନ୍ତି। ତେବେ ପୋଲିସ ଦୁହିଁଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସୋଲଡାସ୍ଥିତ ବାସଭବନରେ ନେଇ ଛାଡ଼ିଥିବା ସୂଚନା ମିଳିଛି।

ସୁରେଶ ଅଭିଯୋଗ କରିଛନ୍ତି ଯେ, ଖଣି ପାଇଁ କମ୍ପାନୀ ଜମି ଓ ଘରବାଡ଼ି ନେବା ପରେ ଦୁଇ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରୁନାହିଁ। ଦୀର୍ଘ ୬ ବର୍ଷ ହେବ ସେ ସମସ୍ୟା ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ସମାଧାନର ବାଟ ବାହାରୁ ନାହିଁ। ନଭେମ୍ବର ୧୧ରେ ହିଙ୍ଗୁଳା ଜେନେରାଲ ମ୍ୟାନେଜରଙ୍କୁ ଡକାଇ ତାଳଚେର ଉପଜିଲାପାଳ ବୈଠକ କରିଥିଲେ। କିନ୍ତୁ ସେଥିରୁ କିଛି ସୁଫଳ ମିଳ ନ ଥିଲା। ତେଣୁ ଉପାୟଶୂନ୍ୟ ହୋଇ ସେ ପୁଅ ସହ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ଗତ ୨ ତାରିଖରେ ସେ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଅପରପକ୍ଷରେ ଆତ୍ମାହୁତି ଦେବାକୁ ବାପା, ପୁଅ ଆସୁଥିବା ପ୍ରଶାସନ ନିକଟରେ ଖବର ଥିବାରୁ ପୋଲିସ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିଲା। ପୁଅ ଅଜୟଙ୍କୁ ପ୍ରଥମେ ପୋଲିସ ଧରି ପକାଇଥିଲା। ସୁରେଶ କିରୋସିନ ଢାଳି ହେଉଥିବା ବେଳେ ତାଙ୍କଠାରୁ ତେଲ ଓ ଦିଆସିଲ ଛଡ଼ାଇ ନିଆଯାଇଥିଲା। ପରେ ଉଭୟଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିକଟରେ ହାଜର କରାଯାଇଥିଲା। ଅଭିଯୋଗ ସମ୍ପର୍କରେ ଜାଣି ଜିଲାପାଳ ତୁରନ୍ତ ତାଳଚେର ଉପଜିଲାପାଳଙ୍କୁ ଯୋଗାଯୋଗ କରି ଘଟଣାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



ଆତ୍ମାହୁତି ଉଦ୍ୟମ ବେଳେ ପୋଲିସ ସୁରେଶଙ୍କୁ କାବୁ କରୁଛି।

# କୁଟୁରା ମାରି ୨ ପୋଲିସ ଗିରଫ

ବାରିପଦା ଅଫିସ,୧୪।୧୨

- ଉଭୟଙ୍କୁ ନିଲମ୍ବନ କଲା ବିଭାଗ
- ଶିମିଳିପାଳରୁ କରିଥିଲେ ଶିକାର

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ପଶି କୁଟୁରା ଶିକାର ଅଭିଯୋଗରେ ଦୁଇ ପୋଲିସ କର୍ମଚାରୀଙ୍କୁ ବନବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନାର କନଷ୍ଟେବଲ ପୂର୍ଣ୍ଣଚନ୍ଦ୍ର ମଢ଼େଇ ଏବଂ ହେମନ୍ତ କୁମାର ମହାନ୍ତି। ସେମାନଙ୍କଠାରୁ ଏକ ମୃତ ମାଈ କୁଟୁରା, ବନ୍ଧୁକ, ଅଫୁଟା ଗୁଳି ଓ ଏକ କଟୁରୀ ଜବତ ହୋଇଛି । ଏସଂକ୍ରାନ୍ତରେ ବନବିଭାଗ ଏକ ମାମଲା (ଓଆର୦୧ଏନ୍‌ଏସ୍/୨୦୨୦-୨୧) ରୁଜୁ କରି ଉଭୟଙ୍କୁ ପଚରାଉଚରା ଜାରି ରଖିଛି। ଏହି ଘଟଣାକୁ ନେଇ ଗିରଫ ଦୁଇ କନଷ୍ଟେବଲଙ୍କୁ ବାଲେଶ୍ୱର ଜିଲା ପୋଲିସ ପ୍ରଶାସନ ଚାକିରିରୁ ନିଲମ୍ବନ କରିଛି।

ସୂଚନା ଅନୁଯାୟୀ ବାଲେଶ୍ୱର ଜିଲା ବରହମ୍ପୁର ଥାନା ତେନ୍ତୁଳିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଓ ଖନ୍ତାପଡ଼ା ଥାନା ବେଦିପୁର ଗ୍ରାମର ହେମନ୍ତ ସହଦେବଖୁଣ୍ଟା ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ରବିବାର ରାତିରେ ଉଭୟ ଶିକାର ପାଇଁ ଢୁକୁରା ରେଞ୍ଜ ଦେଇ ଶିମିଳିପାଳ ଭିତରକୁ ପ୍ରବେଶ କରିଥିଲେ। ଶିମିଳିପାଳ ଜାତୀୟ ଉଦ୍ୟାନର ନଆଣା ସାଉଥ ରେଞ୍ଜର ପଳପଳା କମ୍ପାର୍ଟମେଣ୍ଟ ଅଞ୍ଚଳରେ ରାତ୍ରୀ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଅଟକ ରଖି ଯାଞ୍ଚ କରଥିଲେ। ପଚରାଉଚରା ପରେ ସେମାନେ ପୋଲିସ କର୍ମଚାରୀ ବୋଲି ଜଣାପଡ଼ିଥିଲା । ଏଭଳି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ରକ୍ଷକ ହୋଇ ଭକ୍ଷକ ସାଜିଥିବା ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି। ଶିମିଳିପାଳ ଦକ୍ଷିଣ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଡେପୁଟି ଡାଇରେକ୍ଟର ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶରେ ନଆଣା ସାଉଥ୍ ରେଞ୍ଜ ଅଧିକାରୀ ଶିଶିର କୁମାର ବେହେରା ଘଟଣାର ତଦନ୍ତ ଜାରି ରଖିଛନ୍ତି। ପୂର୍ବାଞ୍ଚଳ ପୋଲିସ ଆଇଜି ଦୀପ୍ତେଶ କୁମାର ପଟ୍ଟନାୟକଙ୍କ କହିବା ଅନୁଯାୟୀ, ଗିରଫ ୨ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ସେମାନଙ୍କୁ ଚାକିରିରୁ ବହିଷ୍କାର ପାଇଁ ବିଭାଗୀୟ ପଦକ୍ଷେପ ଆରମ୍ଭ ହୋଇଥିବା କହିଛନ୍ତି।



ଗିରଫ ଦୁଇ ପୋଲିସ କର୍ମଚାରୀଙ୍କ ସହ ଜବତ ମୃତ କୁଟୁରା।


## OFFICE OF THE CCSO-CUM-DISTRICT MANAGER, O.S.C.S.C. LTD., KEONJHAR

### Office Quotation / Tender Call Notice

Sealed quotations / tenders are invited from interested reputed Travel Agencies / Tour Operators or Private individuals for providing one Bolero, which shall confirm to the Terms and Conditions (Annexure-II) for Paddy Procurement Operation for the KMS 2020-21 in the office of the Chief CSO-cum-District Manager, OSCSC Ltd., Keonjhar on monthly rent basis @31,000/- per month.

1. The vehicle must be in Road Worthy Condition, shall not be more than 03 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, proof of up to date tax payment etc. which are mandatory for plying of vehicles.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Drat drawn in favour of the District Manager, OSCSC Ltd., Keonjhar and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel).
6. The vehicle must achieve a fuel efficiency of 10 KMs per Litre.
7. The details of the make and year of manufacture of the vehicle, registration No., Mileage (KMs covered per litre) and name of the driver with Driving License No. and period of validity should be specfically provided in the general bid information to be furnished with the Quotation / Tender (Annexure-III).
8. The Quotation completed in all respect should reach the undersigned on or before 30th December, 2020 by 4.00 P.M. and shall be opened on dt. 31st December, 2020 at 4.00 P.M. in the office Chamber of A.D.M., Keonjhar in presence of the bidders or their authorized representatives.
9. The application form of quotation / tender containing General Bid information and Terms and Conditions for Hiring of Vehicles etc. will be available in the office of the Chief CSO-cum-District Manager, OSCSC Ltd., Keonjhar on payment of Rs.100/- in any working days from 10.00 A.M. to 5.30 P.M.

**Sd./- Chief CSO-cum-District Manager,**
**OSCSC Ltd., Keonjhar**

## The Odisha Small Industries Corporation Ltd.

( A Government of Odisha Undertaking) )
*(An ISO:9001:2008 certified Govt. Company)*
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**OSIC GST No. 21AAACO2101M1Z1**

### TENDER CALL NOTICE

**Ref No. 4756** **Dt. 11.12.2020**

The Managing Director, OSIC Ltd., Cuttack invites tender from MSMEs duly empanelled with OSIC for supply, installation & Commissioning of two no's of Off-grid Solar Roof top System in PHC's in Nischintakoili Block, Cuttack District under MLA LAD fund.

| | |
|---|---|
| Period of availability of tender document | 14.12.2020 to 28.12.2020 up to 4.00 PM |
| Last date of submission of tender | 28.12.2020 at 4.30 PM |
| Date of opening of tender | 29.12.2020 at 3.00 PM(if the day is declared as holiday the tender will be opened on next working day) |
| Validity of Tender | 90 Calendar days from the Last date of submission of tender. |
| Tender Bid Cost | **Rs. 5,000.00** |

The detailed tender call notice can be downloaded from the OSIC website **www.osicltd.in** . The tender for the work is to be dropped in the tender box kept in the office of the of the MD, OSIC Ltd., Cuttack by the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum / changes / modifications will appear in OSIC Ltd. website **www.osicltd.in** only

**MANAGING DIRECTOR**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 13ରେ ପ୍ଲଟ ନଂ – 13-4F/1683 ଟିକୁ ଶ୍ରୀ ରବିନ୍ଦ୍ର ନାରାୟଣ ଚୌଧୁରୀ, ପିତା – ୰ ବିଶ୍ୱନାଥ ଚୌଧୁରୀ, ସା – ଝୋଲା ସାହି, ପୋ – ବକ୍ସି ବଜାର, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ରବିନ୍ଦ୍ର ନାରାୟଣ ଚୌଧୁରୀ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା ସାହୁ, ସ୍ୱାମୀ – ଧ୍ରୁବ ସାହୁ, ସା – ଝାଞ୍ଜିରୀମଙ୍ଗଳା, ପୋ – ରାଜାବଗିଚା, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପୂରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ


# ହାଇକୋର୍ଟରେ ସତ୍ୟପାଠ ଦାଖଲ କଲେ ପୁରୀ ଏସ୍‌ପି

କଟକ ଅଫିସ,୧୪।୧୨

## ପୁରୀ ହାଜତ ମୃତ୍ୟୁ ମାମଲା

ପୁରୀ ହାଜତ ମୃତ୍ୟୁ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ । ଏହି ମାମଲାର ଅଗ୍ରଗତି ନେଇ ପୁରୀ ଏସ୍‌ପି କନ୍‌୍ୱର ବିଶାଲ ସିଂ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ସତ୍ୟପାଠରେ ଉଲ୍ଲେଖ ରହିଛି, ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଓ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଉକ୍ତ ଘଟଣା ଗମ୍ଭୀରତାର ସହ ବିଚାରକୁ ନେଇ ତଦନ୍ତ କରୁଛନ୍ତି। ଏହି ଘଟଣାକୁ ନେଇ ଏନ୍‌ଏଚ୍‌ଆର୍‌ସି ମଧ୍ୟ ଏକ ମାମଲା (୨୯୫/୨୦୨୦) ରୁଜୁ ହୋଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ବିନୋଦ ଅଗ୍ରୱାଲଙ୍କୁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି । ସେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ କରିବେ। ୪ ସପ୍ତାହ ମଧ୍ୟରେ ଏନ୍‌ଏଚ୍‌ଆର୍‌ସିଙ୍କ ତଦନ୍ତ ଶେଷ ହେବ। ପୁରୀ ଡିଏସ୍‌ପିଙ୍କ ମାନବ ସୁରକ୍ଷା ସେଲ୍ ମଧ୍ୟ ଏନ୍‌ଏଚ୍‌ଆର୍‌ସିଙ୍କ ମାର୍ଗଦର୍ଶିକା ଅନୁଯାୟୀ ତଦନ୍ତ କରୁଛି। ପୁରୀ ଜିଲାଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହାଜତ ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୃତକ କେ. ରମେଶଙ୍କ ଅଭିଭାବକଙ୍କୁ ପୋଲିସ ହେପାଜତରେ କିମ୍ବା ଅନ୍ୟ କୌଣସି ଚାପରେ ରଖାଯାଇନାହିଁ । ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କେ. ରମେଶଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି ବୋଲି ସତ୍ୟପାଠରେ ଏସ୍‌ପି ସିଂ ଉଲ୍ଲେଖ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ରେ ହେବ ବୋଲି ଆବେଦନକାରୀ ଶରତ ରାୟଗୁରୁଙ୍କ ଓକିଲ ଦୀପକ ମହାପାତ୍ର କହିଛନ୍ତି।


## ODISHA JOINT ENTRANCE EXAMINATION - 2020
## ( OJEE - 2020 )

**No: OJEE/432** **Date: 14.12.2020**

**PUBLIC NOTICE REGARDING ADMISSION OF STUDENTS IN MBA INSTITUTIONS ON THE BASIS OF MARKS IN QUALIFYING UG EXAMS**

This is for the information of all concerned that considering the current COVID pandemic situation and AICTE circular dated 19.08.2020, Government have been pleased to allow the professional institutions of the State to admit students in MBA course in their respective institutions in spot round of counselling process on the basis of marks secured in the qualifying UG exams. However, first preference will be given to those candidates who have appeared in any of the entrance tests for admission in MBA course, i.e., CAT/MAT/XAT/ATMA/CMAT and qualified, irrespective of their marks secured In degree exam as long as minimum marks as per OJEE brochure are secured. All other clauses mentioned in the Govt. Order vide No. 4560 / SDTE dated 26.11.2020 shall remain valid and applicable. This relaxation with respect to criteria for admission to the MBA course shall be applicable for the Academic Year 2020 - 21 only and this cannot be taken as a precedent for the future academic years. In case of any clarification, if so necessary, the decision of the Government in Skill Development and Technical Education Department is final and binding.

**Sd/-**
**CHAIRMAN, OJEE, ODISHA**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 13ରେ ପ୍ଲଟ ନଂ – 13-4E/1505 ଟିକୁ ଶ୍ରୀ ହିମାଂଶୁ ମୋହନ ପ୍ରଧାନ, ପିତା – ୰ ସାରଙ୍ଗଧର ପ୍ରଧାନ, ସା/ପୋ/ଥା–ଜି.ଉଦୟଗିରି, ଜିଲ୍ଲା – କନ୍ଧମାଳ – 762100ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗାହୀ ଶ୍ରୀ ହିମାଂଶୁ ମୋହନ ପ୍ରଧାନ ଉକ୍ତ ପ୍ଲଟଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ପୁତ୍ର ଶ୍ରୀ ସନ୍ଦୀପ କୁମାର ପ୍ରଧାନ, ସା/ପୋ/ଥା–ଜି.ଉଦୟଗିରି, ଜିଲ୍ଲା – କନ୍ଧମାଳ – 762100ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପୂରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

**ସଂକ୍ଷେପରେ**

## ଟଙ୍କା ନେଇ ହିତାଧିକାରୀଙ୍କ ଘର ତିଆରି କରୁନାହାନ୍ତି ତତ୍କାଳୀନ ସରପଞ୍ଚ

**୭ ବର୍ଷ ବିତିଲାଣି**



ଜୟପୁର, ୧୪।୧୨ (ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ପଞ୍ଚାୟତର ଦଣ୍ଡସେନାଗୁଡା ଗ୍ରାମର ବାଲି ମୁଦୁଲିଙ୍କ ଆବାସ ଯୋଜନାର ଟଙ୍କା ନେଇ ଦୀର୍ଘ ୭ ବର୍ଷ ହେବ ତତ୍କାଳୀନ ସରପଞ୍ଚ ଧରାଛୁଆଁ ଦେଉନାହାନ୍ତି। ଏନେଇ ସମାଜିକ କର୍ମୀ ବି. ହରିରାଓଙ୍କ ତତ୍ତ୍ୱାବଧାନରେ ବାଲି ସୋମବାର ଜୟପୁର ବିଡିଓଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି। ତାଙ୍କୁ ଇନ୍ଦିରା ଆବାସ ପାଇଁ ୧୬।୯।୧୩ରେ ଗୃହ କାର୍ଯ୍ୟାଦେଶ ମିଳିଥିଲା। ୭୫ ହାଜର ଟଙ୍କାରେ ଘର ନିର୍ମାଣ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଥମ କିସ୍ତି ୩୦ ହଜାର ଟଙ୍କା ଉଠାଯାଇଥିଲା। ତତ୍କାଳୀନ ସରପଞ୍ଚ ଘର ନିର୍ମାଣ କରିଦେବାକୁ କହି ତାଙ୍କଠାରୁ ଟଙ୍କା ନେଇଥିଲେ। ବାଲି, ପଥର ବାବାଦକୁ ୧୦ ହଜାର ଟଙ୍କା ଖର୍ଚ୍ଚ ହିସାବ ଦେଖାଇ ବାକି ୨୦ ହଜାର ଟଙ୍କାର କିଛି କାର୍ଯ୍ୟ କରି ନ ଥିଲେ। କାର୍ଯ୍ୟାଦେଶଠାରୁ ୨୫।୩।୧୪ ଯାଏ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ ସାରିବାକୁ ତାଙ୍କୁ କୁହାଯାଇଥିଲେ ମଧ୍ୟ ତତ୍କାଳୀନ ସରପଞ୍ଚ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନ ଥିଲେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବିଡିଓ ଏନେଇ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

## ଡାକ ଅଧିକାରୀ, କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ମୁନିଗୁଡ଼ା,୧୪।୧୨(ଡି.ଏନ୍.ଏ.) ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ କୁମୁଡ଼ାବାଲି ବାଲୁଙ୍କେଶ୍ୱର ଶୈବପୀଠ ପରିସରରେ ରବିବାର ଉପଡାକଘର ଗ୍ରାମ୍ୟ ଡାକସେବକ ସଂଘ ପକ୍ଷରୁ ଅବସର ଗ୍ରହଣ କରିଥିବା ଡାକ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶାଖା ଡାକଘର ପୋଷ୍ଟମାଷ୍ଟର, ଗ୍ରାମ୍ୟ ଡାକସେବକ, ଗ୍ରାମ୍ୟ ଡାକ ରନର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ଗଦାଧର କର, ଗଣପତି ଦଣ୍ଡସେନା, ବିଶ୍ୱମ୍ଭର ମାଣ୍ଡାଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମୀନକେତନ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ସହକାରୀ ଡାକପାଳ ବିଶିକେଶନ ମହାଲିକ ଏବଂ ସମ୍ମାନିତ ଅତିଥି ରୂପେ ମୁନିଗୁଡ଼ା ଉପଡାକପାଳ ପ୍ରଭାତ କୁମାର ବେହେରା, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ଡାକ କର୍ମଚାରୀମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଦିବଂଗତ ପୂର୍ଣ୍ଣଚନ୍ଦ୍ର ପଗାଙ୍ଗୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ପଣ୍ଡା, ପ୍ରତାପ ଚନ୍ଦ୍ର ସାହୁକାର, ନିରଞ୍ଜନ କାଡ୍ରାକା ପରିଚାଳନା କରିଥିଲେ।

# କୃଷି ବିଲ୍‌କୁ ବିରୋଧ, ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ

କୋରାପୁଟ/ମାଲକାନଗିରି,୧୪।୧୨ (ସ୍ୱ.ପ୍ର./ଡି.ଏନ.ଏ.)





ସୋମବାର କୋରାପୁଟ ଓ ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା କର୍ମକର୍ତ୍ତାମାନେ।

କେନ୍ଦ୍ର ସରକାରଙ୍କ କୃଷି ବିଲ୍‌କୁ ବିରୋଧକରି ସୋମବାର କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧୀ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କୃଷକ ବିରୋଧୀ ୩ଟି ଯାକ କୃଷି ଆଇନକୁ ବାତିଲ କରିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଅନୁମୋଦନ, ଅତ୍ୟାବଶ୍ୟକ ଖାଉଟି ଦ୍ରବ୍ୟ ଆଇନ -୧୯୫୫ର ସଂଶୋଧନ ବାତିଲ କରିବା, ସରକାରୀ ମଣ୍ଡି ବନ୍ଦ କରିବା ନେଇ ହେଉଥିବା ଷଡ଼ଯନ୍ତ୍ର ବନ୍ଦ କରିବା, କୃଷିରେ କର୍ପୋରେଟ ପ୍ରବେଶ ବନ୍ଦ କରିବା ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ ପୌର ଅଧ୍ୟକ୍ଷ ଭଗବାନ ବାହିନୀପତି, କୃଷ୍ଣ କୁଲଦୀପ, ବାବୁଲା ବେଳିଆ, ରୂପକ କୁମାର ଡୁରୁକ, କୋରାପୁଟ ଜନସୁରକ୍ଷା ସମିତିର ସଭାପତି ଦାସୀ ନନ୍ଦିବାଲି, ମାଳିପର୍ବତ ସୁରକ୍ଷା ସମିତିର ବିଜୟ ଖିଲ, ଗୋବର୍ଦ୍ଧନ ଖିଲ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଯିଶୁଦାନ ହିଆଲ, ସିପିଆଇର ଯୁଧିଷ୍ଠିର ରାଉଳ, କୃଷକ ମଞ୍ଚର ପି.କେ. ମିଶ୍ର, ଟ୍ରେଡ୍ ୟୁନିୟନର ସୁଭାଷ ଭଟ୍ଟାଚାର୍ଯ୍ୟ, ବୀରକିଶୋର ଭୋଇ ସାମିଲ ହୋଇଥିଲେ। ଏଥିସହ ସର୍ବଭାରତୀୟ କିଷାନ ସମନ୍ୱୟ ସଂଘର୍ଷ ସମିତି, ଚାଷୀମୂଲିଆ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଧାରଣା ଦେଇଥିଲେ। କୃଷକ ବିରୋଧୀ ୩ଟି ଯାକ ସଂଶୋଧିତ କୃଷି ଆଇନକୁ ବାତିଲ କରିବାକୁ ଦାବିକରି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ମାଲକାନଗିରିରେ ମଧ୍ୟ ସର୍ବଭାରତୀୟ କୃଷକ ସଙ୍ଗଠନର ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନକୁ ସମର୍ଥନକରି ଜିଲା କୃଷକ ସମନ୍ୱୟ ସମିତି ପକ୍ଷରୁ ଗଣଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବିଲ୍ କୃଷକଙ୍କ ମେରୁଦଣ୍ଡ ଭାଙ୍ଗିଦେବ। କୃଷକଙ୍କ ଅଧିକାରକୁ ଛଡ଼ାଇ ନିଆଯାଇଥିବା ସମିତି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। କରୋନା ପରି ବିପଦ ସମୟରେ କେନ୍ଦ୍ର ସରକାର କୃଷକଙ୍କ ଅବସ୍ଥାକୁ ଉପଲବ୍ଧି ନ କରି ଏଭଳି ବିବାଦୀୟ ବିଲ୍ ଆଣିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ବିଲ୍ ପ୍ରତ୍ୟାହୃତ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଥିଲା। କଂଗ୍ରେସ ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ପାତ୍ର, ବ୍ରଜ ମାଝି, ଘେନୁ ମୁଦୁଲି, ସନୁ ଅନୁଗୁ, ପ୍ରାଣକୃଷ୍ଣ ମଣ୍ଡଳ, ଲଛମନ ଘରାମି ଏହାର ନେତୃତ୍ୱ ନେଇଥିଲେ। ଧାରଣାରେ ମାଲକାନଗିରି ଜିଲା ଆଦିବାସୀ ସଂଘ, ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ବହୁଜନ କ୍ରାନ୍ତି ମୋର୍ଚ୍ଚା, ବହୁଜନ କୃଷକ ସଂଘ, ଅଖିଳ ଭାରତ କୃଷକ ସଭା, ଆଦିବାସୀ ମହାସଂଘ, ଜିଲା ଆଦିବାସୀ ମହାସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଅସଲି ଚାଷୀଙ୍କ ନାମରେ ଆସୁନି ଟୋକନ

ଏମ୍‌ଭି ୭୯,୧୪।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୨ଠାରେ ଥିବା ଧାନ ମଣ୍ଡିରେ ବିଭିନ୍ନ ସମସ୍ୟା ଲାଗିରହିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ସୋମବାର ମଣ୍ଡିରେ ଉତ୍ତେଜନା ପ୍ରକାଶ ପାଇଥିଲା। ମଣ୍ଡିରେ ଖୋଲାଖୋଲି ଭାବେ ଦଲାଲଙ୍କ କାରବାର ଚାଲିଥିବା, ଏଥିପ୍ରତି ବିଭାଗୀୟ ଅଧିକାରୀ ଚୁପ ରହିଥିବା ଚାଷୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଏକାଠି ହୋଇ ପ୍ରତିବାଦ କରିଥିଲେ। ମଣ୍ଡି ଆରମ୍ଭରୁ ଏଯାଏ ୪ ଥର ମଣ୍ଡି ହୋଇଛି। ଅନେକ ଅସଲି ଚାଷୀଙ୍କ ନାମରେ ଟୋକନ ଆସୁ ନ ଥିବା ବେଳେ ଦଲାଲ ଓ ବ୍ୟବସାୟୀଙ୍କ ନାମରେ ଟୋକନ ଆସୁଥିବା ଚାଷୀ କହିଛନ୍ତି। ଏଭଳି ସମସ୍ୟାକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁତର ସହ ନେଇ ଏହାର ତଦନ୍ତ କରିବା ସହ ମଣ୍ଡି ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଚାଷୀ ଦାବି କରିଛନ୍ତି।

## ମାଟିକୁ ରୋଗମୁକ୍ତ କରିବାକୁ ଶପଥ ନେଲେ ଚାଷୀ

ମାଲକାନଗିରି,୧୪।୧୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମା ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ସୋମବାର ଘାନା ନର୍ସରି ପ୍ରକଳ୍ପ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ପୁଷ୍ଟିକର ଖାଦ୍ୟଶସ୍ୟ ଉତ୍ପାଦନ କରିବା ସହ ମାଟିକୁ ରୋଗଗ୍ରସ୍ତ କରିବୁ ନାହିଁ ବୋଲି ଶପଥ ନେଇଛନ୍ତି। ରାସାୟନିକ ସାର ପ୍ରୟୋଗ ଦ୍ୱାରା ବିଭିନ୍ନ ପନିପରିବା ଧାନ, ଡାଲି, ଏବଂ ତୈଳଜାତୀୟ ଖାଦ୍ୟ ବିଷାକ୍ତ ହେବାରେ ଲାଗିଛି। ମାଟିର ଉର୍ବରତା ନଷ୍ଟ ହେଉଛି। ଏସବୁ ଖାଦ୍ୟ ଖାଇ ମଣିଷ ରୋଗଣା ହେଉଛି। ତେଣୁ ଚାଷରେ ଜୈବିକ ସାର ବ୍ୟବହାର କରି ଜିଲାରେ ଶସ୍ୟ ଶ୍ୟାମଳା ଉର୍ବର ମାଟି ସୃଷ୍ଟି କରିବେ ବୋଲି ସେମାନେ ପ୍ରକାଶ କରିଥିଲେ। ଘାନା ପ୍ରକଳ୍ପର ନିର୍ଦ୍ଦେଶକ ସର୍ବକୁମାର ବିଶୋୟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।



ଶପଥ ଗ୍ରହଣ କରୁଥିବା ଚାଷୀମାନେ।

## ନାବାଳିକା ଅପହରଣ କରି ଯୁବକ ଗିରଫ

ଚନ୍ଦାହାଣ୍ଡି,୧୪।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଦଣ୍ଡାମୁଣ୍ଡା ଗ୍ରାମର ଖିଲାବନ ସେଠି(୨୨) ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଦଣ୍ଡାମୁଣ୍ଡା ଗ୍ରାମର ଖିଲାବନ ସେଠି ରାଜାମିସ୍ତ୍ରୀ ଭାବେ କାମ କରୁଥିଲେ। ଦୀର୍ଘ ଦିନରୁ ସିନାପାଲି ଗ୍ରାମର ଜଣେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ୧୨ତାରିଖରେ ଅପହରଣ କରି କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ପରିବାର ଲୋକେ ଝିଅକୁ ଖୋଜି ବିଫଳ ହେବାପରେ ୧୩ ତାରିଖରେ ଝିଅର ନିଖୋଜ ନେଇ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଏ ନେଇ ୧୬/୨୦ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ରବିବାର ଉଭୟ ଖିଲାବନ ଏବଂ ନାବାଳିକାଙ୍କୁ କୋକସରା ପୋଲିସ ଉଦ୍ଧାର କରିଥିବା ସୂଚନାପାଇ ଚନ୍ଦାହାଣ୍ଡି ଏଏସ୍‌ଆଇ ବିଜୁରାମ ବାଘ, ଲଳିତ କୁମାର ପଣ୍ଡା ଉଭୟଙ୍କୁ ଚନ୍ଦାହାଣ୍ଡି ଆଣିଥିଲେ। ସୋମବାର ନାବାଳିକାଙ୍କ ବୟାନ ରେକର୍ଡ ପାଇଁ ଉମରକୋଟ ଏସ୍‌ଡିପିଓଙ୍କ ନିକଟକୁ ପଠାଯାଇଛି।

## ବାର୍ ଆସୋସିଏଶନ ନୂଆ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ କରିଥିବା ଆସୋସିଏଶନ କର୍ମକର୍ତ୍ତାମାନେ।

କୋରାପୁଟ,୧୪।୧୨(ସ୍ୱ.ପ୍ର.) କୋରାପୁଟ ବାର୍ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତା ସୋମବାର ଶପଥ ଗ୍ରହଣ କରିଛନ୍ତି। ସ୍ଥାନୀୟ ଓକିଲ ସଂଘର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ଟି. ନାରାୟଣ ମୂର୍ତ୍ତି ନିର୍ବାଚିତ ସଭାପତି ଅଜିତ ପାତ୍ର, ଉପସଭାପତି ନୃପେନ୍ଦ୍ର ନାରାୟଣ ବାଘ, ସାଧାରଣ ସମ୍ପାଦକ ମନୋରଞ୍ଜନ ରାଉତରାୟ, କୋଷାଧ୍ୟକ୍ଷ ରମେଶ ନାୟକଙ୍କୁ ପଦ ଗୋପନୀୟତାର ଶପଥପାଠ କରାଇଥିଲେ। ବରିଷ୍ଠ ଆଇନଜୀବୀ ସୁଦର୍ଶନ ଗୌଡ, ଅଶୋକ ଷଡଙ୍ଗୀ, ଜୟନ୍ତ କୁମାର ମିଶ୍ର, ସୁନୀଲ କୁମାର ଜେନା, ବିଦ୍ୟାଧର ସାହୁ, ଆର୍. ବିଶ୍ୱରଞ୍ଜନ ପଟ୍ଟନାୟକ, ଗୁପ୍ତେଶ୍ୱର ପାଣିଗ୍ରାହୀ, ଭୁବନ ମୋହନ ପଟ୍ଟନାୟକ, ଶରତ ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ନିର୍ବାଚନ ଅଧିକାରୀ ଉତ୍ତମ ମିଶ୍ର ଉତ୍ସବ ପରିଚାଳନା କରିଥିଲେ ।

## ଟ୍ରାଫିକ୍ ସମସ୍ୟା କରୁଛି ଦୋକାନ

**ରାସ୍ତାପାର୍ଶ୍ୱ ଜବରଦଖଲ**

ନବରଙ୍ଗପୁର,୧୪।୧୨(ବି.ପ୍ର.) ନବରଙ୍ଗପୁର ସହରର ମଧ୍ୟଭାଗ ଦେଇ ଯାଇଛି ୨୬ ନମ୍ବର ଜାତୀୟ ରାଜପଥ। ସହରର ଦୁଇ ପାର୍ଶ୍ୱରେ ରହିଛି ଦୋକାନ ବଜାର। ଏହି ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ଅଧିଷ୍ଠାତ୍ରୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିର ଏବଂ ଅନ୍ୟ ମନ୍ଦିରଗୁଡ଼ିକ ରହିଛି। ହେଲେ ଉକ୍ତ ଦୋକାନୀମାନେ ମୁଖ୍ୟରାସ୍ତା ଉପରକୁ ମାଡ଼ିଆସି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଦେଖାଯାଉଛି। ସୂଚନାଯୋଗ୍ୟ, ସହରରେ ପାର୍କିଂ ବ୍ୟବସ୍ଥା ନ ଥିବା ଯୋଗୁ ଲୋକେ ରାସ୍ତାକଡ଼ରେ ଯାନବାହନ ପାର୍କିଂ କରୁଛନ୍ତି। କିନ୍ତୁ ରାସ୍ତାପାର୍ଶ୍ୱ ଦୋକାନୀମାନେ ରାସ୍ତାକଡ଼ ଡ୍ରେନ୍ ଅତିକ୍ରମ କରି ମୁଖ୍ୟରାସ୍ତା ମଧ୍ୟ ଜବରଦଖଲ କରୁଛନ୍ତି। ଡ୍ରେନ୍ ଉପରକୁ ମାଡ଼ିଆସି ହୋର୍ଡିଂସେଡ୍ ରଖୁଥିବାବେଳେ ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ସେଗୁଡ଼ିକୁ ହଟାଯାଇଥିଲା। ପ୍ରଶାସନ ପକ୍ଷରୁ ରାସ୍ତାକଡ଼ରେ ପାର୍କିଂ ପାଇଁ ସିମେଣ୍ଟ କେକ୍ ପକାଯାଇଥିଲା। ଏବେ ଅନେକ ଦେକାନୀ ପୁଣି ସେମାନଙ୍କ ଦୋକାନ ସହ ସମ୍ମୁଖ ରାସ୍ତାପାର୍ଶ୍ୱକୁ ମାଡ଼ିବସିଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଜାତୀୟ ରାଜପଥ କଡ଼ରେ ଲୋକେ ଚାଲିବା ପାଇଁ ମଧ୍ୟ ରାସ୍ତା ମିଳୁନାହିଁ। ବ୍ୟତୀତ ରାସ୍ତା କଡ ତଥ ଚଲାପଥ ମଧ୍ୟ ରହୁନାହିଁ। ସେହିପରି ଲୋକେ ରାସ୍ତା ଉପରେ ସହର ମଧ୍ୟରେ ସଙ୍କୀର୍ଣ୍ଣ ରାଜପଥ ସାଙ୍ଗକୁ ଦୋକାନୀଙ୍କ ଜବରଦଖଲ ଟ୍ରାଫିକ୍ ସମସା ବଢ଼ାଉଛି। ସହର ମଧ୍ୟରେ ସଙ୍କିର୍ଣ୍ଣ ଜାତୀୟ ରାଜପଥ ସାଙ୍ଗକୁ ଦୋକାନୀ ଡ୍ରେନ ସମେତ ରାସ୍ତା କଡକୁ ବ୍ବବହାର କରୁଥିବାରୁ ଜନସାଧାରଣ ବହୁ ସମସ୍ୱାର ସମ୍ମୁଖିନ ହେଉଚ୍ଛି । ଏହା ଦ୍ୱାରା ପାର୍କି ବ୍ବବସ୍ଥା ସ୍ଥାନ ଅଭାବରୁ ରାସ୍ତା ଉପରେ ଗାଡି ମଟର ରଖୁଚ୍ଛି । ସକାଳ ୧୦ରୁ ରାତ୍ର ସଢେ ୮ ପର୍ଯ୍ଯ୍ୟ ଜନଗହଳି ରହୁଥିବାରୁ ପାର୍କି ସମସ୍ଯା ଅତି ଗୁରୁତର ହେଉଛି। ଏନେଇ ପ୍ରସର ପ୍ରଶାସନ ତଥା ଜିଲାପାଳ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ୩ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୧୪।୧୨,(ସ୍ୱ.ପ୍ର.) ରବିବାର କୋରାପୁଟ ଜିଲାରେ କେହି କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ବେଳେ ସୋମବାର ଜିଲାରେ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୭୭୯କୁ ବୃଦ୍ଧି ପାଇଛି । ୩ ଚିହ୍ନଟଙ୍କ ମଧ୍ୟରେ ବୋରିଗୁମ୍ମା ବ୍ଲକର ନୂଆଗାଁ ଗ୍ରାମରୁ ଜଣେ, ଜୟପୁର ପୌରାଞ୍ଚଳର ଗୋପବନ୍ଧୁ ନଗର ଅଞ୍ଚଳରୁ ଜଣେ ଏବଂ କୁନ୍ଦୁରା ବ୍ଲକର ଚେରକାପୁଟ ଗ୍ରାମରୁ ଜଣେ ରହିଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

## କିଷାନ ମଜଦୁର ସଂଘ ପକ୍ଷରୁ ଦାବିପତ୍ର

**କୃଷି ଆଇନ ପ୍ରତ୍ୟାହାର ଦାବି**

ନବରଙ୍ଗପୁର,୧୪।୧୨(ବି.ପ୍ର.) ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ନିମନ୍ତେ ଦାବି ହୋଇଛି। ଏ ନେଇ ସୋମବାର ସଂଘ ପକ୍ଷରୁ ନବରଙ୍ଗପୁର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି। ଦାବିପତ୍ରକୁ ସହାୟକ ଜିଲାପାଳ ଅନାମିକା ପାଣ୍ଡେ ଗ୍ରହଣ କରିଛନ୍ତି। କୃଷକମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଜିଲା କିଷାନ ମଜଦୁର ସଂଘର ସଭାପତି ଦିବାକର ପୂଜାରି, ସାମାଜିକ କର୍ମୀ ସଂଘର ନେତା ଭଗବାନ ବୈରାଗୀ , ସି. ଡି ମାଝି, ମଦନ ମହନ ମାଝି, ରଜନିକାନ୍ତ ସାସମଲ, ପ୍ରକାଶ ନାଗ ଏବଂ କୃଷକ ସଙ୍ଗଠନର ନେତାମାନେ ଉପସ୍ଥିତ ଥିଲେ।

## ସରକାରୀ ସ୍କୁଲ ବନ୍ଦ ନିଷ୍ପତ୍ତି ସ୍ଥଗିତ ରଖିବାକୁ ଦାବିକଲା ଅଭିଭାବକ ମହାସଂଘ

**ନକଲି ସ୍କୁଲ ଚିହ୍ନଟ ଦାବି**

କୋରାପୁଟ,୧୪।୧୨(ସ୍ୱ.ପ୍ର) ରାଜ୍ୟରେ ସରକାର କେତେକ ସରକାରୀ ସ୍କୁଲ ବନ୍ଦ କରିବା ଲାଗି ନିଷ୍ପତ୍ତି ନେବା ପ୍ରତିବାଦରେ ବିଭିନ୍ନ ପ୍ରସ୍ତାବ ରଖି ଆଲୋଚନା କରିବାକୁ ସୋମବାର ଦାବି ଉଠାଇଛି ଓଡ଼ିଶା ଅଭିଭାବକ ମହାସଂଘ । କୋରାପୁଟ ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବେସରକାରୀ ବେଆଇନ ତଥା ନକଲି ସ୍କୁଲ ବନ୍ଦ କରିବା, ଜିଲା ସ୍କୁଲ ମିଶ୍ରଣ କମିଟିକୁ ଏମ୍‌ପି, ବିଧାୟକ, ପଞ୍ଚାୟତିରାଜ ଲୋକ ପ୍ରତିନିଧି, ଅଭିଭାବକ ମହାସଂଘ ଓ ଗ୍ରାମ୍ୟ କମିଟିକୁ ନେଇ ଆଲୋଚନା କରିବାକୁ ସଂଘ ଦାବି କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସରକାର ଓ ଜିଲାସ୍ତରୀୟ ଶିକ୍ଷା ଅଧିକାରୀମାନେ ତୁରନ୍ତ ପ୍ରତ୍ୟେକ ସ୍କୁଲ ବନ୍ଦ ହେବାର କାରଣ ସହ ଏକ ରିପୋର୍ଟ ପ୍ରଦାନ କରନ୍ତୁ । ସର୍ବଦଳୀୟ ବୈଠକର ନିଷ୍ପତ୍ତି ଅନୁସାରେ ଏବେ ସରକାରୀ ସ୍କୁଲ ବନ୍ଦ ନିଷ୍ପତ୍ତି ସ୍ଥଗିତ ରଖାଯାଉ, ରାଜ୍ୟରେ ପ୍ରାୟ ୮ ହଜାରରୁ ୧୦ ହଜାର ନକଲି ଓ ବେଆଇନଭାବେ ଚାଲୁଥିବା ବିନା ସ୍ୱୀକୃତିପ୍ରାପ୍ତ ଘରୋଇ ସ୍କୁଲକୁ ତୁରନ୍ତ ବନ୍ଦକରାଯାଉ। ନକଲି ସ୍କୁଲମାଲିକଙ୍କୁ ଗିରଫ କରାଯାଉ ବୋଲି ସେ ସଂଘ ପକ୍ଷରୁ ଦାବି କରିଛନ୍ତି। ସ୍କୁଲ ବନ୍ଦର ବିକଳ୍ପ କ'ଣ ହୋଇପାରିବ ତା'ର ଏକ ରୂପରେଖ ପ୍ରସ୍ତୁତି ପାଇଁ ଶିକ୍ଷାବିତ, ବିଶେଷଜ୍ଞ ଓ ଅଭିଭାବକଙ୍କୁ ନେଇ ଏକ ପରାମର୍ଶ ସଭା ଡାକି ଆଲୋଚନା କରାଯିବାକୁ ସଂଘ ଦାବି ରଖିଛି। ଉପରୋକ୍ତ ୪ଟି ପ୍ରସ୍ତାବ ଗ୍ରହଣ କଲେ ସବୁ ସ୍କୁଲକୁ ନ୍ୟାୟ ମିଳିପାରିବ। ସରକାର ଏହାକୁ ଗ୍ରହଣ ନ କଲେ ଓଡ଼ିଶା ଅଭିଭାବକ ମହାସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଏହି ଅବସରରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା । ଏହି ଖବରଦାତା ସମ୍ମିଳନୀରେ ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋୟୀ, ଆବାହକ ଦିଲୀପ ମହାନ୍ତି, ସନ୍ତୋଷ ପଲେଇ, ସାଧାରଣ ସମ୍ପାଦକ ଅନୁପ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋବର୍ଦ୍ଧନ ମୁଣ୍ଡାସାଗର ପୁନରୁଦ୍ଧାର କାର୍ଯ୍ୟ ତଦାରଖ

**ଜଗନ୍ନାଥ ସାଗର ପାଇଁ ୮୦ କୋଟି ଲୋଡା**

ଜୟପୁର, ୧୪।୧୨ ( ନି.ପ୍ର.)- ଜୟପୁର ସହରରେ ଥିବା ଗୋବର୍ଦ୍ଧନ ମୁଣ୍ଡା ସାଗରର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ଏଥିପାଇଁ ଡିପିଆର ପ୍ରସ୍ତୁତ କରିଥିବା ୱାପକୋସ୍‌ର ଏକ ଟିମ ସୋମବାର ତଦାରଖ କରିବାକୁ ଆସିଥିଲେ । ଟିମ୍‌ରେ ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ଅରୁଣ ପାଢୀ ଓ କ୍ୱାଲିଟି କଣ୍ଟ୍ରୋଲର ପିକେ ପାତ୍ର ଥିଲେ। ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏହି ସାଗରର ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟରେ କଣ ଅସୁବିଧା ରହିଛି, କଣ କରାଯାଇପାରିବ ଡିପିଆର ଅନୁଯାୟୀ କାର୍ଯ୍ୟ ଚାଲିଛି କି ନାହିଁ ସେମାନେ ତଦାରଖ କରିଥିଲେ । ଏହି ସମୟରେ ଜୟପୁର ଉପଜିଲାପାଳ ହେମକାନ୍ତ ସାୟ, ପୌରଯନ୍ତ୍ରୀ ପ୍ରଭାକର ଦାସ, କନିଷ୍ଠଯନ୍ତ୍ରୀ ଅଜୟ କୁମାର ଜାନଙ୍କ ସହ ଟିମ୍ ଆଲୋଚନା କରିଥିଲେ । ଏହି ସାଗରର ପୁନରୁଦ୍ଧାର କାର୍ଯ୍ୟ ଆସନ୍ତା ମାର୍ଚ୍ଚ କିମ୍ବା ଅପ୍ରେଲ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ଐତିହାସିକ ଜଗନ୍ନାଥ ସାଗରର ବିକାଶ ନେଇ ଆଲୋଚନା ହୋଇଥିଲା। ନାଲୋକ ଦେଇଥିବା ୧ କୋଟି ଟଙ୍କାରେ କେଉଁ କାର୍ଯ୍ୟ ସବୁ କରାଯିବ ଆଲୋଚନା କରାଯାଇଥିଲା। ସାଗରଭିତରେ ପଶୁଥିବା ବାହାର ପାଣିକୁ ରୋକାଯିବ। ସାଗରରେ ଭର୍ତ୍ତି ହୋଇଥିବା ଦଳ ଓ ମାଟି କଢାଯିବ। ଏହି ମାଟି କେଉଁଠିକୁ ସ୍ଥାନାନ୍ତର କରାଯିବ ଏବଂ ଲୋକେ ଯେପରି ଅସୁବିଧାରେ ନ ପଡିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜଗନ୍ନାଥ ସାଗର ପୁନରୁଦ୍ଧାର ପାଇଁ ୮୦ କୋଟି ଟଙ୍କାର ଆବଶ୍ୟକତା ରହିଛି । ମାତ୍ର ଏତେ ଯୋଗାଡ କରିବା ସମ୍ଭବ ନ ଥିବାରୁ ସରକାରୀ ସ୍ତରରେ ଯୋଜନା ହେଲେ ଏହାର ପୁନରୁଦ୍ଧାର ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା।



ୱାପକୋସ୍ ଟିମ ଉପ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ଡିସେମ୍ବର ୧୫, ୨୦୨୦



## ୨ କୁଇଣ୍ଟାଲ ଗଞ୍ଜେଇ ଜବତ ୩ ଗିରଫ

ଜୟପୁର, (ନି.ପ୍ର.): ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି । ସେମାନେ ହେଲେ ହରିୟାଣାର ପ୍ରଦୀପ (୩୨) ଉତ୍ତର ପ୍ରଦେଶର ମନୁ କୁମାର (୩୨) ଓ ମହମ୍ମଦ ଆବିଦ (୨୪) । ଖବରରୁ ଜଣାପଡିଛି ବୈପାରିଗୁଡା ପଟୁ ଜୟପୁର ଦେଇ ଏକ ଟ୍ରକ(ୟୁପି-୧୨ଟି-୪୮୧୨)ରେ ଗଞ୍ଜେଇ ଚାଲାଣ ହେଉଥିବା ସଦର ପୋଲିସ ଖବର ପାଇଥିଲା। ପାତ୍ରପୁଟ ନିକଟରେ ଟ୍ରକ ଅଟକାଇ ଯାଞ୍ଚ କରିବାରୁ ୨କୁଇଣ୍ଟାଲ ୮ କେଜି ୩ ଶହ ଗ୍ରାମ ଗଞ୍ଜେଇ ମିଳିଥିଲା। ଅଭିଯୁକ୍ତମାନେ ଟ୍ରକରେ ୫୩୫ ପ୍ୟାକେଟ ମଶାରି ଆଗରେ ରଖି ତା' ଭିତରେ ଚତୁରତାର ସହ ଗଞ୍ଜେଇ ନେଉଥିଲେ। ଏହି ଗଞ୍ଜେଇ ଉତ୍ତର ପ୍ରଦେଶ ଚାଲାଣ ହେଉଥିଲା। ଏହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି।

**ସଂକ୍ଷେପରେ**

## ଜିଆଇଇଟି ବିଶ୍ୱ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ

ଗୁଣପୁର,୧୪।୧୨(ଡି.ଏନ.ଏ)- ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଇଲେକଟ୍ରିକାଲ ଏବଂ ଇଲୋକଟ୍ରୋକନ୍ସ ବିଭାଗ ପକ୍ଷରୁ ହୋଇଥିବା ଏହି ୱେବିନାରରେ ଚେନ୍ନାଇସ୍ଥିତ ମହାତ୍ମାଗାନ୍ଧୀ ଗ୍ରାମୀଣ ଔଦ୍ୟୋଗିକ ସଂସ୍ଥାନର ଉପ ନିର୍ଦ୍ଦେଶକ ରବି କୁମାର କାଣ୍ଡସାମି ଶକ୍ତି ସଂରକ୍ଷଣର ବିଭିନ୍ନ ମାଧମ ଉପରେ ଆଲୋକପାତ କରି ସମସ୍ତେ ମିଳିମିଶି କିପରି ଶକ୍ତି ସଂରକ୍ଷଣ କରିପାରିବା ସେନେଇ ଗୁରୁତ୍ୱାରୋପ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ.ଏନଭିଜେ ରାଓ, ଇଲେକଟ୍ରିକାଲ ବିଭାଗ ମୁଖ୍ୟ ଜିଆରଡି କେ. ସତ୍ୟପ୍ରସାଦ, ପ୍ରଫେସର ଜେବି ଭି ସୁବ୍ରମଣ୍ୟମ୍ ଯୋଗଦେଇ ଛାତ୍ରମାନଙ୍କୁ ଶକ୍ତି ସଂରକ୍ଷଣର ଉପଯୋଗିତା ନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧାପକ ଉପସ୍ଥିତ ଥିଲେ। ପ୍ରଫେସର ବଳରାମ ଦାସ ସ୍ୱାଗତ ଅଭିଭାଷଣ ଏବଂ ଡ.ପିକେ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ବଦଳିଲେ ଅତିରିକ୍ତ ତହସିଲଦାର

**ପଥର ଖାଦାନ ବିସ୍ଫୋରଣ ଘଟଣା**

ଗୁଣପୁର,୧୪।୧୨(ଡି.ଏନ୍.ଏ)- ରାୟଗଡ଼ା ଜିଲା ଗୁଣପୁର ପଥର ଖାଦାନ ବିସ୍ଫୋରଣ ଘଟଣାରେ ସୋମବାର ଅତିରିକ୍ତ ତହସିଲଦାର କୁଶ ଗରଡାଙ୍କ ବଦଳି ହୋଇଛି। ତାଙ୍କୁ କାଶୀପୁର ତହସିଲର ଅତିରିକ୍ତ ତହସିଲଦାରଭାବେ ବଦଳି କରାଯାଇଛି। ଏ ନେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଥିଲା। ହେଲେ ଗୁଣପୁର ପଥର ଖାଦାନ ବିସ୍ଫୋରଣ ଘଟଣା ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ତଦନ୍ତ କରାଯାଇ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗକୁ ଚିଠି କରାଯାଇଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୧୬ରେ ଗୁଣପୁର ପଥର ଖାଦାନରେ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଗୁରୁତର ହୋଇଥିଲେ। ତଦନ୍ତ ପରେ ଜିଲାପାଳଙ୍କ ସପାରିଶ କ୍ରମେ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କୁ ଅକ୍ଟୋବର ୨୧ରେ ନିଲମ୍ବନ କରାଯାଇଥିଲା। ହେଲେ ସମ ପରିମାଣରେ ଦାୟି ଅତିରିକ୍ତ ତହସିଲଦାର ଗରଡାଙ୍କୁ ନିଲମ୍ବନ ବଦଳରେ ବଦଳି କରାଯାଇଛି। ଏହାକୁ ନେଇ ଜିଲାବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

## ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ବିଷମକଟକ,୧୪।୧୨-ବିଷମକଟକ ଓକିଲ ସଂଘ ପକ୍ଷରୁ ୨୦୨୦-୨୧ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଚଳିତ ବର୍ଷ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋମବାର ନବ ନିର୍ବାଚିତ ସଭାପତି ଜି. ମନ୍ମଥ ରାଓ, ଉପସଭାପତି ରାଧାରମଣ ଦାସ, ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, ସହ ସମ୍ପାଦକ ସୁଧୀର ଚିଚୁଆନ, କୋଷାଧକ୍ଷ, କୃଳନାଥ ପାଢ଼ୀ ଶପଥ ଗ୍ରହଣ କରିଛନ୍ତି।

# ବିକାଶରେ ପ୍ରତିବନ୍ଧକ ଅନ୍ଧାରୀ ନଦୀ

ଦଶମନ୍ତପୁର,୧୪।୧୨ ( ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡା ପଦର ପଞ୍ଚାୟତର ଶିଶକୁଡ଼ି ଗ୍ରାମବାସୀ ନିଜ ସମସ୍ୟା ନେଇ ସୋମବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ଗ୍ରାମରେ ୪୦ଟି ପରିବାର ବସବାସ କରନ୍ତି । ଗାଁ ଦେଇ ଅନ୍ଧାରୀ ନଦୀ ପ୍ରବାହିତ ହେଉଥିବାରୁ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ସରକାରୀ ଯୋଜନା ଗ୍ରାମବାସୀଙ୍କ ପାଇଁ ହୋଇଛି ଅପହଞ୍ଚ। ନଦୀପାର ହୋଇ ଗ୍ରାମର ପିଲାମାନେ ନିକଟସ୍ଥ ବରଗଛ ଗ୍ରାମର ବିଦ୍ୟାଳୟକୁ ପାଠପଢି ଯାଇଥାନ୍ତି। ବର୍ଷା ଋତୁରେ ନଦୀ ପାର ହେଉଥିବା ବେଳେ ନଦୀପାର ହେବା କଷ୍ଟକର ହୋଇଥାଏ ବୋଲି ଗ୍ରାମର ଲକ୍ଷ୍ମଣ ନାୟକ, ଅର୍ଜୁନ ନାୟକ, ପ୍ରହଲ୍ଲାଦ ପାତ୍ର, ବିଦ୍ୟା ନାୟକ, ଜୟରାମ ନାୟକ, ଶୋଭା ପାଇକ ଏବଂ



ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଭୁବନ ନାୟକ କହିଛନ୍ତି। ନଦୀ ପାର ବେଳେ ଲୋକେ ଭାସିଯାଇ ମୃତ୍ୟୁବରଣ କରିବା ନଜୀର ମଧ ରହିଛି। ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଦୋଳା କରି କାନ୍ଧେଇ ଗାଁ ଲୋକେ ନଦୀପାର କରି ଡାକ୍ତରଖାନା ନେଇଥାନ୍ତି। ଉକ୍ତ ଅନ୍ଧାରୀ

**ପୋଲ ନିର୍ମାଣ ନେଇ ବିଡ଼ିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ**

ନଦୀ ଉପରେ ଏକ ପୋଲ ନିର୍ମାଣ କରିବାକୁ ଗ୍ରାମାବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କ ମଧ ଅବଗତ କରାଇଛନ୍ତି। ତେବେ ଗୋପବନ୍ଧୁ ଗ୍ରାମ୍ୟ ଯୋଜନାରେ ଉକ୍ତ ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଜିଲାପାଳଙ୍କୁ ସୁପାରିସ କରିବି ବୋଲି ବିଡିଓ ପ୍ରକାଶ କରିଛନ୍ତି।

# ପଟ୍ଟା, ପେନ୍‌ସନ ବାଣ୍ଟିବା ସହ ଅଭିଯୋଗ ଶୁଣିଲେ ମନ୍ତ୍ରୀ

କୁନ୍ଦୁରା, ୧୪।୧୨(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗସ୍ତରେ ରାଜ୍ୟ ହସ୍ତତନ୍ତ ଏବଂ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଆସି ୮୧ ହିତାଧିକାରୀଙ୍କୁ ଭତ୍ତା ଓ ୩୧ ଜଣଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି। କୁନ୍ଦୁରା ବ୍ଲକ ଉପକଣ୍ଠ ସାଗରଗୁଡା ପୂର୍ତ୍ତ ବିଭାଗ ରାସ୍ତାରେ କେତେକ ବ୍ୟକ୍ତି ଦୋକାନ କରିଛନ୍ତି। ଏହି ସ୍ଥାନରେ ରାସ୍ତା ପାର୍ଶ୍ୱରେ ବରଗଛଟିଏ ରହିଛି। ଏହି ଗଛକୁ କାଟିବା ଲାଗି ଗ୍ରାମବାସୀ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ । ସେହିପରି ସାଗରଗୁଡାରୁ ଡିଗାପୁର, ବୈପାରୀଗୁଡା ଓ ବାରବନ୍ଧା ରାସ୍ତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିଏ ଥିବାରୁ ଏହି ରାସ୍ତା ଅଣଓସାରିଆ ହୋଇଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି । ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। କୁନ୍ଦୁରା ବ୍ଲକ ଅଧୀନ ଗାଡଗୁଣ୍ଡାଳ, ଘୁ-ପକନାଗୁଡା, କୁ-କେନ୍ଦୁଗୁଡା ଗ୍ରାମରେ ଏଯାବତ୍ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଯାଇ ନ ଥିବାରୁ ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଦାବି କରି ମନ୍ତ୍ରୀଙ୍କୁ ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ଭୁଷାଙ୍ଗଗୁଡା ପଞ୍ଚାୟତର ଗିର୍ଲିଗୁଡାଠାରୁ ପଣସ ଗାଁ ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ହୋଇଛି। ଉକ୍ତ ରାସ୍ତାରେ ୩ବର୍ଷ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ଏକ ପୋଲ ନିର୍ମାଣାଧୀନ ଅବସ୍ଥାରେ ପଡିଛି। ପୋଲ ନିର୍ମାଣ ଶେଷ କରିବାକୁ ଗ୍ରାମବାସୀ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି ମସିଗାଁ ପଞ୍ଚାୟତର କଲାଗିପୁଟଠାରେ ଏବଂ ଗାଡଗୁଡାଲଠାରେ ପୋଲ ନିର୍ମାଣ ଲାଗି ଗ୍ରାମବାସୀ ମନ୍ତ୍ରୀଙ୍କୁ ଜଣାଇଥିଲେ। ପଟ୍ଟା ଏବଂ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଡିଓ ସ୍ନେହପ୍ରଭା ମାଝି, ଅତିରିକ୍ତ ତହସିଲଦାର... ଯୋଗଦେଇଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରା, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ଯୁବ ସଭାପତି ରମାକାନ୍ତ ମିଶ୍ର, ପୂର୍ବତନ ଅଧକ୍ଷା କନକଲତା ପେଣ୍ଡିଆ, ପୀତାମ୍ବର ନାୟକ, ଜଗତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ତ୍ରୀ, ଏମ୍‌ପି କଲେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ବୋରିଗୁମ୍ମା,୧୪।୧୨(ଡ଼ି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କାମରା ପଞ୍ଚାୟତ ଭାଟିଗାଁଠାରେ ନିର୍ମିତ ସମନ୍ୱିତ ମିଶ୍ରିତ ଚାଷ ପ୍ରକଳ୍ପକୁ ମୁଖ୍ୟଅତିଥି ରୂପେ ହସ୍ତତନ୍ତ, ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ଏବଂ ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମିଳିତ ଭାବେ ସୋମବାର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ୧୮ ଏକର ଜମିରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଗୋଟିଏ ସ୍ଥାନରେ ମାଛଚାଷ, କଦଳୀ, ନଡ଼ିଆ, ଛତୁ, ଜିଆଖତ, ଗୋପାଳନ,ପନିପରିବା ଚାଷ, କୁକୁଡ଼ା ଚାଷ କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରକଳ୍ପରେ ସାମିଲ କରାଯାଇଛି। ୪୫ରୁ ଉର୍ଦ୍ଧ୍ୱ ପରିବାର ଏହି ପ୍ରକଳ୍ପରୁ ରୋଜଗାର କରି ପରିବାର ପ୍ରତିପୋଷଣ କରି ପାରୁଛନ୍ତି। ପରେ ଉଭୟ ଅତିଥି କାମରା ପଞ୍ଚାୟତରେ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋରିଗୁମ୍ମା ବିଡିଓ, କନିଷ୍ଠ ଯନ୍ତ୍ରୀ, ମନ୍ତ୍ରୀଙ୍କ ପ୍ରତିନିଧି ନରେନ୍ଦ୍ର ବିଶୋୟୀ, ଏମ୍‌ପି ପ୍ରତିନିଧି କେଶବ ପଣ୍ଡା ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ। ସେହିପରି ଏହି ଅବସରରେ ବୋରିଗୁମ୍ମା ବ୍ଲକ କୋଟପାଡ଼ ନିର୍ବାଚନ ମଣ୍ଡଳୀ ଶୋସାହାଣ୍ଡି ଏବଂ ଜୁଝାରୀ ପଞ୍ଚାୟତରେ ଶିଶୁ ପାର୍କ, କଣାଗାଁ ପଞ୍ଚାୟତରେ ଇକୋ ଟୁରିଷ୍ଟ ପାର୍କ ଏବଂ ଡେଙ୍ଗପଦରରେ ପାଠାଗାର ଗୃହ ଉଦ୍‌ଘାଟିତ ହୋଇଥିଲ।

## ଓକିଲ ସଂଘ ନିର୍ବାଚନ ରଦ୍ଦ ଦାବି

ମାଲକାନଗିରି, ୧୪।୧୨ (ଡି.ଏନ୍.ଏ.)

ମାଲକାନଗିରି ଓକିଲ ସଂଘ ନିର୍ବାଚନ ୧୨ତାରିଖରେ ସରିଥିଲା। ତେବେ ନିର୍ବାଚନରେ ବୁଥ୍ କ୍ୟାପ୍‌ଚରିଂ କରାଯାଇଥିବା ଅଭିଯୋଗକରି ଏହି ନିର୍ବାଚନକୁ ରଦ୍ଦ କରିବା ଲାଗି ଦାବି କରିଛନ୍ତି ପରାଜିତ ହୋଇଥିବା ସଭାପତି ଓ ସମ୍ପାଦକ ପ୍ରାର୍ଥୀ। ସଭାପତି ରୂପେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନୃସିଂହ ମହାନ୍ତିଙ୍କୁ ୭ଟି ଭୋଟରେ ପରାସ୍ତକରି ଦୁର୍ଗା ତ୍ରିପାଠୀ ସଭାପତି ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବେ ବିଜୁ ସରକାରଙ୍କୁ ହରାଇ ଲମ୍ବୋଦର ଡୁରୁକ ବିଜୟୀ ହୋଇଥିଲେ। ଏକ ଖବରଦାତା ସମ୍ମିଳନୀରେ ପରାଜିତ ପ୍ରାର୍ଥ ମହାନ୍ତି ଓ ସରକାର ଏହି ନିର୍ବାଚନ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ପଦ୍ଧତିରେ ହୋଇଛି। ଏହାକୁ ରଦ୍ଦ କରିବାକୁ ଉଭୟେ ଦାବି କରିଛନ୍ତି। ଏହା ନ ହେଲେ ସେମାନେ ଆଇନର ଆଶ୍ରୟ ନେବେ ବୋଲି କହିଥିଲେ। ଏ ସମ୍ପର୍କରେ ସମ୍ପାଦକ ଲମ୍ବୋଦର ଡୁରୁକଙ୍କୁ ପଚାରିବାରୁ ସେ କହିଲେ, ନିୟମ ଅନୁଯାୟୀ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଏହି ନିର୍ବାଚନ ହୋଇଛି। ଆଇନଜୀବୀମାନେ ସଚେତନ ନାଗରିକ । ସେମାନଙ୍କୁ କେହି ପ୍ରଭାବିତ କରିପାରିବେ ନାହିଁ। ଉଭୟେ ଏଭଳି ବିବୃତି ଦେବା ହାସ୍ୟାସ୍ପଦ ବୋଲି ଡୁରୁକ କହିଛନ୍ତି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ବିଜୟ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ସମ୍ପୂର୍ଣ୍ଣ ନିୟମ ଅନୁସାରେ ନିର୍ବାଚନ କରାଯାଇଛି। କୌଣସି ଅଗଣତାନ୍ତ୍ରିକ ନୀତି ଅବଲମ୍ବନ କରାଯାଇ ନାହିଁ ।

## ପଲିଥିନ ଧରପଗଡ଼

ଆସିକା,୧୪।୧୨(ଡି.ଏନ୍.ଏ.)

ଆସିକା ଏନ୍‌ଏସିରେ ବେଧଡ଼କ ପଲିଥିନ କାରବାର ଚାଲିଛି। ସୋମବାର ବିନାୟକ ବଜାର, ଲକ୍ଷ୍ମୀବଜାର, ବସଷ୍ଟାଣ୍ଡ, କଳିଙ୍ଗାରୋଡ୍, ବିଜୁ ପଟ୍ଟନାୟକ ଛକ ଆଦିରେ ଏନ୍‌ଏସି ପ୍ରଶାସନ ପଲିଥିନ ଧରପଗଡ଼ କରାଯାଇଥିଲା।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପାଦେୟ ପୁସ୍ତକ ପ୍ରଦାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଡିଆରଡିଏ ପିଡି ଓ ଅନ୍ୟମାନେ ।

ମୁନିଗୁଡ଼ା,୧୪।୧୨(ଡି.ଏନ୍.ଏ.)– ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ସର୍ଦ୍ଧାପୁର ହାଇସ୍କୁଲ ପରିସରରେ ସୋମବାର ଶିକ୍ଷା ସମୃଦ୍ଧି ଓ ନିର୍ମଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ୭୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପାଦେୟ ପୁସ୍ତକ ପ୍ରଦାନ କରିଥିଲେ। ଓଏଲ୍‌ଏମ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ଅମ୍ରିତ୍ ଋତୁରାଜ ଯୋଗଦେଇ ୨୦୨୦–୨୧ ବର୍ଷରେ ପିଏମ୍‌ଏୱାଇରେ ଗୃହ ନିର୍ମାଣ ସାରିଥିବା ୧୯ଜଣଙ୍କୁ ନିର୍ମଳ ଯୋଜନାରେ ୱାଟର ଫିଲ୍‌ଟର ପ୍ରଦାନ କରଥିଲେ। ସେହିପରି ତେଲେଙ୍ଗାପଦର ପଞ୍ଚାୟତ ସଭାଗୃହରେ ଅଙ୍କୁର ଯୋଜନାରେ ୩ମାସର ଶିଶୁଙ୍କୁ ବେବି କିଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷ ଶ୍ରୀଧର କୋରଡ଼ା, ବିଡିଓ ଦିଲୀପ କୁମାର ବେହେରା, ବିପିଏମ୍ କ୍ଷିରୋଦ କୁମାର ଭୁୟାଁ, ବିଇଓ ଏ. ବି. ରାଓ, ଏଇ ରାମଚନ୍ଦ୍ର ପ୍ରଧାନ, ଜିଆର୍‌ଏସ୍‌ଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଝିଅକୁ ସହାୟତା କଲା ସାମାଜିକ ସୁରକ୍ଷା ବିଭାଗ

ଗୁଣପୁର,୧୪।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତର ବନ୍ଧଗଡା ଗ୍ରାମରେ ରହନ୍ତି ୮ ବର୍ଷର ଭିନ୍ନକ୍ଷମ ଝିଅ ମନସ୍ୱିତା ଶବର। ତାଙ୍କୁ ସୋମବାର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଜିଲା ସମାଜିକ ସୁରକ୍ଷା ଅଧିକାରୀ ଆଦିନାଥ କଅଁର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ରେଗେଡା ପିଇଓ ବିଜୟ କୁମାର ରାଜଗୁରୁ ପ୍ରମୁଖ ତାଙ୍କ ଘରକୁ ଯାଇ ସିପି ଚେୟାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ମନସ୍ୱିତା ମସ୍ତିକ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଜନ୍ମଗ୍ରହଣ କରିଥିଲେ । ଫଳରେ ତାଙ୍କର ଶରୀରର ସମସ୍ତ ଅଙ୍ଗ ବିକଳାଙ୍ଗ ରହିଥିଲା। ଗରିବ ହେତୁ ଝିଅର ଅଧିକା ଚିକିତ୍ସା କରିପାରି ନ ଥିଲେ ବାପା ବେନ ଶବର । ମନସ୍ୱିତାଙ୍କ ସମ୍ପର୍କରେ ଗୁଣପୁର ଆଦର୍ଶ ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଅଧିକାରୀ ସଶାନ୍ତ ବେହେରା ଲୋକ ଲୋଚନକୁ ଆଣିବା ପରେ ପ୍ରଶାସନ ତାଙ୍କ ପାଖରେ ପହଞ୍ଚିଛି ।



ମନସ୍ୱିତାଙ୍କୁ ମିଳିଥିବା ସିପି ଚେୟାର।

# ରତ୍ନପଥର ଚାଲାଣ, ପରୀ ଘଟଣାରେ ବର୍ଷିଲେ ସାଲୁଜା

ଗୁଣପୁର,୧୪।୧୨(ଡି.ଏନ୍.ଏ.)– ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସ ନେତା ତଥା ରାୟଗଡ଼ା ଜିଲା କଂଗ୍ରେସର ନୂତନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା। ରତ୍ନପଥର ଚୋରାଚାଲାଣ ଏବଂ ପରୀ ହତ୍ୟାକାଣ୍ଡ ଘଟଣାକୁ ନେଇ କଂଗ୍ରେସ ଆନ୍ଦୋଳନ କରିବା ସହ ବିଧାନସଭାରେ ଏହାକୁ ପ୍ରସଙ୍ଗ କରିବ ବୋଲି ରାୟଗଡ଼ା ଜିଲା ଗୁଣପୁର ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର କଂଗ୍ରେସର ସାଙ୍ଗଠନିକ ବୈଠକରେ ଯୋଗଦେଇ ସାଲୁଜା କହିଛନ୍ତି। ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ନେଇ ଜନସାଧାରଣ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ସେ କହିଥିଲେ। ସେହିପରି ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ମୁଖ୍ୟମନ୍ତ୍ରୀ ବହିଷ୍କାର କରନ୍ତୁ ବୋଲି ସେ ଦାବି କରିଛନ୍ତି। ବୈଠକରେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳି ଅଧୀନ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ କର୍ମୀ ଯୋଗ ଦେଇଥିଲେ। ଜିଲାରେ ସଙ୍ଗଠନକୁ କିପରି ମଜବୁତ କରାଯିବ ସେ ନେଇ ଆଲୋଚନା କରିଥିଲେ। ପୌର ନିର୍ବାଚନରେ କିପରି ଦଳ ସଫଳତା ହାସଲ କରିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ପରେ ସେ ବ୍ଲକ୍ ସ୍ତରରେ ସଂଗଠନର ସ୍ଥିତି ଏବଂ ସମସ୍ୟା ଆଲୋଚନା କରିଥିଲେ। ଜିଲା ଜିଲା ସଭାପତି ଦୁର୍ଗା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧରେ ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗ, ନଗର ସଭାପତି ଏସ୍. ବାବା ପ୍ରସାଦ, ଭୋଳା ମହାକୁଡ଼, ତରଣି ଶତପଥୀ, ଲକ୍ଷ୍ମୀ ନରାୟଣ ନନ୍ଦ, ଗୁଡାରୀ ବ୍ଲକ୍ ଅଧକ୍ଷ ଶାନ୍ତି ଜାଗରଙ୍ଗା, ଜି.ପ୍ରସାଦ,ବାଞ୍ଛା ବେହେରା, ଭୀମ ଜାଗରେଙ୍ଗା, ପି. ରମେଶ, ଭାସ୍କର ଜାଗରେଙ୍ଗା, ରଘୁ ପାତ୍ର, ଚନ୍ଦ୍ରପୁର ଜିଲା ପରିଷଦ ସଭ୍ୟ ସରସ୍ୱତୀ ମାଲ ବିଶୋୟୀ, ରାଜୀବ ସାହୁ, ଦିବସ ରାଇକା, ଚିରିଞ୍ଜିବି ଖାଡାଙ୍ଗା ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଦେଲେ ଗଣ ସଙ୍ଗଠନ

ରାୟଗଡ଼ା ଅଫିସ,୧୪।୧୨

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଡାକରାରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ଏହିକ୍ରମରେ ସୋମବାର ସିପିଆଇଏମ୍‌ଏଲ୍ ଲିବେରେସନର ଗଣ ସଙ୍ଗଠନ ମିଳିତଭାବେ ରାୟଗଡ଼ା ରେଳଷ୍ଟେଶନରୁ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କୃଷକ ବିରୋଧୀ କୃଷି ଆଇନ ପ୍ରତ୍ୟାହାର, ମଣ୍ଡି ଉଚ୍ଛେଦକୁ ବନ୍ଦ କରିବା, ଭାଗ ଚାଷୀଙ୍କ ଜୀବୀକା ଉଚ୍ଛେଦକାରୀ ଠିକା ଆଇନ ରଦ୍ଦ କରିବା, ଦିଲ୍ଲୀଠାରେ ଆନ୍ଦୋଳନ ସମୟରେ ମୃତ କୃଷକଙ୍କ ପରିବାରକୁ ୫୦ଲକ୍ଷ ଲେଖାଏ ପ୍ରଦାନ ଆଦି ଦାବିକୁ ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ଧାରଣାରେ ବିଭିନ୍ନ ସଙ୍ଗଠନର ମୁଖ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସିପିଆଇଏମଏଲ୍ ଲିବେରେସନର କେନ୍ଦ୍ର କମିଟି ସଦସ୍ୟ ତ୍ରିପତି ଗମାଙ୍ଗ, ଏଆଇସିସିଟିୟୁର ରାଜ୍ୟ କମିଟି ସଦସ୍ୟ ବୃନ୍ଦାବନ ବିଡିକା, ଏଆଇକେଏମ୍‌ର ଜିଲା ସଭାପତି ସମ୍ବରା ଶବର, ଦାମୋଦର ଶବର, ଅନାଶିମ ଶବର, ରାମଚନ୍ଦ୍ର ପ୍ରାସ୍କା, ମେଦ୍ରିଗରଡ଼ିଆ , ଏଆଇଏଆର୍‌ଏଲ୍‌ଏ ଜିଲା ନେତୃତ୍ୱକାରୀ, ଆର୍‌ୱାଇଏ ଜିଲା କମିଟି ସଦସ୍ୟ କରୁଣାକର ଲିମା, ଏଆଇଏସ୍‌ଏ ଜିଲା ସଭାପତି ଅଶମାବନ ଶବର ପ୍ରମୁଖ ଧାରଣାରେ ନେତୃତ୍ୱ ନେଇଥିଲେ।




ଗଣ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ନବରଙ୍ଗପୁର,୧୪।୧୨(ବି.ପ୍ର.)–

ନବରଙ୍ଗପୁର ଡିଆର୍‌ଡିଏ ପକ୍ଷରୁ ମିଶନଶକ୍ତି ହଲ୍‌ଠାରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ର ଏଥିରେ ଅଧକ୍ଷତା କରି ଜିଲାର ବହୁ ଉନ୍ନୟନ ଯୋଜନା ମନ୍ଥର ଗତିରେ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ବାରମ୍ବାର ଆଲୋଚନା ପରେ ମଧ କାମରେ ଆବଶ୍ୟକ ଅଗ୍ରଗତି ହୋଇପାରୁନି। ସରକାରଙ୍କର ଅନେକ ଜନହିତକର ଯୋଜନା ଆଶାତିତଭାବେ ଆଗେଇପାରୁନି। ଅନେକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରୁନି। ତେଣୁ ବ୍ଲକ୍ ପ୍ରଶାସନ ଆହୁରି ଲୋକଙ୍କ ନିକଟତର ହୋଇ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି । ମାର୍ଚ୍ଚ ସୁଦ୍ଧା ବଳକା କାମ ତୁରନ୍ତ ସାରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ



ଜିଲାସ୍ତରୀୟ ଅଧିକାରୀଙ୍କ ସହ ଜିଲାପାଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ନିଯୁକ୍ତି, ସମୟ ଅନୁଯାୟୀ କାମ ଓ ମଜୁରି ପ୍ରଦାନରେ କେତେକ ବ୍ଲକ୍‌ରେ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମୋ ଉପକାରୀ ବଚିଚା, ପଶୁ ଖାଦ୍ୟ, ଚାଷ, ଗ୍ରାମୀଣ ଆବାସ ଯୋଜନାର ସମୀକ୍ଷା କରିବା ସହ ପ୍ରଧାନମନ୍ତ୍ରୀ ଅବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାର ଅଗ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବାକୁ କହିଥିଲେ। ସେହିପରି ଓଏଲ୍‌ଏମ୍‌ର କାର୍ଯ୍ୟକ୍ରମକୁ

- ବ୍ଲକ୍ ପ୍ରଶାସନ ଉପରେ କ୍ଷୁବ୍ଧ
- ପାଇଖାନା ନିର୍ମାଣରେ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବ୍ଲକ୍ ୱାରି ସମୀକ୍ଷା କରିଥିଲେ। ଜିଲାରେ ପାଇଖାନା ନିର୍ମାଣ ନେଇ ବିଭିନ୍ନ ସ୍ଥାନରେ ହୋଇଥିବା ଅଭିଯୋଗ ନେଇ ଜିଲାପାଳ କ୍ଷୁବ୍ଧ ହେବା ସହ ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ ଅଭିଯୋଗର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିକାଶରେ ବିଡିଓମାନଙ୍କ ଗୁରୁଦାୟିତ୍ୱ ରହିଛି। ଲକ୍ଷ୍ୟ ପୂରଣ ପାଇଁ ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଡିଆର୍‌ଡିଏ ପିଡିରମାକାନ୍ତ ନାୟକ, ଏପିଡି ରତ୍ନାକର ସାହୁ, ଉପଜିଲାପାଳ ଭାସ୍କର ରଇତ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ରାଜେଶ ପଟ୍ଟନାୟକ ଉପସ୍ଥିତ ଥିଲେ।

**ସ୍କ୍ରାପ ବୋଝେଇ ଟ୍ରକ୍ ଜବତ: ୨ଅଟକ**

ଚୌଦ୍ୱାର,(ଡି.ଏନ୍‌.ଏ.): ଚୌଦ୍ୱାର ଥାନା ଅଧୀନ ମଙ୍ଗୁଳି ଛକ ନିକଟରୁ ଏକ ସ୍କ୍ରାପ ବୋଝେଇ ଟ୍ରକକୁ ପୋଲିସ ସୋମବାର ସନ୍ଧ୍ୟାରେ ଜବତ କରିଛି। ଏଥିସହ ଟ୍ରକ ଚାଳକ ଓ ଅନ୍ୟଜଣଙ୍କୁ ଅଟକ କାଗଜପତ୍ର ଯାଞ୍ଚ କରୁଛି। ଚାଳକଙ୍କୁ ପଚରାଉଚରା କରାଯିବାରୁ ଟ୍ରକଟି ଖୁର୍ଣ୍ଣି ଅଞ୍ଚଳକୁ ଯିବାର ଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ସଂକ୍ଷେପରେ

### ଜିଲା ପରିଷଦ ଉପନିର୍ବାଚନ ପାଇଁ ବିଜ୍ଞପ୍ତି

**କଟକ ସଦର,୧୪।୧୨(ଡି.ଏନ୍‌.ଏ.):** ଉପନିର୍ବାଚନ ପାଇଁ କଟକ ଜିଲା ପରିଷଦ ଜୋନ୍ ନଂ.୭ର ବିଜ୍ଞପ୍ତି ସୋମବାର ପ୍ରକାଶ ପାଇଛି। କଟକ ସଦର ବିଡିଓ ତଥା ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡା ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ କରି ଆସନ୍ତା ୨୨ରେ ୧୨୪ଟି ବୁଥ୍‌ରେ ନିର୍ବାଚନ କରାଯିବ ବୋଲି ଘୋଷଣା କରିଛନ୍ତି। ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହାସହିତ ୩ ରାଜନୈତିକ ଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଛନ୍ତି। ୩୭ ହଜାର ଭୋଟର ମତଦାନରେ ଅଂଶଗ୍ରହଣ କରିବେ। ୨୦୧୯ ଜୁଲାଇରେ ଜିଲା ପରିଷଦ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡିଛି।

### ରାଜ୍ୟରେ ୧,୮୧୧ କରୋନା ମୃତ୍ୟୁ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ):** ରାଜ୍ୟରେ ଗତ ୨୪ଘଣ୍ଟାରେ ଆଉ ୪ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ଜଗତ୍‌ସିଂହପୁର, ଗଞ୍ଜାମ ଓ ଢେଙ୍କାନାଳରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୧୧ରେ ପହଞ୍ଚିଛି। ସେପଟେ ଆଉ ୩୩୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୫୧ଜଣ ରହିଛନ୍ତି। ଏହାକୁ ମିଶାଇ ସଂକ୍ରମିତ ସଂଖ୍ୟା ୩,୨୪,୦୮୯କୁ ବୃଦ୍ଧି ପାଇଛି। ସୋମବାର ଆଉ ୩୮୯ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୧୯,୪୫୮ରେ ପହଞ୍ଚିଛି।

### ପିତୃପୁରୁଷଙ୍କୁ ଦୀପଦାନ କଲେ ଅଲାରନାଥ

**ବ୍ରହ୍ମଗିରି,୧୪।୧୨(ଡି.ଏନ୍‌.ଏ):** ମାର୍ଗଶିର ଅମାବାସ୍ୟା ଅର୍ଥାତ୍ ଦେବ ଦୀପାବଳୀ ଅବସରରେ ସୋମବାର ମହାପ୍ରଭୁ ଅଲାରନାଥ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଛନ୍ତି। ମହାପ୍ରଭୁ ତାଙ୍କ ମାନବୀୟ ଲୀଳାରେ ପିତୃପୁରୁଷ ତଥା ମାତା ଅଦିତି ଓ ପିତା କଶ୍ୟପ, କୈକେୟୀ ଓ ଦଶରଥ, ଦେବକୀ ଓ ବସୁଦେବ, ଯଶୋଦା ଓ ନନ୍ଦଙ୍କୁ ପିଣ୍ଡଦାନ କରିବା ସହିତ ଦୀପଦାନ କରିଛନ୍ତି। ମନ୍ଦିରରେ ସନ୍ଧ୍ୟା ଧୂପ ପରେ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ପାଲିଙ୍କିରେ ମୁଖଶାଳାର ଗୁମୁଟରେ ବିଜେ କରାଯାଇଥିଲା। ସେଠାରେ ମହାପ୍ରଭୁଙ୍କ ପନ୍ତି ଭୋଗ ଧୂପ ପରେ ଦୀପଦାନ କାର୍ଯ୍ୟ ପାଳିଆ ପୂଜାପଣ୍ଡା କରିଥିଲେ। ଏଥିଲାଗି ସନ୍ଧ୍ୟାରେ ମନ୍ଦିର ଚତୁଃପାର୍ଶ୍ୱରେ ଦୀପ ଲଗାଯାଇଥିଲା। ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ପାଇଁ ମହାପ୍ରଭୁ ଅଲାରନାଥଙ୍କୁ ଶ୍ରାଦ୍ଧ ବେଶ ବା ଶ୍ୱେତ ବସ୍ତ୍ରରେ ସଜ୍ଜିତ କରାଯାଇଥିଲା।

### ନାବାଳିକାଙ୍କୁ ଅପହରଣ ଘଟଣା: ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୪।୧୨:** ଖୋର୍ଦ୍ଧା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବିବାହ ଅଭିଯୋଗରେ ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ଥାନା ଅଞ୍ଚଳର ଅକ୍ତାର ଖାଁ(୨୨)। ସୂଚନା ମୁତାବକ, ୨୦୧୮ ମସିହାରେ ଅକ୍ତାର ଖୋର୍ଦ୍ଧା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ବିବାହ କରିବାର କିଛି ଦିନ ପରେ ଛାଡ଼ି ଦେଇଥିଲେ। ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୨୬/୧୮)ରୁଜୁ କରିଥିଲା। ସୋମବାର କୌଣସି ସୁତ୍ରରୁ ଖବରପାଇ ପୋଲିସ ତାଙ୍କୁ ଗ୍ରାମରୁ ଗିରଫ କରିଥିଲା।

### ହାଇୱା ଧକ୍କାରେ ବାଇକ ଜଳିଗଲା

**କଟକ ସଦର,୧୪।୧୨(ଡି.ଏନ୍‌.ଏ.):** ୧୬ନଂ. ଜାତୀୟ ରାଜପଥର ବର୍ଣ୍ଣକୁଦ ଛକଠାରେ ସୋମବାର ସକାଳେ ଏକ ହାଇୱା ଧକ୍କାରେ ବାଇକ୍ ଜଳିଯାଇଛି। ଏଥିରେ ବାଇକ ଚାଳକ କଟକ ସଦର ଥାନା ଅଧୀନ ଗୋପାଳପୁରର ପ୍ରୀତିରଞ୍ଜନ ମହାନ୍ତି ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ବାଇକ(ଓଡି୦୫ଏଟି-୯୩୫୦)ରେ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ପଛରୁ ହାଇୱା ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ପ୍ରୀତିରଞ୍ଜନ ବାଇକ୍‌ରୁ ଛିଟିକି ପଡି ଆହତ ହୋଇଥିଲେ। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

# ସ୍ୱାଭିମାନ ଅଞ୍ଚଳ ହେବ ମାଓବାଦୀମୁକ୍ତ

## ବିକାଶ କାର୍ଯ୍ୟରେ ସାଲିସ କରାଯିବ ନାହିଁ: ଡିଜିପି

- କୋରାପୁଟ ପୋଲିସକୁ ପ୍ରଶଂସା କଲେ
- ଛତିଶଗଡ଼ୀ ମାଓବାଦୀଙ୍କୁ ସାବାଡ୍ ପାଇଁ ଆଲୋଚନା

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)/ ମାଲକାନଗିରି (ଡି.ଏନ୍‌.ଏ.)**

ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କୁ ସମୂଳେ ନିପାତ କରାଯିବ। ପୂରା ଅଞ୍ଚଳକୁ ମାଓବାଦୀଙ୍କ କବଳରୁ ମୁକ୍ତ କରାଯିବ। ଏଠାରେ ବିକାଶମୂଳକ କାର୍ଯ୍ୟରେ କୌଣସି ସାଲିସ କରାଯିବ ନାହିଁ। ପୋଲିସ ଡିଜି ଅଭୟ ସୋମବାର ସ୍ୱାଭିମାନ ଅଞ୍ଚଳ ଗସ୍ତରୁ ଫେରିବା ପରେ ସୋମବାର ଖବରଦାତା ସମ୍ମିଳନୀରେ ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ରବିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏହି ଏନ୍‌କାଉଣ୍ଟର ପରେ ଯବାନଙ୍କ ମନୋବଳ ବଢାଇବା ନିମନ୍ତେ ଡିଜିପି ବିଏସ୍‌ଏଫ୍‌ର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ପହଞ୍ଚିଥିଲେ। ତାଙ୍କ ସହ ଗୋଇନ୍ଦା ନିର୍ଦ୍ଦେଶକ ଆର୍‌.କେ. ଶର୍ମା ଓ ଆଇଜି ଅପରେଶନ ଅମିତାଭ ଠାକୁର ମଧ୍ୟ ଯାଇଥିଲେ। ଡିଜିପି ଅଭୟ ଉକ୍ତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ସମୟରେ ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଓଜି ଆଇଜି ଅନିରୁଦ୍ଧ ସିଂ, ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରିଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ସମୟରେ ପୋଲିସ ହିଂସା ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ ଦେଇଥିଲେ। ଆତ୍ମସମର୍ପଣ କଲେ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯିବ। ସେମାନେ ନିଜକୁ ସମାଜରେ ଜଣେ ସୁନାଗରିକ ଭାବେ ଗଢି ତୋଳିପାରିବେ। ପଡୋଶୀ ରାଜ୍ୟର କିଛି ଅଗଣତାନ୍ତ୍ରିକ ତତ୍ତ୍ୱ ଉକ୍ତ ଅଞ୍ଚଳକୁ ଆସି ନିରୀହ ଆଦିବାସୀଙ୍କୁ ପଥଭ୍ରଷ୍ଟ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚାଲିଥିବା ବିକାଶକୁ ଲାଲବାହିନୀ ବିରୋଧ କରୁଛି। ମାଓବାଦୀମାନେ ଯେ ବିକାଶ ବିରୋଧୀ ଏହା ଗ୍ରାମବାସୀ ଜାଣି ସାରିଲେଣି। ଏହିସବୁ ଅଞ୍ଚଳର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଯବାନମାନେ ସୁରକ୍ଷା ଯୋଗାଇ ଦେଉଛନ୍ତି। ବିକାଶ କାର୍ଯ୍ୟରେ ସାଲିସ କରାଯିବ ନାହିଁ। ବିଶେଷକରି ରାସ୍ତା, ବିଦ୍ୟାଳୟ ନିର୍ମାଣ, ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ଦିଗରେ ଆଗାମୀ ଦିନରେ କାର୍ଯ୍ୟ ଜାରି ରହିବ ବୋଲି ଡିଜିପି କହିଛନ୍ତି।

ପରେ ଅଭୟ ସେଠାରୁ କୋରାପୁଟ ଜିଲା ଗସ୍ତରେ ଯାଇଥିଲେ। କୋରାପୁଟରେ ମାଓବାଦୀ ସହ ଗଞ୍ଜେଇ ଚାଷ ପୋଲିସର ମୁଣ୍ଡ ବିନ୍ଧା ସାଜିଥିବା ନେଇ ଡିଜିପି ଅଭୟ କହିଥିଲେ। ତେବେ ୨୦୧୯ରେ ଜିଲାରେ ୬୧୮ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଗତବର୍ଷଠାରୁ ୨ ଗୁଣା ଅର୍ଥାତ୍ ୧୨୯୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଏହା ପୋଲିସ ପାଇଁ ବଡ଼ ସଫଳତା ବୋଲି ଅଭୟ ପ୍ରକାଶ କରିବା ସହ କୋରାପୁଟ ପୋଲିସକୁ ପ୍ରଶଂସା କରିଥିଲେ। ଶେଷରେ ଅଭୟ ଟ୍ରାଇଜଙ୍କସନ ଗସ୍ତ କରିଥିଲେ। ଉକ୍ତ ଅଞ୍ଚଳରେ ଛତିଶଗଡି ମାଓବାଦୀଙ୍କ ଗତିବିଧି ବଢୁଥିବାରୁ ସେ ଚିନ୍ତା ପ୍ରକଟ କରିବା ସହ ଏହାର ସମାଧାନ ନିମନ୍ତେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।


ସ୍ୱାଭିମାନ ଅଞ୍ଚଳରେ ଡିଜିପ ଅଭୟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ସିଂହଦ୍ୱାର ଥାନାରେ ଏତଲା

## ଜୋତା ପିନ୍ଧି ୨ ପୋଲିସ ଅବଢା ଖାଇବା ଘଟଣା

**ପୁରୀ ଅଫିସ, ୧୪।୧୨**

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପାଦୁକାଳୟ ନିକଟରେ ଚପଲ ପିନ୍ଧି ବେଞ୍ଚ ଉପରେ ବସି ୨ଜଣ ପୋଲିସ କର୍ମଚାରୀ ଅବଢ଼ା ସେବନ କରୁଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। 'ଧରିତ୍ରୀ'ରେ ଏହି ଖବର ପ୍ରକାଶିତ ହେବା ପରେ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲା। ସୋମବାର ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଏ ନେଇ ସିଂହଦ୍ୱାର ଥାନାରେ ଏତଲା ଦେଇଛି। ଜଗନ୍ନାଥପ୍ରେମୀମାନେ ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିଥିବା ବେଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗକାରୀମାନେ ଲିଖିତ ଭାବେ ଜଣାଇଛନ୍ତି ଯେ, ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପ ଜଗନ୍ନାଥ ସଂସ୍କୃତିର ବିରୋଧାଚରଣ କରୁଛି। ଭକ୍ତମାନଙ୍କ ଆବେଗଙ୍କୁ ମଧ୍ୟ ଏହା ଏକ କୁଠାରାଘାତ। ଡ୍ୟୁଟି ଚାର୍ଟ ମାଧ୍ୟମରେ ସମ୍ପୃକ୍ତ ୨ ପୋଲିସ କର୍ମଚାରୀଙ୍କୁ ଚିହ୍ନଟ କରାଯାଇପାରିବ। ଉକ୍ତ କର୍ମଚାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏହି ପ୍ରସଙ୍ଗରେ ତତ୍ପରତା ଦେଖାଇବାର ଆବଶ୍ୟକତା ରହିଛି ବୋଲି ସଙ୍ଗଠନ କହିଛି। ଆଗାମୀ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଚେତାବନୀ ଦେଇଛି।


ସିଂହଦ୍ୱାର ଥାନାରେ ଏତଲା ଦେବାକୁ ଆସିଥିବା ଶ୍ରୀଜଗନ୍ନାଥ ଭକ୍ତ ପରିଷଦର କର୍ମକର୍ତ୍ତା।


ପୁରୀ ଶ୍ରୀମନ୍ଦିରରୁ ସୋମବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ନିଆଯାଉଛି।

# ଆଜି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ଉତ୍ସବ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୫ ଓ ୨୦୧୬ ମସିହା ପାଇଁ ମଙ୍ଗଳବାର ଏକାଡେମୀ ପୁରସ୍କାର ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଆ ସାହିତ୍ୟର ୯ଟି ବିଭାଗରେ ୧୦ଜଣ ଲେଖାଏ ସାହିତ୍ୟ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଏହାସହ ୨୦୧୯ ପାଇଁ ୧୫ଜଣ ସାହିତ୍ୟିକଙ୍କୁ ଓଡ଼ିଆ ସାହିତ୍ୟ ଏକଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଅପରାହ୍ଣରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥିଭାବେ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ, ସମ୍ମାନିତ ଅତିଥିଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ। ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ସଭା ପରିଚାଳନା ଓ ସଚିବ ସୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ୟୁଟ୍ୟୁବ୍ ଓ ଫେସବୁକ୍ ପେଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ ବୋଲି ଏକାଡେମୀ ସଚିବ ମନ୍ତ୍ରୀ ସୂଚନା ଦେଇଛନ୍ତି।

# କେବିକେ ପିଲାଙ୍କୁ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଶିକ୍ଷା

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଭୁବନେଶ୍ୱର, ପୁରୀ, କଟକରୁ ବାହାରି କେବିକେ ଜିଲାରେ ପହଞ୍ଚିଛି ସଂସ୍କୃତି ବିଭାଗର କାର୍ଯ୍ୟକ୍ରମ। ବିଶେଷକରି ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଏବଂ ଓଡ଼ିଶୀ ସଙ୍ଗୀତକୁ ଉପାନ୍ତ ଅଞ୍ଚଳରେ ପରିବେଷଣ କରାଯାଉଛି। ଏନେଇ ପଦକ୍ଷେପ ନେଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ। ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଓଡ଼ିଶୀ ନୃତ୍ୟ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଏକାଡେମୀ ପକ୍ଷରୁ କେବିକେ ଜିଲାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି। ଆଦିବାସୀବହୁଳ ଅଞ୍ଚଳରେ ଓଡ଼ିଶୀ ନୃତ୍ୟ କଳାର ପ୍ରଚାରପ୍ରସାର ପାଇଁ ଏକାଡେମୀ ପକ୍ଷରୁ ପ୍ରଥମଥର ଲାଗିଏଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା କୁହାଯାଇଛି।

ସେପ୍ଟେମ୍ବରରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଏବେ ଏହାକୁ ବ୍ୟାପକ କରିବାକୁ ସ୍ଥିର ହୋଇଛି। ଆଦିବାସୀ ବହୁଳ ଅଞ୍ଚଳରେ ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ଏଥିପାଇଁ କୋରାପୁଟ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଓଡ଼ିଶୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏହାର ଦାୟିତ୍ୱ ଜିଲା ସାଂସ୍କୃତିକ ପରିଷଦକୁ ଦିଆଯାଇଛି। ତାଲିମପ୍ରାପ୍ତ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ନୃତ୍ୟଗୁରୁ ପିଲାଙ୍କୁ ଓଡ଼ିଶୀ ଶିଖାଉଛନ୍ତି। ଏହି ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ମାଗଣା ହୋଇଥିବାବେଳେ ଏଥିପାଇଁ ସମ୍ପୃକ୍ତ ଅନୁଷ୍ଠାନ ଓ ଗୁରୁଙ୍କୁ ପ୍ରଶିକ୍ଷଣ ବାବଦରେ ବର୍ଷକୁ ୧ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରାଯାଉଛି। ଇତିମଧ୍ୟରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ କେନ୍ଦ୍ରରେ ପ୍ରଶିକ୍ଷଣ ନେଇସାରିଛନ୍ତି। ଜିଲା ସାଂସ୍କୃତିକ ପରିଷଦକୁ ପ୍ରଦାନ କରାଯାଉଥିବା ବାର୍ଷିକ ଅନୁଦାନ ଅର୍ଥରେ ଏହି ପ୍ରଶିକ୍ଷଣ ଦିଆଯାଉଛି। ପୂର୍ବରୁ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର କରିବା ପାଇଁ ଏକାଡେମୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଘୋଡାନାଚ, ସମ୍ପ୍ରଦା, ବନା ବାଡି ନାଚ, ପ୍ରହ୍ଲାଦ ନାଟକର ପ୍ରଚାର ପ୍ରସାର ଦିଗରେ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଯୋଜନା ରହିଛି ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦେଶୀ ଜୀବଜନ୍ତୁ ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ଭାରତରେ କେତେ ପ୍ରକାର ବିଦେଶୀ ବା ଏକ୍ସୋଟିକ୍ ଜୀବଜନ୍ତୁ ଅଛନ୍ତି ତା'ର ହିସାବ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ସର୍ବକ୍ଷମା ଯୋଜନା ଲାଗୁ କରାଯାଇଛି। ଏହି ଯୋଜନାରେ ଦେଶର ଯେଉଁ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ବିଦେଶୀ ପକ୍ଷୀ ବା ପଶୁ ରଖିଛନ୍ତି ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ parivesh.nic.in ୱେବ୍‌ସାଇଟ୍‌ରେ ପ୍ରସ୍ତାବ ଦେବେ। ସେହି ପ୍ରସ୍ତାବକୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁମୋଦନ କରିବାକୁ କୁହାଯାଇଥିଲା। ଏଥିପାଇଁ ଚଳିତବର୍ଷ ଜୁନ୍ ୧୬ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ୬ ମାସର ସମୟ ସୀମା

**ଆଜି ସରୁଛି ଅବଧି**

ଧାର୍ଯ୍ୟ କରାଯାଇଥିଲା। ତେବେ ଏହି ଅବଧି ମଙ୍ଗଳବାର ଶେଷ ହେଉଛି। କିନ୍ତୁ ଇଣ୍ଟରନେଟ୍ ସମସ୍ୟା ଯୋଗୁ ଅନେକ ପଞ୍ଜୀକରଣ କରିପାରିନାହାନ୍ତି। ତେଣୁ ଅବଧି ବୃଦ୍ଧି କରିବାକୁ ଦାବି ହେଉଛି। ୧୯୭୫ରୁ କାର୍ଯ୍ୟକାରୀ ହୋଇଥିବା କନଭେନଶନ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍‌ଡ଼ ସ୍ପେସିସ ଅଫ୍ ୱାଇଲ୍ଡ ଫନା ଆଣ୍ଡ ଫ୍ଲୋରା (CITES) ଚୁକ୍ତି ଅନୁସାରେ, ପୋଷା ତଥା ବିଦେଶୀ ପ୍ରାଣୀଙ୍କ ବିଷୟରେ ସବିଶେଷ ତଥ୍ୟ ୱେବ୍‌ସାଇଟ୍‌ରେ ରଖିବାକୁ ହେବ। ତେବେ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ସଂରକ୍ଷିତ ଥିବା ପ୍ରାଣୀମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ତେବେ ପଞ୍ଜୀକରଣବେଳେ ସର୍ଭର ଡାଉନ୍ ସହ ଅନ୍ୟ ସମସ୍ୟା ଉପୁଜୁଛି। ଅନ୍ୟ ରାଜ୍ୟର ଠିକଣା ସହ ଅନ୍ୟଏକ ଜନ୍ତୁର ଫଟୋ ମଧ୍ୟ ଭୁଲ୍‌ରେ ଓଡ଼ିଶା ଲୋକଙ୍କ ନାମରେ ପଞ୍ଜୀକୃତ ହୋଇଯାଉଛି। ପକ୍ଷୀପ୍ରେମୀ ଅମିତାଭ ରାଉତ କୁହନ୍ତି, ଅନେକଦିନ ହେଲା ମୁଁ ପଞ୍ଜୀକରଣ କରିବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ହେଉ ନାହିଁ। ପରିବେଶ ୱେବ୍‌ସାଇଟ୍ ଏରର ଦେଖାଉଛି। ମୋ ଭଳି ଅନେକ ଲୋକ ସ୍ୱେଚ୍ଛାକୃତ ଜଣେଇବାକୁ ଚାହିଁଲେ ମଧ୍ୟ ସଫଳ ହୋଇପାରୁନୁ। କେନ୍ଦ୍ର ସରକାର ଆଉ କିଛିଦିନ ଅବଧି ବୃଦ୍ଧି କରିବା ଉଚିତ।

# ୨୦ରୁ ଓଡ଼ିଶା ପରିବେଶ କଂଗ୍ରେସ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

**ଚଳିତ ବର୍ଷର ବିଷୟବସ୍ତୁ 'ପରିବେଶ ଓ ଜୈବ ବିବିଧତା'**

**ଭର୍ଚୁଆଲ ମାଧ୍ୟମରେ ଆୟୋଜନ ହେବ କାର୍ଯ୍ୟକ୍ରମ**

ଆସନ୍ତା ୨୦ ତାରିଖରୁ ୧୧ତମ ଓଡ଼ିଶା ପରିବେଶ କଂଗ୍ରେସ ଆରମ୍ଭ ହେବ। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ପରିବେଶ ଓ ଜୈବବିବିଧତା'। ପ୍ରତିବର୍ଷ ଜାତୀୟ ଆଞ୍ଚଳିକ ଇତିହାସ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇ ଆସୁଥିବାବେଳେ ଏବର୍ଷ ଏହା ଓଡିଏମ୍ ପବ୍ଲିକ ସ୍କୁଲରେ କରାଯିବା ନେଇ ବ୍ୟବସ୍ଥା ହୋଇଛି। କରୋନା କଟକଣା ଓ ନିର୍ଦ୍ଦେଶନାମାକୁ ଗୁରୁତ୍ୱ ଦିଆଯାଇ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବିଶ୍ୱ ବ୍ୟାଧି କରୋନା ମହାମାରୀର ମହାନୁଭୂତି ଚଳିତବର୍ଷର ଓଡ଼ିଶା ପରିବେଶର ଗବେଷଣାରେ ବେଶ୍ ଗୁରୁତ୍ୱ ବହନ କରିବା ସହିତ ଏକ ନୂଆ ଦିଗନ୍ତକୁ ଆହ୍ୱାନ ଦେଇଛି। ତେଣୁ ଏହାକୁ ଆଧାର କରି ଗବେଷଣାମୂଳକ ପ୍ରବନ୍ଧ ମଧ୍ୟ ଚଳିତ ସଂକଳନରେ ସ୍ଥାନ ପାଇଛି। ଏତଦ୍‌ବ୍ୟତୀତ 'ଜୈବବିବିଧତା ଓ ଜଳବାୟୁ ପରିବର୍ତ୍ତନ', 'ଜୈବିବିଧତାର ସୁରକ୍ଷାରେ ପାରମ୍ପରିକ ଜ୍ଞାନ କୌଶଳ ଓ ଗୋଷ୍ଠୀର ଭୂମିକା', 'ଜୈବବିବିଧତାକୁ କେନ୍ଦ୍ର କରି ଉପୁଜିଥିବା ଦ୍ୱନ୍ଦ୍ୱ', 'ଜୈବବିବିଧତା ଓ ଆଦିବାସୀଙ୍କ ଜୀବନ ଜୀବିକା', 'କୃଷି କ୍ଷେତ୍ରରେ ଜୈବ ବିବିଧତାର ଗୁରୁତ୍ୱ ଓ ତା'ର ନିରନ୍ତରତା' ଆଦି ବିଷୟବସ୍ତୁ ଉପରେ ମଧ୍ୟ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଖ୍ୟାତିସମ୍ପନ୍ନ ଗବେଷକ, ବୁଦ୍ଧିଜୀବୀ ତଥା ସାମାଜିକର୍ମୀଙ୍କଠାରୁ ପ୍ରବନ୍ଧ ଆହ୍ୱାନ କରାଯାଇଛି। ସେସବୁ ପ୍ରବନ୍ଧଗୁଡିକୁ ସଂକଳନ କରାଯାଇ ପ୍ରତିବର୍ଷ ପରି କନ୍‌ଫରେନ୍ସ ପ୍ରୋସିଡିଙ୍ଗ୍‌ସ ପ୍ରକାଶ ପାଇବ ବୋଲି ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ପ୍ରଶାସକ ଡ. ଅରବିନ୍ଦ ବେହେରା, ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ, ଡ. ଭାଗୀରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଆଇ ତଦନ୍ତ ଦାବିରେ ନବୀନ ନିବାସ ଘେରାଉ ଉଦ୍ୟମ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

କେନ୍ଦ୍ରାପଡ଼ାର ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ ହତ୍ୟା ଘଟଣାକୁ ନେଇ ସୂଚନା ଅଧିକାର ଅଭିଯାନ ପକ୍ଷରୁ ସୋମବାର ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ପ୍ରରୋଚନାରେ ପୋଲିସ ଉକ୍ତ ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେଇଥିବା ଅଭିଯୋଗ କରି ସୂଚନା ଅଧିକାର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ, ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ବିଧାୟକ ନାୟକଙ୍କୁ ଦଳରୁ ବହିଷ୍କାର ଓ ତଦନ୍ତକୁ ରଫାଦଫା କରିଥିବା କେନ୍ଦ୍ରାପଡ଼ା ଏସ୍‌ପି ନୀତି ଶେଖରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ନବୀନ ନିବାସ ଘେରାଉ ପାଇଁ ଯିବାବେଳେ ପୋଲିସ ସହ ସୂଚନା ଅଧିକାର କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।

ପ୍ରଥମେ ମାଷ୍ଟର କ୍ୟାଣ୍ଟିନ ଛକରେ ଶତାଧିକ ସୂଚନା ଅଧିକାର କର୍ମୀ ଏକାଠି ହେବା ପରେ ଅଭିଯାନର ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ନବୀନ ନିବାସ ଅଭିମୁଖେ ବାହାରିଥିଲେ।


ସୂଚନା ଅଧିକାର କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

**ସୂଚନା ଅଧିକାର କର୍ମୀ-ପୋଲିସ ଧସ୍ତାଧସ୍ତି**

ଶିଶୁଭବନ ଛକରୁ ନବୀନ ନିବାସ ଆଡ଼କୁ ଧସେଇ ପଶିବା ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇଥିଲା। ପରେ ପୋଲିସ ଓ ସୂଚନା ଅଧିକାର କର୍ମୀଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ୍ ଧସ୍ତାଧସ୍ତି ହୋଇଥିଲା। ଶତାଧିକ କର୍ମୀଙ୍କୁ ପୋଲିସ ଉଠାଇ ନେଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ପାକଳ, ସଂଯୁକ୍ତା ପାଣିଗ୍ରାହୀ, ରଞ୍ଜୁଲତା ମହାପାତ୍ର, ସୁଧୀର ମହାନ୍ତି, ଜିତେନ୍ଦ୍ର ସାହୁ, ପ୍ରତାପ ସାହୁ, ନବକିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବନ୍ଦ ରହିଛି ଉମରକୋଟ୍ ଧଳାସୁନା କଳ

ସନ୍ତୋଷ କୁମାର ଶତପଥୀ

ଉମରକୋଟ,୧୪।୧୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଦିନେ କପାଚାଷ ପାଇଁ ପରିଚିତ ଥିଲା। ୧୯୮୫ରୁ ୧୯୮୯ ପର୍ଯ୍ୟନ୍ତ ଚାଷୀ ଅଧିକ ପରିମାଣରେ କପା ଚାଷ କରୁଥିଲେ। ସେତେବେଳ କପା କିଲୋ ପ୍ରତି ୭ ଟଙ୍କା ରହିଥିଲା। ଧଳାସୁନାଭାବେ ପରିଚିତ କପାଚାଷରୁ ଭଲ ଲାଭ ମିଳୁଥିବାରୁ ୧୯୯୦ ବେଳକୁ ଜିଲାରେ ଅଧିକ ଚାଷୀ କପାଚାଷ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ପରବର୍ତ୍ତି ସମୟରେ ଉମରକୋଟଠାରେ ଏକ କପାକଳ ମଧ ଖୋଲିଥିଲା। ହେଲେ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ସେମାନେ କପାରୁ ମୁହଁ ଫେରାଇନେଲେ। ଯଦ୍ୱାରା କପାକଳ ମଧ ବନ୍ଦ ହୋଇଗଲା।

ଅଞ୍ଚଳର କପା ଉନ୍ନତ ମାନର ହୋଇଥିବାରୁ ସେତେବେଳେ କଳିଙ୍ଗ ଟେକ୍ସଟାଇଲ୍ କୃଷି ବିଭାଗ ମାଧ୍ୟମରେ କପା କିଣୁଥିଲା। ସେହିପରି ଓଟିଏମ୍, ସିସିଆଇ, ରାଜ୍ୟ ସରକାରଙ୍କ ଟିଡିସିଏସ୍ ସଂସ୍ଥା ମାଧ୍ୟମରେ ଲୋକଙ୍କଠାରୁ କପା କିଲୋ ପ୍ରତି ୧୫ ରୁ ୨୦ଟଙ୍କାରେ କିଣି ଚେକ୍ ପ୍ରଦାନ କରୁଥିଲା। ପରେ ଗୁଣ୍ଟୁରରୁ କେତେଜଣ ବ୍ୟବସାୟୀ ଆସି କିଲୋ ପ୍ରତି ୨୦ରୁ ୨୫ଟଙ୍କା ଦେଇ କପା କିଣୁଥିଲେ। ତେଣୁ ଜିଲାର ରାଇଘର, ଝରିଗାଁ, ଚନ୍ଦାହାଣ୍ଡି, ଡାବୁଗାଁ ଅଞ୍ଚଳର ଚାଷୀ ହଜାର ହଜାର ହେକ୍ଟର ଜମିରେ କପାଚାଷ କରୁଥିଲେ। ଏହା ଜିଲାର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ଼ କରିଥିଲା। ଧୀରେ ଧୀରେ କପା ଏଠାକାର ଏକ ପ୍ରମୁଖ ଚାଷ ପାଲଟିଥିଲା। ଅଞ୍ଚଳର ଉନ୍ନତ କପା ରାଜ୍ୟ ବାହାରକୁ ରପ୍ତାନି ହେଉଥିଲା। ଏହା ଦେଖି ତତ୍କାଳୀନ ଉପଜିଲାପାଳ ବିଜୟ ଆରୋରାଙ୍କ ପ୍ରଚେଷ୍ଟାରେ ଅବିଭକ୍ତ କୋରାପୁଟ ଜିଲାର ଉମରକୋଟଠାରେ ଏକ କପାକଳ ଖୋଲିଥିଲା। ଏହି ବେସରକାରୀ କପାକଳ ଦ୍ୱାରା ଅଞ୍ଚଳ ସମେତ ଜିଲାର ଚାଷୀ ବେଶ୍ ଉପକୃତ ହେଉଥିଲେ। କିନ୍ତୁ କଳ ଅଧିକାରୀ



ବନ୍ଦ ପଡ଼ିଥିବା କପାକଳ।

- ଉପଯୁକ୍ତ ମୂଲ୍ୟ ନ ମିଳିବାରୁ କପାରୁ ମୁହଁ ଫେରାଇଲେ ଚାଷୀ
- କରୋନା ଯୋଗୁ ମକା ଉପରେ ମଧ ମାଡ଼
- ଉପଯୁକ୍ତ ମୂଲ୍ୟ ମିଳିଲେ ପୁଣି ଚାଷ ହେବ, କଳ ଖୋଲିବ

କେତେକ ଦଲାଲଙ୍କ ଦ୍ୱାରା ପରିଚାଳିତ ହୋଇଥିଲେ, ଯଦ୍ୱାରା ଚାଷୀ ସିଧାସଳଖ କପାକଳ ଅଧିକାରୀଙ୍କୁ ଯୋଗାଯୋଗ କରିପାରିଲେ ନାହିଁ। ଚାଷୀଙ୍କୁ ଉପଯୁକ୍ତ ମୂଲ ନ ମିଳିବାରୁ ସେମାନେ କପାଠାରୁ ଦୂରେଇବାକୁ ବାଧହେଲେ। ଅନେକ ଚାଷୀ କଳରୁ କପା ବାବଦକୁ ଟଙ୍କା ପାଇବାକୁ ଥିବାବେଳେ କଳ ବନ୍ଦ ହେବା ଯୋଗୁ ସେମାନେ ହତାଶ ହୋଇଥିଲେ। ପରବର୍ତ୍ତି ସମୟରେ ସରକାରୀ ପ୍ରୋତ୍ସାହନ କିମ୍ବା କପା ମଣ୍ଡିର ବ୍ୟବସ୍ଥା କରା ନ ଯିବାରୁ ଅଞ୍ଚଳର ଚାଷୀ କପାଠାରୁ ମୁହଁ ଫେରାଇ ମକାଚାଷ ପ୍ରତି ମନ ବଳାଇଥିଲେ। ପରେ ମକା ରାଜ୍ୟ, ରାଜ୍ୟ ବାହାର ଏବଂ ବିଦେଶକୁ ରପ୍ତାନି ହେଲା। ଚାଷୀ ଏଥିରୁ ମଧ ବେଶ୍ ଲାଭବାନ ହେଉଥିଲେ। ହେଲେ କରୋନା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଲା। ବାହାରକୁ ମକା ଯିବା ବନ୍ଦ ହୋଇଗଲା। ସରକାରଙ୍କ ପକ୍ଷରୁ ମଧ ମଣ୍ଡି କିମ୍ବା ଅନ୍ୟ ସୁବିଧା ମିଳିପାରିନାହିଁ। ତେଣୁ ଚାଷରେ ଲଗାଇଥିବା ଟଙ୍କା ମଧ ଚାଷୀ ପାଇବା କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ଚାଷୀ ନୀଳଗିରି ଚାଷ ଆଡ଼କୁ ମୁହାଇଁଛନ୍ତି। ଉପାନ୍ତ ଅଞ୍ଚଳର ଚାଷୀ ଅନେକ ଘାତ ପ୍ରତିଘାତ ମଧରେ ସଂଘର୍ଷ କରୁଥିବାବେଳେ ବୁଦ୍ଧିଜୀବୀଙ୍କ ମନରେ ଗୋଟିଏ ପ୍ରଶ୍ନ ଯେ, କପା ଭଳି ମକା ଚାଷର ମଧ ସମଦଶା ଘଟିବ କି। ତେଣୁ ଜିଲା ପ୍ରଶାସନ ଏବଂ ସରକାର ଚାଷୀଙ୍କୁ ଉଚିତ ମୂଲ୍ୟଦେଇ ଜିଲାରେ ବନ୍ଦ ପଡ଼ିଥିବା କପାକଳ ଖୋଲିବା ପାଇଁ ତତ୍ପରତା ଦେଖାଇଲେ ଚାଷୀ ପାରମ୍ପରିକ ଧାନ ସହ କପା ଚାଷ ପ୍ରତି ମନ ବଳାଇବେ। ଏହା ଚାଷୀଙ୍କ ଆର୍ଥିକ ଉନ୍ନତି ସହ ଜିଲା ବିକାଶରେ ମଧ ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀଙ୍କ ମଧରେ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଉପଜିଲାପାଳ ଭାସ୍କର ରଇତୋଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ମୋ ନଜରକୁ ଆସିନାହିଁ। ଏ ବିଷୟରେ ଅନୁସନ୍ଧାନ କରିବି ବୋଲି ସେ କହିଛନ୍ତି।

## କପାଚାଷ ଛାଡ଼ିଥିବା ଚାଷୀଙ୍କ ପ୍ରତିକ୍ରିୟା



" ରାଜ୍ୟ ବାହାରୁ ବେପାରୀ ଆସି କପା କୁଇଣ୍ଟାଲ ପିଛା ୨୬ଶହରୁ ୩ହଜାର ଟଙ୍କାରେ କିଣି ନେଉଥିଲେ। ପରେ ଜିଲାରେ କପାକଳ ଖୋଲିବାରୁ ଆମେ ଖୁସି ଥିଲୁ। କିନ୍ତୁ କପାକଳ ମୁଖ୍ୟ ଅଧିକାରୀ ଦଲାଲଙ୍କ ନିର୍ଦ୍ଦେଶରେ ଚାଲିବା ଯୋଗୁ ଆମେ କ୍ଷତି ସହିଲୁ ଏବଂ କପାଚାଷ ଛାଡ଼ିଦେଲୁ। ଏହାଦ୍ୱାରା କପାକଳ ମଧ ବନ୍ଦ ହୋଇଗଲା। ଉପଯୁକ୍ତ ମୂଲ୍ୟ ମିଳିଲେ ପୁଣି କପାଚାଷ କରିବୁ ଏବଂ କଳ ମଧ ଚାଲିବ।

\- ଅଜିତ କୁମାର ସ୍ୱାଇଁ, ଚାଷୀ, ଉମରକୋଟ



" କପାରୁ ଭଲ ଲାଭ ପାଉଥିଲୁ। କିନ୍ତୁ କଳ ଅଧିକାରୀ ଦଲାଲଙ୍କ ଦ୍ୱାରା ପରିଚାଳିତ ହେବାରୁ ଆମକୁ ଠିକ୍ ମୂଲ୍ୟ ମିଳିଲାନି। ତେଣୁ କପାଚାଷ ଛାଡ଼ିବାକୁ ବାଧହେଲୁ। ଏହାପରେ କପାକଳ ମଧ ବନ୍ଦ ହୋଇଗଲା। ଚାଷୀଙ୍କୁ ଉତ୍ସାହିତ କରାଗଲେ ପୁଣି କପାଚାଷ କରିବୁ। ଏଥିରେ ଅନ୍ୟ ଚାଷୀମାନେ ମଧ କପା ପ୍ରତି ଆଗ୍ରହ ପ୍ରକାଶ କରିବେ। ଏହାଦ୍ୱାରା କପାକଳ ପୁଣି ଚାଲିପାରିବ।

\- ନୃସିଂହନାଥ ସାହୁ, ଚାଷୀ, ଉମରକୋଟ

## ସଂକ୍ଷେପରେ

### ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଡେପୁଟି କମାଣ୍ଡାଣ୍ଟଙ୍କ ମୃତ୍ୟୁ

**ମାଲକାନଗିରି,୧୪।୧୨(ଡି.ଏନ୍.ଏ.):** ଯବାନମାନେ କୋମ୍ବିଂ ଅପରେଶନକୁ ଯାଉଥିବା ବେଳେ ରବିବାର ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କ୍ରିଷ୍ଟାରାମ ଥାନା ଅନ୍ତର୍ଗତ କାଂସାରାମ ନାଳ ନିକଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ବିକାଶ କୁମାର ନାମକ ଜଣେ ଡେପୁଟି କମାଣ୍ଡାଣ୍ଟ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାୟପୁରସ୍ଥିତ ରାମକୃଷ୍ଣ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଏହି ରାସ୍ତାରେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ।

### ଇନ୍‌ଫର୍ମର ସନ୍ଦେହରେ ଜଣକ ଗଳାକାଟି ହତ୍ୟା

**ମାଲକାନଗିରି,୧୪।୧୨(ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ସୀମାନ୍ତ ଆନ୍ଧ୍ରର ବିଶାଖାପାଟଣା ଜିଲା ବାକପଲି ଗ୍ରାମରେ ମାଓବାଦୀମାନେ ଜଣେ ବ୍ୟକ୍ତିଙ୍କୁ ଇନ୍‌ଫର୍ମର ସନ୍ଦେହରେ ରବିବାର ବିଳମ୍ବିତ ରାତିରେ ହତ୍ୟା କରିଛନ୍ତି। ତାଙ୍କ ନାମ ଗେମେଲି କ୍ରିଷ୍ଣା ରାଓ। ମାଓବାଦୀମାନେ ତାଙ୍କୁ ଘରୁ ଡାକି ନେଇ ହତ୍ୟା କରିଥିବା ଜଣାପଡିଛି। ଯିବାବେଳେ ଏକ ଚିଠିରେ କ୍ରିଷ୍ଣାରାଓ ପୋଲିସକୁ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିବାରୁ ତାଙ୍କୁ ଏଭଳି ଦଣ୍ଡ ଦେବାକୁ ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଉଲ୍ଲେଖ ରହିଛି। ଏହି ଚିଠି ସିପିଆଇ ମାଓବାଦୀ, କୋରୁକୋଣ୍ଡା ମାଓବାଦୀ ସଙ୍ଗଠନ ଲେଖିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ କଡ଼ାକଡ଼ି କରାଯାଇଛି।

### ୨ଶହ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

**ଯାଜପୁର ଟାଉନ, ୧୪।୧୨ (ଡି.ଏନ୍.ଏ.):** ଯାଜପୁର ସହର ଭାଗବତପୁର ଗ୍ରାମରୁ ପୋଲିସ ୨ଶହ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ସ୍ଥାନୀୟ ପୋଲିସ ମୋହନ ଜେନା ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା(ନଂ.୪୫୪/୨୦୨୦) ରୁଜୁ କରି ପୋଲିସ ତାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ଦୀର୍ଘଦିନ ଧରି ମୋହନ ଚୋରା ଗଞ୍ଜେଇ କାରବାର କରି ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

## ଘରୁ ସୁନା, ଲକ୍ଷାଧିକ ଟଙ୍କା ଚୋରି

ଡେଲାଙ୍ଗ,୧୪।୧୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ସାଉରିଆ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଦେବାଶିଷ ଚମ୍ପତିଙ୍କ ଘରେ କେତେଜଣ ଦୁର୍ବୃତ୍ତ ପଶି ନଗଦ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି ହୋଇଥିବା ଡେଲାଙ୍ଗ ହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଏ ନେଇ ଡେଲାଙ୍ଗ ଥାନା ପୋଲିସ ପକ୍ଷରୁ ନଂ.୨୨୮/୨୦ ରେ ମାମଲା ରୁଜୁ କରି ସାଇଣ୍ଟିଫକ୍ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ସପରିବାର ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ସୁନା, ନଗଦ ଟଙ୍କା ଓ ମୂଲ୍ୟବାନ କାଗଜପତ୍ର ଲୁଟି ନେଇଛନ୍ତି। ଚୋରୀ ହୋଇଥିବା ସୁନା ଅଳଙ୍କାରରେ ୩୬ଟି ମୁଦି, ୪ଟା ଚେନ୍, ହାର ୧ଟା, ଅଣ୍ଟାସୂତା ୨ହଳ, ମଙ୍ଗଳସୂତ୍ର ୨ଟା, ଲକେଟ୍ ୪ଟା, କାନଫୁଲ ୫ହଳ, ପଲା ୬ଟା ଓ ରୁପାର ପାଉଁଜି ୨ହଳ,ରୁପା ଗିନା ୧ଟା ସହ ୧ଲକ୍ଷ ୫୨ ହଜାର ଟଙ୍କା ସମେତ ଜମିପଟ୍ଟା, ଆଧାରକାର୍ଡ ବ୍ୟାଙ୍କ ପାସ୍ ବୁକ, ଭୋଟ ପରିଚୟପତ୍ର ଚୋରି କରିନେଇଛନ୍ତି। ଭୋରୁ ଦେବାଶିଷ ଶୌଚ ଯିବା ପାଇଁ କବାଟ ଖୋଲିବାକୁ ଚେଷ୍ଟା କରିବା ସତ୍ତ୍ୱେ ନ ବାହାରିବାରୁ ପଡୋଶୀଙ୍କୁ କହିଥିଲେ। ପଡ଼ୋଶୀ ଶିଡିରେ ଚଢ଼ି ଘର ଭିତରେ ପଶି କବାଟ ଖୋଲିବାରୁ ଚୋରି ହୋଇଥିବା ଦେଖି କହିବା ପରେ ଦେବାଶିଷ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୮ ଡକାୟତ ଗିରଫ, କୋର୍ଟଚାଲାଣ

ବୌଦ୍ଧ/ପୁରୁଣାକଟକ, ୧୪।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ଜଣେ କାର ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡଧରଣର ଡକାୟତି ପଣ୍ଡ ହୋଇଛି। ଶେଷରେ ଡକାୟତମାନେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ପୁରୁଣାକଟକ ପୋଲିସ ରବିବାର ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଚାରିଛକରୁ ଏକ ଇନୋଭା କାର ସହ ବନ୍ଧୁକ, ଭୁଜାଲି, ଗୁଳି, ମୁଖା ଆଦି ପୋଲିସ ଜବତ କରିଛି। ୮ଜଣ କୁଖ୍ୟାତ ଡକାୟତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। କାର ଚାଳକ ଜିତେନ୍ଦ୍ର ନାଏକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଡକାୟତମାନଙ୍କୁ ଧରାଯାଇପାରିଛି।

ସୂଚନା ମୁତାବକ ଗତ ଶନିବାର ଏକ ବାହାଘର ଭୋଜି ପାଇଁ ଡ଼କାୟତ ଦଳ ଭୁବନେଶ୍ୱରରୁ ଏକ ଟ୍ରାଭେଲ ଏଜେନ୍ସିରୁ ଇନୋଭା କାର (ଓଡି-୦୨ ବି-୭୧୧୧)କୁ ଭଡା ନେଇ ବଲାଙ୍ଗୀର ବାହାରିଥିଲେ। କିନ୍ତୁ ସେମାନେ ସେଠାରେ କୌଣସି ବାହାଘରକୁ ଯାଇ ନ ଥିଲେ। ଫଳରେ ଗାଡି ଚାଳକ ଜିତେନ୍ଦ୍ରଙ୍କ ସନ୍ଦେହ ହୋଇଥିଲା। ଏହା ସହ ଗାଡିରେ ଏକ ମାଉଜର ଦେଖିବାକୁ ମଧ୍ୟ ପାଇଥିଲେ। ଏନେଇ ଜିତେନ୍ଦ୍ର ବୁଦ୍ଧି ଖଟାଇ ମାଲିକଙ୍କୁ ମୋବାଇଲରୁ କ୍ରାଇମରେ ଫସି ଯାଇଛି ବୋଲି ମ୍ୟାସେଜ କରିବା ସହ ଗାଡିକୁ ଜିପିଆରଏସ୍‌ରେ ଧରିବାକୁ କହିଥିଲେ।

### କାର ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଡକାୟତି ଉଦ୍ୟମ ପଣ୍ଡ



ଇନୋଭା କାର।

କାର ମାଲିକ ଏନେଇ ଗାଡିକୁ ଜିପିଆରଏସରେ ପତ୍ତା କରିବା ସହ ପୋଲିସର ସହାୟତା ନେଇଥିଲେ। ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କରି ଗାଡିକୁ ପିଛା କରାଯାଇଥିଲା। ଗାଡିଟି ବୌଦ୍ଧ ଅତିକ୍ରମ କରିବା ପରେ ପୋଲିସ ଏହାର ପିଛା କରିବା ସହ ପୁରୁଣାକଟକ ପୋଲିସ ସହାୟତାରେ ଚାରିଛକଠାରେ ବାରିକେଡ କରି ଜଗି ରହିଥିଲେ। ଆଗରୁ ପୋଲିସ ଗାଡିର ନମ୍ବର ଜାଣିପାରିଥିବାରୁ ସଙ୍ଗେ ସଙ୍ଗେ ଚାରିଛକଠାରେ ପହଞ୍ଚିବା କ୍ଷଣି ଡକାୟତମାନଙ୍କୁ ଧରିଥିଲା। ଗାଡିରେ ୮ ଜଣ ଡକାୟତ ଥିଲେ। ଗିରଫ ଡକାୟତମାନେ ହେଲେ ଶଙ୍କରଶଙ୍କର ସାହୁ, ସୁରେଶ ଲେଙ୍କା, ସଂଗ୍ରାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାରଣା, ଯୁଧିଷ୍ଠିର ମହାରଣା, ସୁମନ୍ତ ବେହେରା, ଶରତ ଚନ୍ଦ୍ର ମହାରଣା, ପ୍ରତାପ ମହାରଣା। ଏମାନଙ୍କ ଘର ନୟାଗଡ ଜିଲାର ବୋଲି ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋସ୍ନା କାଉଁରୀ ସୂଚନା ଦେଇଛନ୍ତି। ଏନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ. ୧୫୦/୨୦) ରୁଜୁ ହୋଇଛି।

# ଶୀଘ୍ର ଖୋଲିବ ସମଲେଇ ମନ୍ଦିର



ସମ୍ବଲପୁର ସମଲେଇ ମନ୍ଦିର।

ସମ୍ବଲପୁର,୧୪।୧୨(ବ୍ୟୁରୋ)

ସମ୍ବଲପୁରର ସମଲେଇ ମନ୍ଦିର ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି। ସୋମବାର ସନ୍ଧ୍ୟାରେ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହା ସ୍ପଷ୍ଟ ହୋଇଛି। ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇ ନ ଥିଲେ ବି ଖୁବ୍‌ଶୀଘ୍ର ମନ୍ଦିର ଖୋଲିବ ବୋଲି ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ମନ୍ଦିର ଖୋଲିବା ନେଇ ସରକାରଙ୍କ ଏସ୍ଓପିକୁ ଅପେକ୍ଷା କରାଯାଇଛି। ଏହା ସହ ଜିଲା ପ୍ରଶାସନର ଅନୁମତି ନିଆଯିବ। ପ୍ରଥମ ୫ଦିନ ସମ୍ବଲପୁରବାସୀଙ୍କୁ ଦର୍ଶନ କରିବାର ସୁଯୋଗ ଦିଆଯିବ। ପରେ ଅନ୍ୟ ଭକ୍ତଙ୍କ ପାଇଁ ସୁବିଧା କରାଯିବ। ମନ୍ଦିର ପରିସରରେ ଲାଇଟ୍ ଓ ସାଉଣ୍ଡ ଭଳି ଉନ୍ନୟନମୂଳକ କାମ କରାଯାଉଛି। ସେଥିପାଇଁ ମନ୍ଦିର ପରିସରରେ ଗାତ ଖୋଳାଯାଇଛି। ଏହା ଭକ୍ତମାନଙ୍କ ଯିବାଆସିବାରେ ସମସ୍ୟା ସୃଷ୍ଟି କରିବ। ତେଣୁ କିଛିଦିନ ବିଳମ୍ବ ହୋଇପାରେ। କାମ ଶୀଘ୍ର ସାରିବାକୁ ଠିକା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଗାତ ପୋତାଯିବା ପରେ ମନ୍ଦିର ଖୋଲାଯିବ। ଭକ୍ତମାନେ ଯେଉଁଳି କୋଭିଡ୍-୧୯ କଟକଣା ପାଳନ କରି ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରାଯିବ। ଖବର ପ୍ରକାଶ ହେବା ପରେ ଭକ୍ତଙ୍କ ମନରେ ଦର୍ଶନ ନେଇ ଆଶା ସଞ୍ଚାର ହୋଇଛି। ସୂଚନାଯୋଗ୍ୟ ଯେ, କୋଭିଡ୍ କଟକଣା ଯୋଗୁ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା।

- ପ୍ରଥମ ୫ଦିନ ସମ୍ବଲପୁରବାସୀ ଦର୍ଶନ କରିବେ
- ଉନ୍ନୟନ କାମ ସାରିବାକୁ ତାଗିଦ

# ଲାଞ୍ଚ ନେବା ଅଭିଯୋଗରେ ଆର୍‌ଆଇ ଗିରଫ

**କେନ୍ଦ୍ରାପଡ଼ା ଅଫିସ/ରାଜକନିକା, ୧୪।୧୨ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ରାଜକନିକା ତହସିଲ ବରଡିଆ ଆର୍‌ଆଇ ଅନୀତା ତରାଇଙ୍କୁ କଟକ ଭିଜିଲାନ୍ସ ବିଭାଗ ଲାଞ୍ଚ ନେବା ଅଭିଯୋଗରେ ସୋମବାର ଗିରଫ କରିଛନ୍ତି। ତାଙ୍କ ନାମରେ ବିଭାଗୀୟ କେସ୍ ନଂ. ୨୧/୨୦ରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଡିଏସ୍‌ପି ସୁରେନ୍ଦ୍ର ନାଥ ରାୟଗୁରୁ ସୂଚନା ଦେଇଛନ୍ତି, ଏହି ତହସିଲ ଅନ୍ତର୍ଗତ ଗୁଆଳିଗାଁର ସବିତା ମଲ୍ଲିକଙ୍କ ଏକ ଜମିଜମା ମାମଲା ଅଛି। ଏହାର ତଦନ୍ତ ଭାର ଆର୍‌ଆଇ ତରାଇ ନେଇଥିଲେ। ମାମଲାରେ ସପକ୍ଷ ମତ ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଅର୍ଥ ମଧ୍ୟାହ୍ନରେ ଦିଆଯାଉଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ତରାଇ ଧରାପଡିଥିଲେ ବୋଲି ଡିଏସ୍‌ପି ରାୟଗୁରୁ କହିଛନ୍ତି।

# ନିର୍ମାଣାଧୀନ ପୋଲ ଦବିଗଲା

ସମ୍ବଲପୁର,୧୪।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କୟାକୁଦ ପଞ୍ଚାୟତ ଆମ୍ବପାଲ ଜୋରରେ ନିର୍ମାଣାଧୀନ ପୋଲ ସୋମବାର ସନ୍ଧ୍ୟାରେ ଦବିଯାଇଛି। ଫଳରେ ପୋଲ କାମରେ ନିୟୋଜିତ ଶ୍ରମିକ ବର୍ତ୍ତି ଯାଇଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପୋଲ କାମ ଚାଲୁଥିଲା। ପୂର୍ବରୁ ନିମ୍ନମାନର କାମକୁ ନେଇ ଧରିତ୍ରୀରେ ନଭେମ୍ବର ୨ରେ ଖବର ପ୍ରକାଶ ପାଇଥିଲା। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଘଟଣା ପରେ ଆଖପାଖ ଗ୍ରାମବାସୀ ଯାଇ କାମ ବନ୍ଦ କରିଦେଇଛନ୍ତି। ସେମାନେ କହିଛନ୍ତି, ପୂର୍ବରୁ ନିମ୍ନମାନର କାମ ନେଇ ଅଭିଯୋଗ ହୋଇଥିଲା। ହେଲେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଏହାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଆମକୁ ଧମକଚମକ ଦେଉଥିଲେ। ଠିକାଦାର ମଧ ଦୁର୍ବ୍ୟବହାର କରିବା ସହ ଭୟ ସୃଷ୍ଟି କରୁଥିଲେ। ଏବେ ପୋଲର ଛାତ ପକାଯାଉଥିବା ସମୟରେ ଦବି ଯାଇଛି। କେବଳ ପୋଲ ନୁହେଁ, ରାସ୍ତା କାମରେ ମଧ ବ୍ୟାପକ ଅନିୟମିତତା ହୋଇଛି। ରାତିଅଧିଆ କାମ ନ କରି ଦିନରେ ଗ୍ରାମବାସୀଙ୍କ ଉପସ୍ଥିତିରେ କାମ କରିବାକୁ ସେମାନେ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଭଲ ଭାବରେ ସେଣ୍ଟ୍ରିଂ କରି ପୁଣି ଛାତ ପକାଇବାକୁ କହିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ମଧ କାମ ବନ୍ଦ କରି ଦିଆଯାଇଥିଲା। ଏ ସମ୍ପର୍କରେ ଏସ୍‌ଡିଓ ଦୋଳଗୋବିନ୍ଦ ବେହେରା କହିଛନ୍ତି, କାମ ଆରମ୍ଭ ହୋଇଥିଲା। ସେଣ୍ଟ୍ରିଂରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ଦବିଗଲା। କାମ ବନ୍ଦ କରି ଦିଆଯାଇଛି। ମଙ୍ଗଳବାର ଯାଞ୍ଚ କଲାପରେ ପୁଣି କାମ କରାଯିବ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲା ଝୁଝୁମୁରା-ଲାଙ୍ଗବାହାଲ ରାସ୍ତା କାମ ଚାଲିଛି। ପୂର୍ତ୍ତ ବିଭାଗ ପକ୍ଷରୁ ୧୧ କିମି ରାସ୍ତାକୁ ପ୍ରାୟ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ପୋଲ ଓ କଂକ୍ରିଟ ରାସ୍ତା ସାମିଲ ରହିଛି। ଶାନ୍ତି କନଷ୍ଟ୍ରକଶନ୍ ଟେଣ୍ଡର ପାଇ କାମ କରୁଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ଝୁଝୁମୁରା, ଲିପିଣ୍ଡା, କୟାକୁଦ, କେଶପାଲି ପଞ୍ଚାୟତବାସୀଙ୍କ ସମେତ ରେଢାଖୋଲ ବ୍ଲକର ଭାଲିଆକଟା, ମୁଟିବାହାଲ, ରେଙ୍ଗାଲି ବଡମାଲ ଅଞ୍ଚଳବାସୀଙ୍କ ଯାତାୟାତ ସୁଗମ ହେବ।



ସମ୍ବଲପୁର ଆମ୍ବପାଲ ପୋଲ କାମ ଚାଲିଥିବା ବେଳେ ଦବିଯାଇଛି।

- ଅଳ୍ପକେ ବର୍ତ୍ତିଲେ ଶ୍ରମିକ
- କାମ ବନ୍ଦ କଲେ ଗ୍ରାମବାସୀ
- ନିମ୍ନମାନର କାମ ନେଇ ଖବର ପ୍ରକାଶ ପାଇଥିଲା

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖେଳିବାବେଳେ ଅପରେଶନ

**ଭୋପାଳ:** ମଧ୍ୟପ୍ରଦେଶର ଗ୍ୱାଲିଅରର ବିଆଇଏମ୍‌ଆର ହସ୍‌ପିଟାଲରେ ଜଣେ ୯ ବର୍ଷର ବାଳିକା ସୌମ୍ୟାଙ୍କର ମସ୍ତିଷ୍କରେ ଏକ ଟ୍ୟୁମର ଅପରେଶନ କରାଯାଇଛି। ଅପରେଶନ ସମୟରେ ସେ ସିନ୍ଥେସାଇଜର ବଜାଇବାର ଆନନ୍ଦ ନେଉଥିବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ସୌମ୍ୟାଙ୍କୁ ସଚେତ ରଖିବା ନିମନ୍ତେ ତାଙ୍କୁ ଡାକ୍ତରମାନେ ସିନ୍ଥେସାଇଜର ଖେଳିବା ପାଇଁ କହିଥିଲେ। କେବଳ ଅପରେଶନ ହେବାକୁ ଥିବା ସ୍ଥାନରେ ଆନାସ୍ଥେସିଆ ଦିଆଯାଇଥିଲା। ଏହି ଅପରେଶନରେ ବିପଦପୂର୍ଣ୍ଣ ଥିଲା ବୋଲି ଡାକ୍ତରମାନେ ପୂର୍ବରୁ ସୂଚନା ଦେଇଥିଲେ। ପ୍ରାୟ ୨ ଘଣ୍ଟାର ଅପରେଶନ ସଫଳ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# ଆନ୍ଦୋଳନର ଅଧ୍ୟାୟ

**ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ ଏସବୁ ଭାରତ ଐତିହାସିକ ପୃଷ୍ଠଭୂମିର ଲମ୍ବା ଇତିହାସ। ସ୍ୱାଧୀନତା ପୂର୍ବରୁ କ୍ରାନ୍ତିକାରୀମାନେ ବ୍ରିଟିଶ୍ ଶାସନ ବିରୋଧରେ ଆରମ୍ଭ କରିଥିବା ସଂଗ୍ରାମ ଶେଷ ହୋଇଥିଲା ୧୯୪୭ ଅଗଷ୍ଟ ୧୫ରେ। ସ୍ୱାଧୀନତା ପରେ ବି ଏହି ଧାରା ବଳବତ୍ତର ରହିଛି। ନିକଟରେ ନୂତନ କୃଷି ଆଇନକୁ ନେଇ ପଞ୍ଜାବ ଚାଷୀ ଦେଇଥିବା ଯୁଦ୍ଧଂଦେହି ଡାକରା ଥମିବାର ନାଁ ଧରୁନାହିଁ। ବାରମ୍ବାର ଆଲୋଚନା ସତ୍ତ୍ୱେ ଏହାର କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ଏଭଳି ପରିସ୍ଥିତିରେ ସ୍ୱାଧୀନ ଭାରତବାସୀ ଦେଖିଥିବା ଅନେକ ଚର୍ଚ୍ଚିତ ଜନଆନ୍ଦୋଳନର ସ୍ମୃତି ଉଜାଗର ହେଉଛି, ଯାହା ବଦଳାଇ ଦେଇଥିଲା ଦେଶର ରୂପରେଖ।**



### ଜେପି ଆନ୍ଦୋଳନ (୧୯୭୫)

୧୯୭୫ ଜୁନ୍ ୨୫। ଭାରତ ଇତିହାସରେ ଏକ ଅଲିଭା ଫର୍ଦ୍ଦ। ଏହି ଦିନ ମଧ୍ୟରାତ୍ରିରେ ଇନ୍ଦିରା ଗାନ୍ଧୀ ସରକାର ଜାରି କରିଥିଲେ ଜରୁରିକାଳୀନ ପରିସ୍ଥିତି। ଏହାର ପ୍ରତିବାଦରେ ସାରା ଦେଶରେ କଂଗ୍ରେସ ବିରୋଧୀ ହାୱା ପ୍ରବାହିତ ହୋଇଥିଲା। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଲକ୍ଷ ଲକ୍ଷ ଛାତ୍ର ରାସ୍ତାକୁ ଓହ୍ଲାଇଲେ। ଏହି ଆନ୍ଦୋଳନ କଂଗ୍ରେସ ସରକାରକୁ ଦୋହଲାଇ ଦେଇଥିଲା, ଯାହାର ଉଦାହରଣ ଆଜି ବି ଦିଆଯାଏ।

### ସାଇଲେଣ୍ଟ ଭ୍ୟାଲି ପ୍ରୋଟେଷ୍ଟ (୧୯୭୩)

କେରଳ ରାଜ୍ୟ ଅନ୍ତର୍ଗତ ପଲକ୍କଡ୍ ଜିଲାର ସଦାବାହାର ଘାଟି ଏବଂ ଜଙ୍ଗଲକୁ ସୁରକ୍ଷା ଦେବାକୁ ଆରମ୍ଭ ହୋଇଥିଲା ସାଇଲେଣ୍ଟ ଭ୍ୟାଲି ପ୍ରୋଟେଷ୍ଟ। ଏହି ଆନ୍ଦୋଳନରେ ଅନେକ ପ୍ରତିବାଦକାରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ଏକ ବିଦ୍ୟୁତ୍ ପ୍ରକଳ୍ପକୁ ବିରୋଧ କରି ଏହି ଆନ୍ଦୋଳନ ସଂଘଠିତ ହୋଇଥିଲା। ଧୀରେ ଧୀରେ ପ୍ରତିରୋଧ ଏତେ ତୀବ୍ର ହେଲା ଯେ, ବାଧ୍ୟ ହୋଇ ପ୍ରକଳ୍ପ ପରିଯୋଜନାକୁ ବାତିଲ କରିବାକୁ ପଡ଼ିଥିଲା। ଦୀର୍ଘଦିନ ପରେ ବି ପ୍ରକଳ୍ପର ଆଶା ଏବଂ ଆନ୍ଦୋଳନର ତାତି ସମାନ୍ତରାଳ ଭାବେ ଗତି କରୁଛି।

### ଚିପ୍‌କୋ (୧୯୭୩)

ଜଙ୍ଗଲ ସମ୍ପଦ, ବୃକ୍ଷରାଜି ଏବଂ ପରିବେଶକୁ ବଞ୍ଚାଇବା ଲାଗି ଗାନ୍ଧୀବାଦୀ ଚିନ୍ତାଧାରା ଉପରେ ଆରମ୍ଭ ହୋଇଥିଲା ଚିପ୍‌କୋ ଆନ୍ଦୋଳନ। ଏହାକୁ ଦଳମତ ନିର୍ବିଶେଷରେ ଦେଶବ୍ୟାପୀ ସମର୍ଥନ ମିଳିଥିଲା। ସୁନ୍ଦରଲାଲ ବହୁଗୁଣା ଏବଂ ଚାନ୍ଦିନୀ ପ୍ରସାଦ ଭଟ୍ଟଙ୍କ ନେତୃତ୍ୱରେ ଉତ୍ତରପ୍ରଦେଶରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଉକ୍ତ ଆନ୍ଦୋଳନରେ ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେମାନେ ଗଛକୁ କୁଣ୍ଢେଇ ଧରି ନିଆରା ଭାବେ ସୁରକ୍ଷା ଦେଉଥିଲେ।

### ନର୍ମଦା ବଞ୍ଚାଅ (୧୯୮୫)

ଗୁଜରାଟ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ରାଜ୍ୟର ଜୀବନରେଖା ଭାବେ ପରିଚିତ ନର୍ମଦା ନଦୀର ସୁରକ୍ଷା ପାଇଁ ମେଧା ପାଟେକର, ବାବା ଆମ୍‌ତେଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ନର୍ମଦା ବଞ୍ଚାଅ ଆନ୍ଦୋଳନ। ଏଥିରେ ନଦୀ ଅବବାହିକାର ହଜାର ହଜାର ଚାଷୀ, ଆଦିବାସୀ, ମାନବାଧିକାର କର୍ମୀ ଏକଜୁଟ ହୋଇଥିଲେ। ସମୟକ୍ରମେ ଏଥିରେ ସେଲିବ୍ରିଟି ମଧ୍ୟ ଯୋଡ଼ିହେଲେ। ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ସମେତ ଅନ୍ୟ ନଦୀବନ୍ଧକୁ ବିରୋଧ କରି ହଙ୍ଗର ଷ୍ଟ୍ରାଇକ୍, ପ୍ରତୀକାତ୍ମକ ପ୍ରତିବାଦ, ଗଣବିକ୍ଷୋଭ କରାଯାଇଥିଲା। ଫଳରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ବନ୍ଧକାମ ଅଟକାଇ ପ୍ରଥମେ ବିସ୍ଥାପିତଙ୍କ ଥଇଥାନ କଥା ଚିନ୍ତା କରିବାକୁ ପଡ଼ିଥିଲା।

### ଜନଲୋକପାଳ ବିଲ୍ (୨୦୧୧)

ଭ୍ରଷ୍ଟାଚାର ବିରୋଧରେ ଦିଲ୍ଲୀର ଜନ୍ତରମନ୍ତରଠାରେ ସାମାଜିକ କର୍ମୀ ଆନ୍ନା ହାଜାରେଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଜନଲୋକପାଳ ବିଲ୍ ଆନ୍ଦୋଳନ। ଏହାକୁ ଦେଶବ୍ୟାପୀ ମିଳିଥିଲା ଅକୁଣ୍ଠ ସମର୍ଥନ। ପରିସ୍ଥିତି ଏମିତି ହୋଇଥିଲା ଯେ, ଶରଦ ପାୱାରଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲ। ଟାଇମ୍ସ ମାଗାଜିନ ଏହାକୁ ୨୦୧୧ର ପ୍ରମୁଖ ୧୦ ବଡ଼ ଘଟଣାବଳୀ ମଧ୍ୟରେ ସାମିଲ କରିଥିଲା। ଏହି ଆନ୍ଦୋଳନ ଭାରତୀୟ ଗଣତନ୍ତ୍ରକୁ ନୂଆ ଦିଗ ଦେଇଥିଲା।

### ନିର୍ଭୟା (୨୦୧୨-୧୩)

ପାରାମେଡିକାଲ ଛାତ୍ର ନିର୍ଭୟା ଗଣବଳାତ୍କାର ଏବଂ ହତ୍ୟା ଘଟଣା ପରେ ଦେଶବ୍ୟାପୀ ମହିଳାଙ୍କ ସୁରକ୍ଷାକୁ ନେଇ ଆରମ୍ଭ ହୋଇଥିଲା ପ୍ରତିବାଦ। ବଳାତ୍କାର ମାମଲାରେ ସମ୍ପୃକ୍ତ ଦୋଷୀଙ୍କୁ କଠୋରଦଣ୍ଡ, ମହିଳାଙ୍କ ପାଇଁ ସୁସ୍ଥ ବାତାବରଣ ତିଆରି କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ଆନ୍ଦୋଳନ ପରେ ନାରୀ ସୁରକ୍ଷା ସମ୍ପର୍କିତ ନୂଆ ଆଇନ ଆସିଥିଲା। ନିର୍ଭୟା ମାମଲା ତତ୍କାଳୀନ ଦିଲ୍ଲୀ ସରକାର ପତନର କାରଣ ସାଜିଥିଲା।

### ସିଏଏକୁ ବିରୋଧ (୨୦୧୯-୨୦)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ମୋହର ଲାଗିବା ପରେ ଏହାର ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ ହଜାର ହଜାର ଛାତ୍ରୀଛାତ୍ର ଏବଂ ମହିଳା। ଦିଲ୍ଲୀର ସାହିନବାଗ୍‌ରେ ଦୀର୍ଘଦିନ ଧରି ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିଲା। ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ପରେ ବି ଆନ୍ଦୋଳନକାରୀମାନେ ମାନି ନ ଥିଲେ। ପରବର୍ତ୍ତୀ ସମୟରେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି)କୁ ବିରୋଧ କରୁଥିବା ସଙ୍ଗଠନ ଏବଂ ବ୍ୟକ୍ତି ମଧ୍ୟ ଏଥିରେ ଯୋଡ଼ି ହୋଇଥିଲେ। ଦିଲ୍ଲୀରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ପଶ୍ଚିମବଙ୍ଗ ସମେତ ପୂର୍ବ ଭାରତୀୟ ରାଜ୍ୟକୁ ମଧ୍ୟ ବ୍ୟାପୀଥିଲା।

## ୱାର୍କଆଉଟ୍‌ର ଫଟୋ ଶେୟାର କଲେ ଜରିନ୍



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଜରିନ୍ ଖାନ ବେଶ୍ ଲୋକପ୍ରିୟ। ଅଭିନୟ ସହିତ ଷ୍ଟାଇଲକୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବର୍ତ୍ତମାନସୁଦ୍ଧା କୌଣସି ନୂଆ ପ୍ରୋଜେକ୍ଟ ମିଳିଥିବାର ଖୁଲାସା କରିନାହାନ୍ତି। କିନ୍ତୁ ଏବେ ଜରିନ୍ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ଅଛନ୍ତି। ଭିନ୍ନ ଭିନ୍ନ ଫଟୋ ଏବଂ ଭିଡିଓ ପୋଷ୍ଟ କରି ଫ୍ୟାନ୍‌ମାନଙ୍କୁ ଏଣ୍ଟରଟେନ୍ କରୁଛନ୍ତି। ନିକଟରେ ଜରିନ୍‌ଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ସେ ଜିମରେ ୱାର୍କଆଉଟ୍ କରୁଛନ୍ତି। ଏହି ଭିଡିଓକୁ ସେ ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ଭିଡିଓରେ ସେ ବ୍ଲାକ ଟି-ସର୍ଟ ସହ ଗ୍ରେ' କଲର୍ ପ୍ୟାଣ୍ଟ ପିନ୍ଧିଛନ୍ତି। ଏହି ଭିଡିଓକୁ ଫ୍ୟାନ୍‌ମାନେ ଲାଇକ୍ କରିବା ସହ କମେଣ୍ଟ କରିଛନ୍ତି। ଜରିନ୍ ଖାନ୍ ଜଣେ ଏମିତ ଅଭିନେତ୍ରୀ ଯେ, ପ୍ରଥମ ଫିଲ୍ମରୁ ହିଁ ଦର୍ଶକଙ୍କ ହୃଦୟରେ ଖାସ୍ ଜାଗା କରିପାରିଥିଲେ। କାରଣ ସେ ପ୍ରଥମ ଫିଲ୍ମରେ ସଲମାନ୍‌ଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥିଲେ। ତେବେ ଏହା ବକ୍ସ ଅଫିସ୍‌ରେ ସେତେଟା କମାଲ୍ କରିପାରି ନ ଥିଲା। ଏହାପରେ ତାଙ୍କ ହଟ୍ ଅନ୍ଦାଜ୍ ପାଇଁ ଭଲ ଫ୍ୟାନ୍ ଫଲୋଇଙ୍ଗ୍ କରିପାରିଥିଲେ। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ୨୦୧୦ ମସିହାରେ ଜରିନ 'ବୀର' ଫିଲ୍ମରୁ ବଲିଉଡ୍ ଏଣ୍ଟ୍ରି କରିଥିଲେ। ୨୦୧୭ମସିହାରେ 'ଅକସର-୨' ଫିଲ୍ମକୁ ଭଲ ରେସପନ୍ସ ମିଳିଥିଲା। ବଲିଉଡ୍ ସହିତ ଜରିନ୍ ପଞ୍ଜାବୀ ଏବଂ ତେଲୁଗୁ ଫିଲ୍ମରେ ମଧ୍ୟ କାମ କରିଛନ୍ତି।

## ମାସେ କାଳ ଶୁଅନ୍ତି ଗ୍ରାମବାସୀ



**ନୂଆଦିଲ୍ଲୀ:** କାଜାକସ୍ତାନରେ ଏମିତି ଏକ ରହସ୍ୟମୟ ଗାଁ ରହିଛି ଯେଉଁଠି ଲୋକେ ମାସ ମାସ ଧରି ଶୋଇରୁହନ୍ତି। ସେହି ଗାଁର ନାଁ ହେଉଛି 'କଲାଚି'। ଏଠାରେ ଲୋକେ ଶୋଇବା ପାଇଁ ଘରର ଆବଶ୍ୟକ କରନ୍ତି ନାହିଁ। ରାସ୍ତାଘାଟ, ସ୍କୁଲ, କଲେଜ, ଅଫିସ୍ ଯେଉଁଠି ନିଦ ଲାଗିଲା ସେଠାରେ ମାସ ମାସ ଧରି ଶୋଇରୁହନ୍ତି। ପ୍ରଥମେ ୨୦୧୦ରେ କେତେଜଣ ଛାତ୍ରୀଛାତ୍ର ହଠାତ୍ ସ୍କୁଲରେ ଏତେ ସମୟ ଧରି ଶୋଇରହିବା ଘଟଣା ସାମ୍ନାକୁ ଆସିଥିଲା। ପରେ ଏଭଳି ଅଦ୍ଭୁତ ରୋଗ ଗାଁ ଅନେକ ଲୋକଙ୍କଠାରେ ଦେଖାଯାଇଥିଲା। ବୈଜ୍ଞାନିକ ଏବଂ ଡାକ୍ତରମାନେ ଏହି ଗାଁରେ ଲୋକଙ୍କଠାରେ ଶୋଇବାର ରୋଗକୁ ନେଇ ଗବେଷଣା ଜାରି ରଖିଥିଲେ ହେଁ ରୋଗର କରଣ ଜଣାପଡିନାହିଁ। ଏହି କାରଣରୁ ଗାଁ ସ୍ଲିପି ହୋଲୋ ନାମରେ ମଧ୍ୟ ପରିଚିତ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଗାଁରେ ପୂର୍ବରୁ ୟୁରାନିୟମ ଖାଦାନ ରହିଥିଲା। ସେଠାରେ ବିଷାକ୍ତ ରେଡିଏଶନ ମଧ୍ୟ ରହୁଥିଲା। ଏହି ଖାଦାନ ହିଁ ଏଭଳି ରୋଗର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି।

## ଖେଳ ଖବର

## ଦକ୍ଷତା ସହ ଦୃଢ଼ ମାନସିକତା ଜରୁରୀ

**ଭିଭିଏସ ଲକ୍ଷ୍ମଣ**

ଦୀର୍ଘଦିନର ବ୍ରେକ୍ ଏବଂ ସୀମିତ ଓଭର କ୍ରିକେଟ ଆକ୍ସନ ପରେ ଭାରତୀୟ କ୍ରିକେଟ ଦଳ ଗୁରୁବାରଠାରୁ ଆଡିଲେଡ୍ ଓଭାଲଠାରେ ଟେଷ୍ଟ କ୍ରିକେଟ ଖେଳିବାକୁ ଯାଉଛି। ଖ୍ରୀଷ୍ଟଚର୍ଚ୍ଚଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ଖେଳିବାପରେ ଇତିମଧ୍ୟରେ ସାଢ଼େ ୯ ମାସ ବିତି ଯାଇଛି। ଖୁସିର କଥା ହେଲା ଯେ, ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରୁ ଅଧିକାଂଶ ଗତ ୩ ମାସରୁ ଊର୍ଦ୍ଧ୍ୱ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ରିକେଟ ଖେଳି ଆସୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସ୍ଥାନ ପାଇ ନ ଥିବା ଟେଷ୍ଟ ସ୍ପେଶାଲିଷ୍ଟମାନେ ଗତ ୧ ମାସଧରି ଅଷ୍ଟ୍ରେଲିଆରେ ଅଛନ୍ତି। ସେମାନେ ପରିବେଶ ସହିତ ଅଭ୍ୟସ୍ତ ହୋଇ ୨ଟି ୱାର୍ମଅପ୍ ଗେମ୍‌ରେ ଭଲ ଅଭ୍ୟାସ କରିଛନ୍ତି।

ଗତ ଥର ଅଷ୍ଟ୍ରେଲିଆରେ ସିରିଜ ଜିତି ଭାରତ ଆତ୍ମବିଶ୍ୱାସ ବଢ଼ାଇଥିଲା। ମାତ୍ର ଏଥର ବିଦେଶ ମାଟିରେ ପ୍ରଥମଥର ପାଇଁ ପିଙ୍କ୍ ବଲ୍ (ଦିବାରାତ୍ର) ଟେଷ୍ଟ ଖେଳିବାକୁ ଯାଉଥିବାରୁ ଆଡିଲେଡ୍‌ରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଭାରତ ଏକମାତ୍ର ଦିବାରାତ୍ର ଟେଷ୍ଟ ଏକ ବର୍ଷ ପୂର୍ବରୁ କୋଲକାତାରେ ବାଂଲାଦେଶ ବିପକ୍ଷରେ ଖେଳିଥିଲା। ମାତ୍ର ଏବେ ଅଷ୍ଟ୍ରେଲିଆ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହେବ। ଅଷ୍ଟ୍ରେଲିଆରେ ଅଭିଜ୍ଞତା ଏବଂ ଦକ୍ଷତା ପର୍ଯ୍ୟାପ୍ତ ହେବନାହିଁ। ମାନସିକ ଦୃଢ଼ତା ସହିତ ସକାରାତ୍ମକ ହେବାକୁ ପଡ଼ିବ। ଘରୋଇ ଅଷ୍ଟ୍ରେଲିଆ ଦଳ ବେଶ୍ ସନ୍ତୁଳିତ। ତେଣୁ ଭାରତୀୟ ଦଳ ଯେତେଶୀଘ୍ର ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରିବ ସେତେ ଭଲ। ବ୍ୟାଟିଂ ହେଉ କି ବୋଲିଂ ସିରିଜର ପ୍ରଥମ ଦିବସରେ ଭାରତ କିପରି ଆରମ୍ଭ କରୁଛି ତା' ଉପରେ ଅନେକ କିଛି ନିର୍ଭର କରିବ। ଅନ୍ୟ ଦିବସର ଖେଳ ମଧ୍ୟ ସେହି ଅନୁସାରେ ପ୍ରଭାବିତ ହେବ। ପ୍ରଥମ ଟେଷ୍ଟ ପରେ ବିରାଟ କୋହଲି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ତେଣୁ ଟପ୍ ଅର୍ଡରରେ ଲୋକେଶ ରାହୁଲଙ୍କ ପାର୍ଟନର ମୟଙ୍କ ଅଗ୍ରୱାଲଙ୍କୁ ମୁଁ ଟପ୍-୩ରେ ଦେଖିବାକୁ ଚାହେଁ। ରାହୁଲ ଏବେ ଭଲ ଫର୍ମରେ ଅଛନ୍ତି। ଏହା ଏକ ଭିନ୍ନ ଫର୍ମାଟ ହୋଇଥିଲେ ହେଁ ପୂର୍ବରୁ ଅଷ୍ଟ୍ରେଲିଆରେ ସେ ସଫଳତାର ସ୍ୱାଦ ପାଇବାର ଅଭିଜ୍ଞତା ରଖିଛନ୍ତି। ଉଚ୍ଚସ୍ତରର ପେସ୍ ଆକ୍ରମଣ ବିପକ୍ଷରେ ଏକ ଦୃଢ଼ ଏବଂ ସ୍ଥିର ପ୍ରଦର୍ଶନ ଦେବାଭଳି ଓପନିଂ ଯୋଡ଼ି ଆବଶ୍ୟକ। ତେବେ ଟିମ୍ ମ୍ୟାନେଜମେଣ୍ଟର ଯୋଜନାରେ ଏହା ରହିଛି କି ନାହିଁ ସେ ସମ୍ପର୍କରେ ମୁଁ ନିଶ୍ଚିତ ନୁହେଁ।

ଓପନରଙ୍କୁ ନେଇ ଅଷ୍ଟ୍ରେଲିଆ ଚିନ୍ତିତ ଅଛି। ଡେଭିଡ ୱାର୍ନର ପ୍ରଥମ ଟେଷ୍ଟରୁ ଓହରି ଯାଇଛନ୍ତି। ଜୋ ବର୍ନ୍ସ ଫର୍ମରେ ନ ଥିବାବେଳେ ପ୍ରତିଭାସମ୍ପନ୍ନ ୱିଲ୍ ପୁକୋଭସ୍କି କନକସନ ପାଇଁ ବାହାରେ ରହିବେ। ତେଣୁ ଭାରତ ଯଦି ଓପନିଂ ଯୋଡ଼ିଙ୍କୁ ଶୀଘ୍ର ହଟାଇପାରିବ ତେବେ ନୂଆ ବଲ୍‌ରେ ମାର୍ନସ ଲାବୁସ୍କାନ ଏବଂ ଫର୍ମରେ ଥିବା ଷ୍ଟିଭ୍ ସ୍ମିଥ୍‌ଙ୍କୁ ଅସୁବିଧାରେ ପକାଇ ପାରିବ। ଏ ଦୁହେଁ ଅଷ୍ଟ୍ରେଲିଆ ଗେମ୍‌ପ୍ଲାନ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଦୁଇବର୍ଷ ପୂର୍ବେ ଭାରତୀୟ ବୋଲରମାନେ ଅତି ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଏପରି କି ଅଭିଜ୍ଞ ଈଶାନ୍ତ ଶର୍ମାଙ୍କ ଅନୁପସ୍ଥିତିରେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି ଓ ଉମେଶ ଯାଦବ ପ୍ରଭାବୀ ହୋଇପାରିବେ। ଯଦି ରବୀନ୍ଦ୍ର ଜାଡେଜା ଫିଟ୍ ତେବେ ତାଙ୍କୁ ଗୋଟିଏ ପଟରେ ଉପଯୋଗ କରି ଘରୋଇ ଦଳ ଉପରେ ଚାପ ପ୍ରୟୋଗ କରାଯାଇପାରେ। ଆଗାମୀ ମ୍ୟାଚକୁ ମୁଁ ଉତ୍କଣ୍ଠାର ସହ ଅପେକ୍ଷା କରିଛି।

-(ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
PACKAGED DRINKING WATER

## ଓସିଏ ଟି୨୦ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୧୪।୧୨(କ୍ରୀଡ଼ା ପ୍ରତିନିଧି)**

- ପ୍ରଥମ ଦିବସରେ ୧୮ ମ୍ୟାଚ
- କଟକ-ଏ, ରାଉରକେଲା, ନୟାଗଡ଼, ଯାଜପୁର, ସୋନପୁର, ମୟୂରଭଞ୍ଜ, ଭୁବନେଶ୍ୱର-ଏ, କନ୍ଧମାଳ, ଭୁବନେଶ୍ୱର-ବି, ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, ଇକୋର୍ସା, କଟକ-ବି, ଗଞ୍ଜାମ, ଢେଙ୍କାନାଳ, କୋରାପୁଟ ଓ ନବରଙ୍ଗପୁର ବିଜୟୀ
- ପୋଦ୍ଦାର, ଶୁଭ୍ରାଂଶୁ ଟପ୍ ସ୍କୋରର
- ଦିବ୍ୟରଞ୍ଜନ, ରଶ୍ମିରଞ୍ଜନଙ୍କୁ ୫ ଉଇକେଟ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆନ୍ତଃଜିଲା ସିନିୟର ପୁରୁଷ ଟି୨୦ କ୍ରିକେଟ ଲିଗ୍ ଭୁବନେଶ୍ୱର ଓ କଟକର ୯ଟି ଭେନ୍ୟୁରେ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କିଟ୍ ଗ୍ରାଉଣ୍ଡରେ ଏବଂ ସମ୍ପାଦକ ସଞ୍ଜୟ ବେହେରା ବାରବାଟୀ ଷ୍ଟାଡିୟମରେ ଲିଗ୍‌ର ଉଦ୍‌ଘାଟନ କରିଛନ୍ତି। କିଟ୍ ଗ୍ରାଉଣ୍ଡରେ ଏହାର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅକ୍ଷୟ କୁମାର ସାମନ୍ତ ବିଡ଼ାନାସୀ ଗ୍ରାଉଣ୍ଡ, ଯୁଗ୍ମ ସମ୍ପାଦକ ମେହେତାବ ଖାଁ ନିମପୁର ଗ୍ରାଉଣ୍ଡ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ସେଞ୍ଚୁରିଅନ ଗ୍ରାଉଣ୍ଡ, ଆପେକ୍ସ କାଉନ୍ସିଲ ସଦସ୍ୟ ସୁବାଶିଷ ସେନାପତି ରେଭେନ୍ସା ଗ୍ରାଉଣ୍ଡ, ରଶ୍ମିତା ମହାନ୍ତି ଟାଉନ୍ କ୍ଲବ ପଡ଼ିଆ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ବିକାଶ ଗ୍ରାଉଣ୍ଡ ଏବଂ ଡ୍ରିମ୍ସ ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗଦେଇ ଡ୍ରିମ୍ସ କଲେଜ ଗ୍ରାଉଣ୍ଡରେ ପ୍ରତିଯୋଗିତାକୁ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ମୋଟ ୧୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଟକ-ଏ, ରାଉରକେଲା, ନୟାଗଡ଼, ଯାଜପୁର, ସୋନପୁର, ମୟୂରଭଞ୍ଜ, ଭୁବନେଶ୍ୱର-ଏ, ଭୁବନେଶ୍ୱର-ବି, ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼, କନ୍ଧମାଳ, ଇକୋର୍ସା, କଟକ-ବି, ଗଞ୍ଜାମ, ଢେଙ୍କାନାଳ, କୋରାପୁଟ ଓ ନବରଙ୍ଗପୁର ଦଳ ବିଜୟ ହାସଲ କରିଛନ୍ତି। ଡ୍ରିମ୍ସରେ ବାଲେଶ୍ୱର ବିପକ୍ଷରେ ଯାଜପୁର ଏବଂ ଟାଉନ୍ କ୍ଲବ ପଡ଼ିଆରେ ନୂଆପଡ଼ା ବିପକ୍ଷରେ କନ୍ଧମାଳ ୧ ରନରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝରକୁ ୮ ଉଇକେଟରେ କଟକ-ଏ, ଜଗତ୍‌ସିଂହପୁରକୁ ନୟାଗଡ଼ ୮୩ ରନରେ, ପୁରୀକୁ ଭୁବନେଶ୍ୱର-ଏ ୮ ଉଇକେଟରେ, ଝାରସୁଗୁଡ଼ାକୁ ଭୁବନେଶ୍ୱର-ବି ୮ ଉଇକେଟରେ, ବୌଦ୍ଧକୁ ୮୧ ରନରେ ସୁନ୍ଦରଗଡ଼, ଖୋର୍ଦ୍ଧାକୁ ୯୭ ରନରେ ଇକୋର୍ସା, ରାୟଗଡ଼ାକୁ ଖୋର୍ଦ୍ଧା ୧୦ ଉଇକେଟରେ ଏବଂ ଦେବଗଡ଼କୁ ୧୦ ଉଇକେଟରେ ନବରଙ୍ଗପୁର ହରାଇ ବୃହତ୍ ବିଜୟ ହାସଲ କରିଛି। ବ୍ୟକ୍ତିଗତ ପ୍ରଦର୍ଶନ ଦୃଷ୍ଟିରୁ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସୁନ୍ଦରଗଡ଼ର ଗୋବିନ୍ଦ ପୋଦ୍ଦାର ୯୫, କେନ୍ଦୁଝରର ଶୁଭ୍ରାଂଶୁ ସେନାପତି ୭୮, ବାଲେଶ୍ୱରର ସ୍ୱର୍ଣ୍ଣ ସୋମାନି ୬୭, ସମ୍ବଲପୁରର ଆୟୁଷ ନାଏକ ୬୭, ସୁନ୍ଦରଗଡ଼ର ଅଙ୍କିତ୍ ସିଂ ୬୭, ଦୁର୍ଗା ପ୍ରସାଦ ବେହେରା ୬୪, ଢେଙ୍କାନାଳର ସୁନୀଲ କୁମାର ସାହୁ ୬୨, କେନ୍ଦ୍ରାପଡ଼ାର ଗୌରବ ଚୌଧୁରୀ ୬୨ ରନ ସ୍କୋର କରିଥିଲେ। ବୋଲରଙ୍କ ମଧ୍ୟରେ ମୟୂରଭଞ୍ଜର ଦିବ୍ୟରଞ୍ଜନ ସାହୁ, କନ୍ଧମାଳର ରଶ୍ମିରଞ୍ଜନ ସାହୁ ୫ ଉଇକେଟ ସଫଳତା ପାଇଛନ୍ତି।







ଆନ୍ତଃଜିଲା ସିନିୟର ଟି୨୦ କ୍ରିକେଟ ଲିଗ୍‌ର ଶୁଭାରମ୍ଭ ଅବସରରେ ସୋମବାର ବାରବାଟୀ ଷ୍ଟାଡିୟମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ କିଟ୍ ଗ୍ରାଉଣ୍ଡରେ ସଭାପତି ପଙ୍କଜ ଲୋଚନ ମହାନ୍ତି ଖେଳାଳିଙ୍କ ଗହଣରେ।

## ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

**ୱେଲିଂଟନ୍, ୧୪।୧୨ (ଏପି):** ସ୍ଥାନୀୟ ବେସିନ୍ ରିଜର୍ଭଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୧୨ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଥିସହିତ ଦଳ ୨ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଥିବାବେଳେ ବିଶ୍ୱ କ୍ରିକେଟ ଟେଷ୍ଟ ର୍ୟାଙ୍କିଂର ପ୍ରଥମ ସ୍ଥାନରେ ଅଷ୍ଟ୍ରେଲିଆ ସହ ଯୋଗଦେଇଛି। ମ୍ୟାଚ୍‌ରେ ଫଲୋଅନ୍ ହୋଇଥିବା ୱେଷ୍ଟଇଣ୍ଡିଜ ସୋମବାର ଚତୁର୍ଥ ଦିବସରେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪୪/୬ରୁ ଖେଳ ଆରମ୍ଭ କରିଥିଲା। ଦଳ ୩୧୭ ରନରେ ଅଲଆଉଟ ହୋଇଯାଇଥିଲା। ସିରିଜରେ ଦଳର ଗୋଟିଏ ଇନିଂସରେ ସର୍ବୋଚ୍ଚ ସ୍କୋର। ତଥାପି ୱେଷ୍ଟଇଣ୍ଡିଜ ଘରୋଇ ଦଳର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୧୨ରନ ପଛରେ ପଡ଼ିଯାଇଥିଲା। ସୋମବାର ବର୍ଷାଯୋଗୁ ଖେଳ ଆରମ୍ଭରେ ବିଳମ୍ବ ଘଟିଥିଲା। ଭ୍ରମଣକାରୀ ଦଳ ସକାରାତ୍ମକ ମନୋଭାବ ନେଇ ଖେଳ ଆରମ୍ଭ କରିଥିଲା। ଦିନର ଚତୁର୍ଥ ଓଭରରେ ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ବ୍ୟକ୍ତିଗତ ୬୧ରନ କରି ଆଉଟ ହୋଇଥିଲେ। ଏଥିସହିତ ଜୋସୁଆ ଡା' ସିଲ୍‌ଭାଙ୍କ ସହ ତାଙ୍କର ୮୨ରନର ପାର୍ଟନରଶିପ୍‌ର ଅନ୍ତଃ ଘଟିଥିଲା। ହୋଲ୍ଡରଙ୍କୁ ଟିମ୍ ସୌଦି ବୋଲ୍ଡ କରିଦେଇଥିଲେ। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଭାବେ ଅଲ୍‌ଜାରି ଯୋଶେଫ୍ ଆଉଟ ହୋଇଥିଲେ। ସୌଦିଙ୍କ ବୋଲିଂରେ ଲେଗ୍ ସାଇଡ୍‌ରେ ଉଇକେଟକିପର ବି.ଜେ. ୱାଟଲିଂଙ୍କ ଦ୍ୱାରା କ୍ୟାଚ୍ ଆଉଟ ହେବା ପୂର୍ବରୁ ସେ ୨ ଛକା ଓ ୩ ଚୌକା ସହ ଦ୍ରୁତ ୨୪ ରନ କରିଥିଲେ। ମ୍ୟାଚ୍‌ରେ ସୌଦିଙ୍କର ଏହା ଥିଲା ୭ମ ଉଇକେଟ। ଏହି ସଫଳତା ଦ୍ୱାରା ଟେଷ୍ଟରେ ସୌଦିଙ୍କ ଉଇକେଟ ସଂଖ୍ୟା ୨୯୬ରେ ପହଞ୍ଚିଲା। ରିଚାର୍ଡ ହାର୍ଡଲୀ ଓ ଡାନିଏଲ ଭିଟୋରୀଙ୍କ ପରେ ନ୍ୟୁଜିଲାଣ୍ଡର ତୃତୀୟ ଖେଳାଳି ଭାବେ ୩୦୦ ଉଇକେଟ ସଫଳତା ହାସଲ କରିବା ଦିଗରେ ଅଗ୍ରସର ହେଉଛନ୍ତି। ନିଲ୍ ୱାଗ୍‌ନରଙ୍କ ଦ୍ୱାରା ଏଲବି ଡବଲ୍ୟୁ ହେବା ପୂର୍ବରୁ ଉଇକେଟକିପର ଡା' ସିଲ୍‌ଭା ତାଙ୍କ ଟେଷ୍ଟ ପଦାର୍ପଣରେ ୭୭ ବଲ୍‌ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୪୬୦
ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୩୧
ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୩୧୭ (ଜନ୍ କ୍ୟାମ୍ପବେଲ୍-୬୮, ଜାସନ ହୋଲ୍ଡର-୬୧, ଯୋଶୁଆ ଡା' ସିଲ୍‌ଭା-୫୭, ନିଲ୍ ୱାଗନର-୩/୫୪, ଟ୍ରେଣ୍ଟ ବୋଲ୍ଟ-୩/୯୬, କାଇଲ ଜେମିସନ-୨/୪୩, ଟିମ୍ ସୌଦି-୨/୯୬)।
**ପ୍ଲେୟର ଅଫ୍ ଦି ମ୍ୟାଚ**- ହେନ୍‌ରୀ ନିକୋଲ୍ସ, **ପ୍ଲେୟର ଅଫ୍ ସି ସିରିଜ**- କାଇଲ ଜେମିସନ

**୧୫୪ ପଏଣ୍ଟ ବଢ଼ିଲା ସେନସେକ୍ସ**

ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସରେ କାରବାର ବେଶ ଉନ୍ନତ ରହିଛି। ସେନ୍‌ସେକ୍ସ ୧୫୪ ପଏଣ୍ଟ ବଢ଼ିବା ଯୋଗୁ ନୂଆ ରେକର୍ଡ ସ୍ତର ଛୁଇଁଛି। ଆଇସିଆଇସିଆଇ ବ୍ୟାଙ୍କ, ଏଲ୍‌ଆଣ୍ଡଟି ଏବଂ କୋଟାକ ବ୍ୟାଙ୍କ କାରବାର ଉନ୍ନତ ସ୍ତରରେ ରହିଛି। ବିଶ୍ୱ ବଜାରରେ କାରବାର ବଢ଼ିବା ଏବଂ ଭାରତୀୟ ଶେୟାର ବଜାରକୁ ବିଦେଶୀ ପୁଞ୍ଜି ଆଗମନ ଯୋଗୁ ସେନ୍‌ସେକ୍ସ ୧୫୪.୫୪ ପଏଣ୍ଟ ବଢ଼ି ୪୬,୨୫୩ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୪୪.୩୦ ଉର୍ଦ୍ଧ୍ୱରେ ରହି ୧୩,୫୫୮ ସ୍ତର ଛୁଇଁଛି।

# ଟାଟା ହାତକୁ ଆସିପାରେ ଏୟାର ଇଣ୍ଡିଆ




**ନୂଆଦିଲ୍ଲୀ,୧୪।୧୨**

ସରକାର ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ ଲାଗି ପ୍ରକ୍ରିୟା ଜାରି ରଖିଛନ୍ତି। ସୋମବାର ସୁଦ୍ଧା ଏହି ବିମାନ କମ୍ପାନୀ ନିଲାମ ପ୍ରକ୍ରିୟାରେ ଭାଗନେବା ଲାଗି ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ବା ଆଗ୍ରହ ପତ୍ର ଦାଖଲ କରିବାର ସୀମା ଧାର୍ଯ୍ୟ କରାଯାଇଥିଲା। ଏହି ବିମାନ କମ୍ପାନୀ ଲାଗି ଏକାଧିକ ଇଓଆଇ ହସ୍ତଗତ ହୋଇଥିବା ସରକାର ସ୍ପଷ୍ଟ କରିଛନ୍ତି। ଏୟାର ଇଣ୍ଡିଆ ଅଧିଗ୍ରହଣ ଦୌଡ଼ରେ ରହିଥିବା ପ୍ରମୁଖ ଦାବିଦାର ମଧ୍ୟରେ ଟାଟା ଗ୍ରୁପ୍ ଆଗରେ ରହିଛି। ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ ପ୍ରଥମେ ସ୍ଥାପନ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହା ସରକାରଙ୍କ ହେପାଜତକୁ

## ସରକାରଙ୍କୁ ଏକାଧିକ ଇଓଆଇ

ଆସିଛି। ଟାଟା ଗ୍ରୁପ୍ ଏୟାର ଏସିଆ ସହାୟତାରେ ଇଓଆଇ ଦାଖଲ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଏୟାର ଏସିଆ ସହ ମିଳିତ ହୋଇ ଯୌଥ ଉଦ୍ୟୋଗରେ ଟାଟା ଭାରତରେ ବିମାନ ସେବା ଯୋଗାଉଛି।

ଏହାକୁ ବିଚାରକଲେ ଏୟାର ଇଣ୍ଡିଆର ପୁଣି ଥରେ ଘର ବାହୁଡା ହୋଇପାରେ ବୋଲି କୁହାଯାଉଛି। ଟାଟା ଗ୍ରୁପ୍ ବାଦ୍ ଏୟାର ଇଣ୍ଡିଆର ଏକ କର୍ମଚାରୀ ଗୋଷ୍ଠୀ, ନ୍ୟୁୟର୍କରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବ ଏବଂ ମଧ୍ୟ ଏୟାର ଇଣ୍ଡିଆ ଲାଗି ଆଗ୍ରହ ଦେଖାଇଛନ୍ତି। ସ୍ୱାଇସ ଜେଟ୍ ପ୍ରମୋଟର ଅଜୟ ସିଂ ଏହି ଧାରାରେ ସାମିଲ ହେବେ କି ନାହିଁ ସେ ନେଇ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ। ସରକାରଙ୍କ ପକ୍ଷରୁ ଏକ ଟୁଇଟରେ କୁହାଯାଇଛି, ଏୟାର ଇଣ୍ଡିଆ ଘରୋଇକରଣ ଲାଗି ଏକାଧିକ ଆଗ୍ରହ ପତ୍ର ହସ୍ତଗତ ହୋଇଛି। ଏଥିଲାଗି ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି। ଟ୍ରାଞ୍ଜାକଶନ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ରହିଥିବା ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ) ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଟାଟା ଗ୍ରୁପ୍ ଗତ ସପ୍ତାହରେ ଏୟାର ଇଣ୍ଡିଆ ନିଲାମରେ ଭାଗନେବା ଲାଗି ପଦକ୍ଷେପ ନେଇଛି। ବିଡିଂରେ ଟାଟା ଗ୍ରୁପ୍ ସଫଳ ହେଲେ ୫୩ ବର୍ଷରେ ପରେ ପୁଣି ଏୟାର ଇଣ୍ଡିଆ ଟାଟା ଗ୍ରୁପ୍‌କୁ ଫେରିବ। ସରକାର ୨୦୧୮ରେ ଏୟାର ଇଣ୍ଡିଆକୁ ବିକ୍ରି କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଥିଲେ। ହେଲେ ଏଥିଲାଗି କୌଣସି କମ୍ପାନୀ ଆଗ୍ରହ ଦେଖାଇ ନ ଥିଲେ। ମାତ୍ର ଚଳିତ ଥର କିଛି କମ୍ପାନୀ ଏ ନେଇ ଆଗେଇ ଆସିଛନ୍ତି।

## ୧୯୫୩ରେ ଏୟାର ଇଣ୍ଡିଆ ରାଷ୍ଟ୍ରାୟତ୍ତ ହୋଇଥିଲା

୧୯୩୨ରେ ଟାଟା ଗ୍ରୁପ୍ ଟାଟା ଏୟାର ଲାଇନ୍ସ ନାମରେ ଏକ ବିମାନ କମ୍ପାନୀ(ବର୍ତ୍ତମାନର ଏୟାର ଇଣ୍ଡିଆ) ଆରମ୍ଭ କରିଥିଲା। ୧୯୫୩ରେ ଭାରତ ସରକାର ଏହି ବିମାନ କମ୍ପାନୀ ନିଜ ଅଧିକାରୀ କ୍ଷେତ୍ରକୁ ନେଇଥିଲେ। ଗତ ବର୍ଷ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଥିଲେ, ଏୟାର ଇଣ୍ଡିଆ ଘରୋଇକରଣ ନ ହେଲେ ବନ୍ଦ ହୋଇଯିବ। ପୁରୀ ପୁଣି ରବିବାର କହିଛନ୍ତି, ଏୟାର ଇଣ୍ଡିଆର ଘରୋଇକରଣ ଏକ ଗୋପନୀୟ ପ୍ରକ୍ରିୟା।

# ପୋର୍ଟାଲ ଜରିଆରେ ବିଦ୍ୟୁତ୍ ବିଲ୍ ପୈଠ ସୁବିଧା

**ଭୁବନେଶ୍ୱର,୧୪।୧୨:** ରାଜ୍ୟରେ ବିଦ୍ୟୁତ୍ ସେବା କ୍ଷେତ୍ରରେ ଆଉ ଏକ ଉପଭୋକ୍ତା କୈନ୍ଦ୍ରିକ ଗୁଣାତ୍ମକ ସେବାକୁ ସର୍ବସାଧାରଣଙ୍କ ପାଇଁ ସଂଯୋଗ କରାଯାଇଛି। ଏହି ସେବା ଯୋଗାଇଦେବା ପାଇଁ ଓକାକ୍ ସହିତ ରାଜ୍ୟର ପ୍ରମୁଖ ୩ଟି ବିଦ୍ୟୁତ୍ ବିତରଣ ୟୁଟିଲିଟି କମ୍ପାନୀ (ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ) ମଧ୍ୟରେ ରାଜିନାମା ହୋଇଛି। ସୋମବାର ଭୁବନେଶ୍ୱରଠାରେ 'ଓଡ଼ିଶା ୱାନ୍' ନାମରେ ଏକ ୱେବ ପୋର୍ଟାଲ ଜରିଆରେ ଗ୍ରାହକମାନେ

## ବିଦ୍ୟୁତ୍ ବିତରଣ କମ୍ପାନୀ-ଓକାକ ଚୁକ୍ତି

ଅନ୍‌ଲାଇନ ବିଦ୍ୟୁତ୍ ବିଲ୍ ପୈଠ ପାଇଁ ଏକ ଚୁକ୍ତିନାମା କାର୍ଯ୍ୟକାରୀ ହୋଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗ୍ରୀଡ୍‌କୋର ଅଧ୍ୟକ୍ଷ ତଥା ନେସ୍କୋ, ୱେସ୍କୋ ଓ ସାଉଥକୋ ୟୁଟିଲିଟିର ପ୍ରଶାସକ ଡ. ସୌରଭ ଗର୍ଗ ଏବଂ ରାଜ୍ୟ ସୂଚନା ବିଜ୍ଞାନ ସଚିବ ମନୋଜ ମିଶ୍ରଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଥିଲେ, ଗ୍ରାମାଞ୍ଚଳର ଗ୍ରାହକମାନେ ମଧ୍ୟ ପଞ୍ଚାୟତ ସ୍ତରରେ ୯ହଜାରଟି ମୋ ସେବା କେନ୍ଦ୍ର ଜରିଆରେ ଏହି ସେବା ଓ ସୁବିଧାର ଲାଭ ଉଠାଇପାରିବେ। ଫଳରେ ଗ୍ରାହକମାନେ ଉନ୍ନତ ସେବା ଓ ସୁବିଧା ଆଗାମୀ ଦିନରେ ପାଇପାରିବେ । ଏହି ସେବା ଜରିଆରେ ରାଜ୍ୟର ପ୍ରାୟ ୬୩ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ବୋଲି ଜଣାପଡ଼ିଛି।

**DISTRICT OFFICE, SUNDARGARH**
**(Social Welfare Section)**
**TENDER CALL NOTICE**

Sealed tenders are invited from the intending firms for printing and supply of Revised Nua Arunima Handbook and Mo Bikash Patra (Child Assessment Card). The tender documents should reach in the Office of the District Social Welfare Officer, Sundargarh which shall conform to the terms and conditions only by Registered Post/Speed Post on or before 29.12.2020 by 11 A.M. and the tender will be opened and finalized at 12 Noon on the same day.
The details of application form of the tender containing general bid information and terms and conditions available in the district website **www.sundergarh.nic.in** which can be downloaded from 14.12.2020 to 28.12.2020, hoisted vide Notice No. 2565, Dt.14.12.2020 of DSWO, Sundargarh.

By Order of Collector
**Sd./- District Social Welfare Officer, Sundargarh**

**SPOT ADMISSION NOTICE**
**MADHUSUDAN INSTITUTE OF COOPERATIVE MANAGEMENT**
No. CAD-909
**Unit-VIII, Bhubaneswar-751012**
(An Institution of National Council for Co-operative Training, New Delhi, an Autonomous Society promoted by Ministry of Agriculture & Farmers' Welfare)
**Tel: 0674-2562826/ 2561744, Mob: 9178515289**
**MBA 2020-21**

| | |
|---|---|
| *Date of Admission* | 17.12.2020 |
| Reporting & Registration | 10.00 AM to 11.30 PM |
| Merit List Display | 12.30 PM |
| Reporting of selected candidates | 2.30 PM |

**The following modalities will be followed during Spot Admission:**
1. Candidates having valid Rank Card issued by OJEE 2020 shall participate in the Spot Admission.
2. The Candidates who have got final allotment in OJEE 2020 counseling process and have already taken admission in any of the Technical College of the State are not eligible to participate in Govt. College Spot Admission process.
3. OJEE 2020 rules and regulations will be followed during spot admission.
4. The total admission fees is Rs.69,000/-. However, the selected candidates shall have to deposit the Part Course Fees of Rs.20,000/-, Part Admission fee of Rs.5,000/- along with the counseling fee of Rs.450/- on the same day in shape of Demand Draft drawn in favour of Madhusudan Institute of Cooperative Management payable at BHUBANESWAR to confirm his/her allotment. Balance fees Rs.49,000/- has to be deposited online vide NEFT latest by 24th December.
5. The guidelines and eligibility criteria prescribed by the AICTE / Govt. of Odisha / OJEE will be strictly followed for final admission.
6. The Candidates must deposit fees online through NEFT within the 7 (Seven) days of the Admission date.
7. The Candidates are required to bring One Set of Photocopies of all relevant documents along with all Original documents, 2 passport size photographs and 2 stamp size photographs.

**N.B.: Without Demand Draft, OJEE Rank Card, Original CLC/TC, Candidates will not be allowed to participate in Spot Admission.**
OIPR-05004/11/0003/2021 Sd./- DIRECTOR

# ଭିତ୍ତିଭୂମି, ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଥମିକତା ମିଳୁ

**ନୂଆଦିଲ୍ଲୀ,୧୪।୧୨:** ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସରକାର ପ୍ରାଥମିକତା ଦିଅନ୍ତୁ ବୋଲି ଦେଶର ଶିଳ୍ପଜଗତ ନିବେଦନ କରିଛି। ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ପ୍ରାକ୍ ବଜେଟ ବୈଠକ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଦେଶର ଶିଳ୍ପ ଜଗତ ସରକାରଙ୍କୁ ଏଭଳି ନିବେଦନ କରିଥିବା ଜଣାପଡିଛି। କରୋନା ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏହାକୁ ବିଚାରକରି ଆର୍ଥିକ ସୁଧାର ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଶିଳ୍ପ ଏବଂ ଭିତ୍ତିଭୂମିକୁ ଗୁରୁତ୍ୱ ଦିଅନ୍ତୁ ବୋଲି ପ୍ରସ୍ତାବରେ କୁହାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ପ୍ରାକ୍ ବଜେଟ କନ୍‌ସଲଟେଶନ ପ୍ରକ୍ରିୟାରେ ଯୋଗଦେଇଥିଲେ।

ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର ପୁଣି ଥରେ ଏକ ଆର୍ଥିକ ପ୍ୟାକେଜ ଆଣନ୍ତୁ ବୋଲି ଶିଳ୍ପଜଗତ କହିଛି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ କହିଛି ଯେ, ଅଭିବୃଦ୍ଧି, ବିତ୍ତୀୟ ଶୃଙ୍ଖଳା ଏବଂ ଆର୍ଥିକ କ୍ଷେତ୍ରକୁ ଦୃଢ଼ୀକରଣ ଭଳି ୩ ପ୍ରମୁଖ ଦିଗକୁ ବିଚାର କରିପାରିବେ। ଏହା

## ପ୍ରାକ୍ ବଜେଟ ବୈଠକରେ ଶିଳ୍ପ ଜଗତର ପ୍ରସ୍ତାବ

ଦ୍ୱାରା କୋଭିଡ୍-୧୯ ପ୍ରଭାବରୁ ଅର୍ଥ ବ୍ୟବସ୍ଥାକୁ ମୁକୁଳାଯାଇପାରିବ ବୋଲି ସଂଘ ଆଶାବାଦୀ ରହିଛି। ନିଯୁକ୍ତି ସୃଷ୍ଟି ଏବଂ ଘରୋଇ ନିବେଶକୁ ସରକାର ଉତ୍ସାହିତ କରନ୍ତୁ ବୋଲି ସିଆଇଆଇ ସଭାପତି ଉଦୟ କୋଟାକ କହିଛନ୍ତି। ଦେଶର ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଅର୍ଥ ଯୋଗାଣ ଲାଗି ସରକାର ଡେଭଲପମେଣ୍ଟ ଫାଇନାନ୍ସିଆଲ ଇନ୍‌ଷ୍ଟିଚ୍ୟୁଶନ ଗଠନ ନେଇ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଜିଏସ୍‌ଟିକୁ ସରଳ କରିବା ଏବଂ ସ୍ଲାବ୍ ସଂଖ୍ୟା ୩ କୁ ଖସାଇବା ନେଇ ଶିଳ୍ପ ସଂଘ ଫିକି ପ୍ରସ୍ତାବ ଦେଇଛି। ଏଥିରେ ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ, ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି. ସୁବ୍ରମଣ୍ୟନ ଉପସ୍ଥିତ ଥିଲେ। ସେହିଭଳି ଭାରତୀ ଏଣ୍ଟରପ୍ରାଇଜେସ୍‌ର ଉପାଧ୍ୟକ୍ଷ ରାକେଶ ଭାରତୀ ମିତ୍ତଲ,ବାୟୋକନ ଅଧ୍ୟକ୍ଷ କିରନ ମଜୁମଦାର ସ ଏବଂ ଫିକି ଓ ସିଆଇଆଇ ପ୍ରତିନିଧି ଏଥିରେ ଯୋଗଦେଇଥିଲେ।

**GOVERNMENT OF ODISHA** No. A-361
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MAYURBHANJ IRRIGATION DIVISION, BARIPADA**
e-mail: exen.mid@gmail.com, Fax/Tel.: 06792-260442
**"E" PROCUREMENT NOTICE No. 05MBJ/2020-21**

| | | | |
|---|---|---|---|
| 1 | Name of Works | : | Repair and Leak prevention of Head Regulator as mentioned in the website |
| 2 | Total No. of Works | : | 2 (Two) Nos. of Work |
| 3 | Estimated Cost | : | Varies from 9.15 lakh to 9.16 lakh |
| 4 | Class of Contractor | : | 'D' & 'C' and any Specialized Registered Agency having experience in leak proofing work in Head Regulator & Spillway |
| 5 | Period of Completion | : | As mentioned against work |
| 6 | Other details as follows | : | |
| | i. Procurement Officer | : | Executive Engineer, Mayurbhanj Irrigation Division, Baripada |
| | ii. Availability of Tender Online for bidding | : | 16.12.2020 from 10.00 hours to 30.12.2020 upto 17.00 hours |
| | iii. Date, time and place of Opening of Bid | : | On 31.12.2020 at 11.00 hours in the O/o. the Executive Engineer, Mayurbhanj Irrigation Division, Baripada |
| | iv. Date of Transparent Lottery to be condcuted (if required) | : | On Dt.04.01.2021 at 11.00 A.M. |
| 7 | Payment of the works will be made on availability of Fund. | | |
| 8 | Further details can be seen from the 'e' Procurement portal **http://tendersorissa.gov.in**. | | |

**Sd./- Executive Engineer**
**Mayurbhanj Irrigation Division, Baripada**
**OIPR-32158/11/0004/2021**

**OFFICE OF THE DIVISIONAL FOREST OFFICER, BRAHMAPUR DIVISION**
At- Courtpeta, Brahmapur-760004, Tel./FAX-0680-2281354, Mob.-7653908594, E-mail- dfobhmpr@yahoo.co.in
*No. 491/1F-119/2020,* *Dated 14.12.2020*
**Notification**

**No. MM-105:-** This is for the information of all concerned that the following Forest Roads of Brahmapur Forest Division in the District of Ganjam will remain closed to traffic on **30th December, 2020** from Zero Hour to 24 Hours in accordance with the Rule 284 of the Odisha Forest Department Code, 1979. The movement of traffic on the date and time as specified above will be in violation of Section 26 of Odisha Forest Act, 1972 and hence will be liable for prosecution.

| Sl. No. | Name of the Forest Road | Name of the Range | Length (in Kms.) |
|---|---|---|---|
| 1 | Khandalabandha to Bhaliaguda | Brahmapur | 3.2 |
| 2 | Ramaguda to Baradhangidi | Brahmapur | 2.0 |
| 3 | Kamarada to Haripur | Digapahandi | 2.0 |
| 4 | Burubandha to Mahulpada | Digapahandi | 5.0 |
| 5 | PWD Road to Central Nursery, Digapahandi | Digapahandi | 1.0 |
| 6 | PWD Road to Central Nursery, K. Nuagaon | Digapahandi | 0.6 |
| 7 | Narayani to Panikhol | Khallikote | 1.0 |
| 8 | Jarada to Hukuma | Samantiapalli | 13.0 |
| 9 | Turubudi to Jhagadapalli | Samantiapalli | 4.0 |
| | **Total:** | | **31.8** |

**Sd./- (Amlan Nayak)**
**Divisional Forest Officer, Brahmapur Division**
OIPR-08038/11/0005/2021

# ଉତ୍କଳ ହ୍ୟୁଣ୍ଡାଇରେ ସ୍ମାର୍ଟ କାର୍ କେୟାର କ୍ଲିନିକ



**ଭୁବନେଶ୍ୱର,୧୪।୧୨:** ଉତ୍କଳ ହ୍ୟୁଣ୍ଡାଇ ପକ୍ଷରୁ ଏହାର ପାହାଳ ସ୍ଥିତ ଡିଲରଶିପରେ ସ୍ମାର୍ଟ କାର୍ କେୟାର କ୍ଲିନିକ ଶୁଭାରମ୍ଭ ହୋଇଛି। ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମାନା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ୫ ବର୍ଷରୁ ଉର୍ଦ୍ଧ୍ୱ ଯାନର ମେକାନିକାଲ କାମ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହାବାଦ ଅନ୍ୟ ସେବା ଏହି ଅବସରରେ ଗ୍ରାହକ ଲାଭ କରିପାରିବେ। ୨୩ ଡିସେମ୍ବର ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିବ ବୋଲି ଶୋ'ରୁମ୍‌ର ଗ୍ରାହକ ସେବା ଅଧିକାରୀ ପ୍ରଫୁଲ୍ଲ ସାହୁ ସୂଚନା ଦେଇଛନ୍ତି।

No. O-711 **e-Procurement Notice for Road & Building Works**
**Identification No. Online - 06/RWD-II/KJR of 2020-21**

1. Name of the Work : Road & Building Works
2. Total No. of Works : 29 Nos.
3. Estimated Cost : Approx. Estiamted Cost of Rs.1.00 to 20.00 lakhs
4. Class of Contractor : D & C Class as per eligibility criteria
5. Period of Completion : 1 to 2 Calendar months as per financial eligibility
6. Other details : The bidders shall transfer online the cost of bid document as specified in the Col 7 of Annexure and EMD/Bid Security @ 1% of the Estimated Cost put to tender.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender in O/o. EE RW Divn.-II, Keonjhar |
|---|---|---|---|---|---|
| | | From | To | | |
| Executive Engineer, R.W. Division-II, Keonjhar | 06 of 2020-21 | 16.12.2020 at 11.00 A.M. | 22.12.2020 upto 5.00 P.M. | 21.12.2020 upto 5.00 P.M. | 23.12.2020 at 11.00 A.M. |

Further details can be seen from the website: **www.tendersorissa.gov.in**.
**Sd./- Executive Engineer, R.W. Division-II, Keonjhar**
**OIPR-25093/11/0007/2021**

# ଗୁଗଲର ବିଭିନ୍ନ ସେବା ବାଧାପ୍ରାପ୍ତ

**ନୂଆଦିଲ୍ଲୀ,୧୪।୧୨:** ସର୍ଚ୍ଚ ଇଞ୍ଜିନ ଗୁଗଲର ଇ-ମେଲ୍ ସମେତ ଜି-ମେଲ୍ ସହ ଅନ୍ୟ ବିଭିନ୍ନ ସେବା ସୋମବାର ଅପରାହ୍ନରେ ବାଧାପ୍ରାପ୍ତ ହୋଇଛି। କେଉଁ କାରଣ ଯୋଗୁ ସେବାରେ ବାଧା ଆସିଲା ସେ ନେଇ କମ୍ପାନୀ କିଛି ସ୍ପଷ୍ଟ କରିନାହିଁ। ଅଗଷ୍ଟ ମାସରେ ମଧ୍ୟ ଗୁଗଲ ସେବା ଲାଭ କରିବାରେ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରିଥିଲେ। କିଛି ଉପଭୋକ୍ତାଙ୍କ ଲାଗି ସେବାକୁ ପୁଣି ଥରେ ଆରମ୍ଭ କରାଯାଇଥିବା ସନ୍ଧ୍ୟା ୬ଟା୧୭ ମିନିଟ ସମୟରେ ଗୁଗଲ ପକ୍ଷରୁ ଗୁଗଲ ୱାର୍କସ୍ପେସ୍ ଷ୍ଟେଟସ ଡ୍ୟାସ୍‌ବୋର୍ଡ ସୂଚନା ଦିଆଯାଇଥିଲା। ସବୁ ଉପଭୋକ୍ତାଙ୍କ ଲାଗି ସେବାକୁ ପୁଣି ଥରେ ଶୀଘ୍ର ସ୍ୱାଭାବିକ କରିବା ନେଇ ଆଶାବାଦୀ ବୋଲି କମ୍ପାନୀ ସ୍ପଷ୍ଟ କରିଥିଲା। ସନ୍ଧ୍ୟା ୫ଟା ୨୫ରେ ଇ-ମେଲ୍ ସେବା ଜିସୁଟର ମୁଖ୍ୟ ପୃଷ୍ଠାରେ ଲେଖାଯାଇଥିଲା ଯେ, ଜିମେଲ୍ ସେବା ବାଧାପ୍ରାପ୍ତ ହେବା ଯୋଗୁ ଉପଭୋକ୍ତାଙ୍କୁ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡିଛି। ଗୁଗଲର ଅନ୍ୟ ସେବା ଯଥା ଗୁଗଲ କ୍ୟାଲେଣ୍ଡର, ଗୁଗଲ ଡ୍ରାଇଭ, ଗୁଗଲ ଡକ୍ସ, ଗୁଗଲ ମିଟ୍ ମଧ୍ୟ ପ୍ରଭାବିତ ହୋଇଛି। ଗୁଗଲର ଜିମେଲ ଏବଂ ୟୁଟ୍ୟୁବ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଥିବା ନଜରକୁ ଆସିଛି। ଲୋକମାନେ ଏହାକୁ ନେଇ ଟୁଇଟରେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ସର୍ବୋଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି



**ନୂଆଦିଲ୍ଲୀ,୧୪।୧୨:** ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ)୯ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ନଭେମ୍ବରରେ ଏହା ୧.୫୫% ସ୍ତର ଛୁଇଁଛି। ମାନୁଫାକ୍ଚର ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହି ସମୟରେ ଖାଦ୍ୟ ସାମଗ୍ରୀ ଦରଦାମ ସ୍ୱାଭାବିକ ରହିଛି। ଚଳିତ ବର୍ଷ ଅକ୍ଟୋବରେ ଡବ୍ଲ୍ୟୁପିଆଇ ୧.୪୮% ସ୍ତରରେ ରହିଥିଲା। ଗତ ବର୍ଷ ନଭେମ୍ବରରେ ଏହା ୦.୫୮%ରେ ଥିଲା। ଫେବୃୟାରୀ ପରଠାରୁ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତର ରହିଛି। ଫେବୃୟାରୀରେ ଏହା ୨.୨୬% ସ୍ତରରେ ରହିଥିଲା। ନଭେମ୍ବର ମାସରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୩.୯୪% ସ୍ତରରେ ରହିଛି। ଏହା ଅକ୍ଟୋବର ମାସରେ ୬.୩୭% ସ୍ତରରେ ରହିଥିଲା।

## ଖୁଚୁରା ମୁଦ୍ରାସ୍ଫୀତି ୬.୯୩%

ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୬.୯୩% ସ୍ତରକୁ ଖସିଛି। ଖାଦ୍ୟ ସାମଗ୍ରୀ ଦର କମିବାରୁ ଖୁଚୁରା ମୁଦ୍ରାସ୍ଫୀତିରେ ସାମାନ୍ୟ ହ୍ରାସ ହୋଇଛି। ହେଲେ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟଠାରୁ ଏହା ଉର୍ଦ୍ଧ୍ୱରେ ରହିଥିବା ଜଣାପଡିଛି। ଅକ୍ଟୋବର ମାସରେ ଖାଉଟି ମୂଲ୍ୟସୂଚୀ (ସିପିଆଇ)ଭିତ୍ତିକ ମୁଦ୍ରାସ୍ଫୀତି ୭.୬୧% ସ୍ତରରେ ରହିଥିଲା। ସରକାର ସୋମବାର ଜାରିକରିଥିବା ସିପିଆଇ ଡାଟା ମୁତାବକ ଖାଦ୍ୟ ସାମଗ୍ରୀ ବାସ୍କେଟରେ ମୁଦ୍ରାସ୍ଫୀତି ନଭେମ୍ବର ମାସରେ ୯.୪୩% ସ୍ତରରେ ରହିଛି। ଅକ୍ଟୋବର ତୁଳନାରେ ଏହା ୧୧% ନିମ୍ନକୁ ଖସିଛି।

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ବିଭାଜନ, ନୂଆପଡ଼ା**
**ବିଜ୍ଞାପନ**

No. XVIII-01:- ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ନୂଆପଡ଼ା ଅଧୀନରେ କୋମନା ତହସିଲ ଅନ୍ତର୍ଗତ କୁରେଶ୍ୱର ମୌଜାରେ ୧୩ ଗୋଟି ପ୍ଲଟର (ବେଲଘାଟ ନଦୀ ଉପରେ ନିର୍ମିତ ହେଉଥିବା ସୁଉଚ୍ଚ ସେତୁ (କୁରେଶ୍ୱର – ଭରତପଡ଼ା ରାସ୍ତା) ଏବଂ ଏହାର ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ସଂଯୁକ୍ତ ରାସ୍ତା ନିମନ୍ତେ) ଜମି ଅଧିଗ୍ରହଣ କରାଯାଉଅଛି । ଏହି ଜମିର ହିତାଧିକାରୀମାନଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଯାଇଅଛି । ଏହି ହିତାଧିକାରୀ ତାଲିକାରେ ଯଦି କାହାର କିଛି ଅଭିଯୋଗ ଥାଏ, ତେବେ ତାହା ଏହି ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୧୦.୧୨.୨୦୨୦ ତାରିଖ କିମ୍ବା ପୂର୍ବରୁ ଲିଖିତ ଆକାରରେ ଜଣାଇଲେ ତାହା ବିଚାରଯୋଗ୍ୟ ହେବ, ନଚେତ୍ ନିମ୍ନ ହିତାଧିକାରୀମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ପ୍ରାପ୍ୟ ପ୍ରଦାନ କରାଯିବ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଏଥି ସହିତ ହିତାଧିକାରୀମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନଙ୍କର ଜମିର ବିକ୍ରି କବଲା କରିବା ନିମନ୍ତେ ନିମ୍ନପ୍ରଦତ୍ତ କାଗଜାତ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ନୂଆପଡ଼ାଙ୍କ କାର୍ଯ୍ୟାଳୟରେ ୧୫.୧୨.୨୦୨୦ ତାରିଖ ସୁଦ୍ଧା ଦାଖଲ କରନ୍ତୁ ।

୧. ଜମି ପଟ୍ଟା ଏବଂ ହାଲ୍ ପାଉତିର କପି ।
୨. ତା୧୫.୧୨.୨୦୨୦ରିଖ ସୁଦ୍ଧା ଜମି ମାଲିକାନା ସ୍ୱତ୍ୱ ପ୍ରମାଣପତ୍ର (E.C.) ।
୩. ପାନ୍ କାର୍ଡ଼ର କପି ତଥା ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣ ସମ୍ବନ୍ଧୀୟ କାଗଜପତ୍ର ଯଦି ଥାଏ ।
୪. ଜମି ମାଲିକଙ୍କ ଫଟୋ ପରିଚୟ ପତ୍ର ।
୫. ୨ ଗୋଟି ଜମି ମାଲିକଙ୍କ ରଙ୍ଗିନ ପାସ୍‌ପୋର୍ଟ ସାଇଜ୍ ଫଟୋ ।
୬. ବ୍ୟାଙ୍କ ପାସ୍ ବହିର ପ୍ରଥମ ପୃଷ୍ଠାର ନକଲ କପି ।
୭. ତଫସିଲଭୁକ୍ତ ଜାତି/ଜନଜାତି ବର୍ଗ ଜମିକୁ ସାଧାରଣ ବର୍ଗକୁ ବିକ୍ରୟ ନିମନ୍ତେ ରାଜସ୍ୱ ଅଧିକାରୀ ତଥା ଉପ-ଜିଲ୍ଲାପାଳଙ୍କ ଅନୁମତି ପତ୍ର ।

| କ୍ର. ନଂ. | ଖତିୟାନର କ୍ରମିକ ନଂ. | ପ୍ଲଟ ନମ୍ବର | କିସମ | ମୋଟ ରକବା | କ୍ରୟ ପ୍ରସ୍ତାବିତ ରକବା | ଜମି ମାଲିକଙ୍କ ନାମ: ନାମ | ଜମି ମାଲିକଙ୍କ ନାମ: ପିତା/ସ୍ୱାମୀଙ୍କ ନାମ |
|---|---|---|---|---|---|---|---|
| ୧ | ୩୩୧ | ୨୪୪୨ | ଆଟ | ୦.୩୮ | ୦.୧୨ | ହୀରା ଆଡ଼ବଙ୍ଗ | ସ୍ୱା– ଅର୍ଜୁନ ଆଡ଼ବଙ୍ଗ, ଜା– ହରିଜନ, ବା– ନିଜଗାଁ |
| ୨ | ୩୩୧ | ୨୪୪୨ | ରାସ୍ତା | ୦.୦୬ | ୦.୦୬ | | |
| ୩ | ୨୪୬ | ୧୧୪୭ | ଆଟ | ୦.୮୮ | ୦.୧୪ | ମଙ୍ଗଲୁ ଦୀପ | ପିତା– ବୁଧୁ ଦୀପ, ଜା– ହରିଜନ, ବା– ନିଜଗାଁ |
| ୪ | ୨୧୪ | ୧୨୩୦ | ମାଳ | ୦.୧୯ | ୦.୦୭ | ବଲି କୁଲଦୀପ | ପିତା– ହଜାରୁ କୁଲଦୀପ, ଜା– ହରିଜନ, ବା– ନିଜଗାଁ |
| ୫ | ୨୧୪ | ୧୨୩୧ | ଆଟ | ୦.୧୪ | ୦.୦୫ | | |
| ୬ | ୧୪୧ | ୧୨୩୬ | ଆଟ | ୦.୬୧ | ୦.୦୨ | ଦେବ ମାଝୀ | ପିତା– ବୁଧୁ ମାଝି, ଜା– ଗଣ୍ଡ, ବା– ନିଜଗାଁ |
| ୭ | ୧୩ | ୧୪୨୮ | ଆଟ | ୦.୨୫ | ୦.୦୮ | ଅମର ସଗରିଆ | ପିତା– ମେହେର ସଗରିଆ, ଜା–ହରିଜନ, ବା– ନିଜଗାଁ |
| ୮ | ୧୩ | ୧୪୨୯ | ଜ.ଏ.ଫ. | ୦.୨୪ | ୦.୦୮ | | |
| ୯ | ୨୧୯ | ୧୪୩୦ | ଜ.ଏ.ଫ. | ୦.୩୬ | ୦.୨୨ | ବିହାରୀଲାଲ ସାହୁ | ପିତା– ବାଞ୍ଛାନିଧି ସାହୁ, ଜା– ତେଲି, ବା– ନିଜଗାଁ |
| ୧୦ | ୨୫୭ | ୧୪୫୨ | ଜ.ଦୋ.ଫ. | ୦.୧୬ | ୦.୦୮ | ମାନଭଞ୍ଜନ ପାଣିଗ୍ରାହୀ | ପିତା– ପ୍ରଭାସ ପାଣିଗ୍ରାହୀ, ଜା– ବ୍ରାହ୍ମଣ, ବା– ନିଜଗାଁ |
| ୧୧ | ୨୩୪ | ୧୪୫୧ | ଜ.ଏ.ଫ. | ୧.୨୫ | ୦.୦୪ | ଭିକା ସଗରିଆ | ପିତା– ମନୁ ସଗରିଆ, ଜା– ହରିଜନ, ବା– ନିଜଗାଁ |
| ୧୨ | ୨୫୩ | ୧୪୨୪ | ରାସ୍ତା | ୦.୦୯ | ୦.୦୯ | ମନୋରଞ୍ଜନ ପାଣିଗ୍ରାହୀ | ପିତା– ପ୍ରଭାସ ପାଣିଗ୍ରାହୀ, ଜା– ବ୍ରାହ୍ମଣ, ବା– ନିଜଗାଁ |
| ୧୩ | ୨୫୩ | ୧୪୧୯ | ଜ.ଏ.ଫ. | ୦.୧୬ | ୦.୦୨ | | |
| ୧୪ | ୧୯୨ | ୧୭୩୫ | ଜ.ଦୋ.ଫ. | ୧.୧୦ | ୦.୦୫ | ପ୍ରହ୍ଲାଦ ସୁନାନୀ | ପିତା– ଭାଗୀରଥି ସୁନାନୀ, ଜା– ହରିଜନ, ବା– ନିଜଗାଁ |
| ୧୫ | ୧୯୨ | ୧୭୩୭ | ଜ.ଦୋ.ଫ. | ୦.୧୫ | ୦.୧୫ | | |
| ୧୬ | ୨୦୦ | ୧୪୬୨ | ରାସ୍ତା | ୦.୧୨ | ୦.୧୨ | ପ୍ରେମଲତା ପାଣିଗ୍ରାହୀ | ପିତା– ମଉଳି ଚରଣ ପାଣିଗ୍ରାହୀ, ଜା– ବ୍ରାହ୍ମଣ, ବା– ନିଜଗାଁ |
| ୧୭ | ୩୩୮ / ୩୬୨ | ୨୫୮ | ଜ.ଦୋ.ଫ. | ୦.୩୦ | ୦.୦୨ | ମୋହନ କାଣ୍ଡ | ପିତା– କାଶୀ କାଣ୍ଡ, ଜା– ଗଉଡ଼, ବା– ନିଜଗାଁ |

ମୋଟ ୧୩ ଗୋଟି ଖାତାରୁ ୧୭ ଗୋଟି ପ୍ଲଟ୍‌ରୁ ମୋଟ ଜମି ରକବା ଏ.୧.୪୧ ଡ଼ି. ଜମି ସେତୁ ସଂଲଗ୍ନ ରାସ୍ତା ନିର୍ମାଣ ନିମନ୍ତେ କ୍ରୟ କରାଯିବ।
OIPR-25050/14/0007/2021
**ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ନୂଆପଡ଼ା**

**OFFICE OF THE PANCHAYAT SAMITI, CHITRAKONDA**
**No. 2458/2020** **Date: 14.12.2020**
**QUOTATION CALL NOTICE**

Quotations are invited from the intending and authorized suppliers having valid GST and registration number to supply the following type of multi activity play items as per the specification mentioned below.

| Sl. No. | Item for Supply | Nos. | Rate |
|---|---|---|---|
| 01 | Multi activity play station (Product area W-9'00"Ft, L-8'00"Ft.) | 1 | 33942.00 |
| 02 | 4 Seater See Saw | 1 | 26321.00 |
| 03 | Merry Go Round 4 Seater (Dia 6'00" Ft.) | 1 | 41562.00 |
| 04 | Circular Climber (Product Diameter 6'00" Ft., Height 7'00" Ft. | 1 | 43610.00 |
| 05 | Swing 2 Seater FRP (Product Area (L × H) (10'00" × 7'00" × 4'00" Ft.) | 1 | 26220.00 |
| 06 | Salter hanging Weighing Scale | 1 | 4000.00 |
| 07 | Digital Weighing Machine (Upto 130 Kg. Load) | 1 | 4000.00 |
| 08 | Green Chalk Board (4'00" × 3'00" Ft.) | 1 | 1080.00 |
| 09 | Chalk Board Duster | 2 | 72.00 |
| 10 | Roll play Set Kits (Hospital, Bank, School, Kitchen, Shops etc.) 0 to 6 years | 6 | 3000.00 |
| 11 | Lego, Mechanical Block Sets (Small) each 2 Sets | 4 | 2400.00 |
| 12 | Alphabet Sets (English, Odia, Numbers E1047, E1048) each 2 Sets | 6 | 22800.00 |
| 13 | Fruit & Vegetable Set (Plastic Toys) each 2 Sets | 4 | 1600.00 |
| 14 | Animal Farm Sets (Toys for 0 - 6 Year Children) | 2 | 1000.00 |
| 15 | Big G.I. Trunk Box (4×2.5×2.5) Fts. | 1 | 2500.00 |
| 16 | Tata Swachh Water Filter (27 Litres) | 1 | 3000.00 |
| 17 | Plates (Steel) 12.5 inch Diametre | 25 | 3000.00 |
| 18 | Glasses (Steel) 400 ML | 25 | 2500.00 |
| 19 | Chair for Office Purpose (Plastic) 61 × 58 × 83 CM | 2 | 800.00 |
| 20 | Dustbin (Plastic) 6 Ltrs. | 3 | 1800.00 |
| | Sub Total | | 225207.00 |
| | Installation | | 25000.00 |
| | Grand Total | | 250207.00 |

The quotations should be submitted by quoting the rate of the article and delivery charges to the Office of the undersigned latest by 22.12.2020 within office hours. Further the firm should make door step delivery.

**Sd./- Block Development Officer**
**Chitrakonda**

# କୋଲାବ ଜଳଭଣ୍ଡାରରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ

**ସୁନାବେଡା, ୧୪।୧୨(ସ୍ୱ.ପ୍ର.):** ମାଲକାନଗିରି ଜିଲା ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସେମିଳିଗୁଡା ହନୁମାନ ନଗର ନିକଟସ୍ଥ କୋଲାବ ଜଳଭଣ୍ଡାରରେ ବୁଡ଼ି ୨ଜଣ ନାବାଳକଙ୍କ ସୋମବାର ମୃତ୍ୟୁ ହୋଇଛି। ସେମାନେ ହେଲେ ନୟାଗଡ ଅଞ୍ଚଳର ପ୍ରଭାତ କୁମାର ଦଳାଇଙ୍କ ପୁଅ ଶୁଭ୍ରାଂଶୁ (୧୬) ଏବଂ ରାଉରକେଲାର ରଞ୍ଜନ କୁମାର ବେହେରାଙ୍କ ପୁଅ ଆଶିଷ(୧୩)। ସେମିଳିଗୁଡା ହନୁମାନ ନଗର ବାସିନ୍ଦା ରାମଚନ୍ଦ୍ର ନାୟକଙ୍କ ପୁଅ ଉମାକାନ୍ତଙ୍କର ବାହାଘର ଭୋଜି ଥିଲା। ଏଥିରେ ଯୋଗ ଦେବାକୁ ତାଙ୍କ ସମ୍ପର୍କୀୟମାନେ ସେମିଳିଗୁଡା ଆସିଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ଶୁଭ୍ରାଂଶୁ ଓ ଆଶିଷ କୋଲାବ ଜଳଭଣ୍ଡାର ନିକଟରେ ଖେଳୁଥିବା ବେଳେ ହଠାତ ଜଣେ ପାଣି ଭିତରକୁ ଖସି ପଡିଥିଲେ। ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ପାଣିକୁ ଖସିପଡିଥିଲେ। ଫଳରେ ଉଭୟେ ବୁଡିଯିବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ସେମିଳିଗୁଡା ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଖୋଜାଖୋଜି କରି ପାଇଥିଲେ। ଉଭୟଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ଘରେ ପଶି ମହିଳାଙ୍କୁ ହତ୍ୟା

- ଲୁଟିନେଲେ ସୁନାଗହଣା
- ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମ ତଳସାହିର ଜଣେ ମହିଳାଙ୍କୁ ସୋମବାର ଅପରାହ୍ନରେ ଘରେ ପଶି ହତ୍ୟା କରାଯାଇଛି। ମହିଳା ଜଣକ ହେଲେ କେଦାର ବେହେରାଙ୍କ ସ୍ତ୍ରୀ ସୁଜାତା। ପରିବାର ଲୋକେ ଧାନ କାଟିବାକୁ ଯାଇଥିବା ବେଳେ ସୁଜାତା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଘରେ ପଶି ତାଙ୍କୁ ନିସ୍ଥୁକ ମାଡ଼ ମାରିବା ପରେ ସମସ୍ତ ସୁନାଗହଣା ଲୁଟି ଫେରାର୍ ହୋଇଯାଇଥିଲେ। ପରିବାର ଲୋକେ ଫେରିବା ପରେ ସୁଜାତା ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିବା ବେଳେ ବିଭିନ୍ନ ସ୍ଥାନରେ କାମୁଡ଼ା ଚିହ୍ନ ରହିଥିଲା। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, କେ.ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ ଓ ସନ୍ଧାନି କୁକୁର ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଛନ୍ତି। ମଙ୍ଗଳବାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଆଇଆଇସି କହିଛନ୍ତି।

# ୮ରୁ ଊର୍ଦ୍ଧ୍ୱ ଚନ୍ଦନଗଛ ଚୋରି



ବନ ବିଭାଗ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ସାହି ଲୋକଙ୍କୁ ତାଲାପକାଇ ଗଛ କାଟିନେଲେ

**ଉମରକୋଟ,୧୪।୧୨(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଗୋଟିଗୁଡ଼ା(୨ନଂ. ୱାର୍ଡ)ଅଞ୍ଚଳରୁ ରବିବାର ରାତିରେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ଚନ୍ଦନଗଛ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସାହିର ଯୁବଗୋଷ୍ଠୀଙ୍କ ପ୍ରଚେଷ୍ଟାରେ ଚନ୍ଦନ ସମେତ ବିଭିନ୍ନ ଚାରାରୋପଣ କରାଯାଇଥିଲା। ତେବେ ରବିବାର ରାତିରେ ଦୁର୍ବୃତ୍ତମାନେ ଅଞ୍ଚଳରୁ ପ୍ରାୟ ୮ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ କାଟି ନେଇଯାଇଥିବା ଜଣାପଡ଼ିଛି। ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ସାହିରେ ପଶିଥିବା ସାହିବାସିନ୍ଦା ଜାଣିବାକୁ ପାଇଥିଲେ। କିନ୍ତୁ ସେମାନଙ୍କ ଘର ବାହାରେ ଦୁର୍ବୃତ୍ତମାନେ ତାଲାପକାଇ ଗଛ କାଟିଥିଲେ। ତେଣୁ ସାହିବାସିନ୍ଦା ବାହାରକୁ ବାହାରିପାରି ନ ଥିଲେ। ତେବେ ସାହିବାସିନ୍ଦା ହୋହାଲ୍ଲା କରିବାରୁ ଆଉ କେତୋଟି ଗଛ ଅଧା କାଟି ଚାଲିଯାଇଥିବା ସାହିବାସିନ୍ଦା ପ୍ରକାଶ କରିଛନ୍ତି। ଘଟଣା ନେଇ ସାହିବାସିନ୍ଦା ତଥା ପୂର୍ବତନ ୱାର୍ଡ ମେମ୍ବର ଚିତ୍ତରଞ୍ଜନ ପାତ୍ର ସ୍ଥାନୀୟ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଚୋରି ଗଛଗୁଡ଼ିକ ୧୫ ବର୍ଷରୁ ଊର୍ଦ୍ଧ୍ୱର ହେବ ବୋଲି ଜଣାପଡ଼ିଛି। ଚନ୍ଦନଗଛ ଚୋରି ପଛରେ ବାହାର ରାଜ୍ୟର ର୍ୟାକେଟ ସମ୍ପୃକ୍ତ ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଚୋରି ଗଛର ମୂଲ୍ୟ ତଦନ୍ତ ପରେ ଜଣାପଡ଼ିବ ବୋଲି ବନ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି।


































































# ଫିଟ୍‌ନେସ୍ ମନ୍ତ୍ର

କାର୍ଯ୍ୟବ୍ୟସ୍ତତା ଭିତରେ ନିଜକୁ ଅଣଦେଖା କରିବା କାରଣରୁ ଅଧିକାଂଶ ମହିଳା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଫିଟ୍‌ନେସ୍ ଲାଗି ଅଳ୍ପ ବୟସରୁ ହିଁ କେତେକ କଥା ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...

➔ପ୍ରତିଦିନ ୩୦ମିନିଟ୍ ଶାରୀରିକ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ, ମାଂସପେଷୀ ମଜ୍‌ଭୁତ ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ସେହିପରି ଶ୍ୱାସ କ୍ରିୟା ଠିକ୍ ରଖିବା, ହୃତ୍‌ପିଣ୍ଡକୁ ମଜ୍‌ଭୁତ କରିବା ଲାଗି ୧୦ ମିନିଟ୍ ବ୍ରିଦିଂ ଏକ୍ସରସାଇ୍ କରନ୍ତୁ(ସକାଳେ ୫ମି. ଏବଂ ସଂଧ୍ୟା ୫ମି.)।

➔ ଦୈନିକ ୧୦-୧୫ ଗ୍ଲାସ ପାଣି ପିଅନ୍ତୁ।

➔ଶର୍କରା ଯୁକ୍ତ ଖାଦ୍ୟ ବା ମିଠା ଏବଂ ଚର୍ବିଯୁକ୍ତ ଖାଦ୍ୟ ଯଥା ସମ୍ଭବ କମ୍ ଖାଆନ୍ତୁ। ଏହା ପରିବର୍ତ୍ତେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାସହ ଫାଇବର, କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➔ଚା କିମ୍ବା କଫି ପିଇବାର ଅଭ୍ୟାସ ଥିଲେ ଏହା ବଦଳରେ ଗ୍ରୀନ୍ ଟି ପିଇବା ଉପକାରୀ।

➔କାମର ଚାପ, ମାନସିକ ଅବସାଦ ଆଦି ଥିଲେ ନିଜକୁ ସେଥିରୁ ମୁକାଳିବା ଲାଗି ମନ ପସନ୍ଦର ମ୍ୟୁଜିକ୍ ଶୁଣନ୍ତୁ, ବହି ପଢନ୍ତୁ, ଫିଲ୍ମ ଦେଖନ୍ତୁ। କାରଣ ମନ ଖୁସି ରହିଲେ ଶରୀର ସୁସ୍ଥ ରହିଥାଏ।

➔ଯେତେ କାମ ଥିଲେ ସୁଦ୍ଧା ସକାଳ ଜଳଖିଆ ଖାଇବାରେ ଆଦୌ ଅବହେଳା କରନ୍ତୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିଦିନ ଆବଶ୍ୟକ ନିଦ୍ରା ଗ୍ରହଣ କରନ୍ତୁ।



# ଟ୍ରାଇବାଲ୍ ଜୁଏଲେରି ଟ୍ରେଣ୍ଡ

**ବର୍ତ୍ତମାନ ଟ୍ରାଇବାଲ୍ ଜୁଏଲେରିର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ୱେଷ୍ଟର୍ନଠାରୁ ଆରମ୍ଭ କରି ଟ୍ରାଡିଶନାଲ୍ ପର୍ଯ୍ୟନ୍ତ ପ୍ରତ୍ୟେକ ପୋଷାକ ସହ ଏହାର କମ୍ବିନେଶନ୍ ଅଧିକ ଟ୍ରେଣ୍ଡି ଏବଂ ଆଇକ୍ୟାଚି ଲାଗୁଛି...**

➧ଆଦିବାସୀମାନେ ବ୍ୟବହାର କରୁଥିବା ସୁନା, ରୁପା କିମ୍ବା ଅନ୍ୟ ମେଟାଲିକ୍ କଏନ୍ ଜୁଏଲେରି ବର୍ତ୍ତମାନ ଫ୍ୟାଶନ୍‌ର ରୂପ ନେଇଛି। ବିଶେଷକରି ଆଣ୍ଟିକ୍ ତଥା ଅକ୍ସିଡାଇଜ୍‌ଡ ଟ୍ରାଇବାଲ୍ ଜୁଏଲେରିକୁ ଶାଢ଼ି, ଚୁଡିଦାର ପଞ୍ଜାବୀ, ଲଙ୍ଗ ଗାଉନ୍, ଲଙ୍ଗ୍ ଫ୍ରକ୍ ଆଦି ଭଳି ପୋଷାକ ସହ ବ୍ୟବହାର କରିବା ଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିପାରୁଛି।



➧କେତେକ ଟ୍ରାଇବାଲ୍ ଜୁଏଲେରିରେ ବ୍ରାଇଟ୍ ଏବଂ ବୋଲ୍ଡ କଲରର ଉଭୟ ଛୋଟ ଏବଂ ବଡ଼ ବିଡ୍ସ ବ୍ୟବହାର କରାଯାଇଥାଏ, ଯାହାକୁ ଡ୍ରେସ୍ ସହ ଉଭୟ ମ୍ୟାଚ୍ କରି ହେଉ ଅବା କଣ୍ଟ୍ରାଷ୍ଟ କରି ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଭଳି ଜୁଏଲେରି ମଧ୍ୟରେ ବିଶେଷକରି ଆଭୁ ଷ୍ଟୋନ୍ ଗ୍ଲାସ୍ ବିଡେଡ୍ ଟାଇବାନ୍ ଷ୍ଟାଇଲ୍ ନେକ୍‌ଲେସ୍ ବର୍ତ୍ତମାନ ବେଶି ଡିମାଣ୍ଡରେ ଅଛି।

➧ୱେଷ୍ଟର୍ନ ଆଉଟ୍ ଫିଟ୍ ସହିତ ଏଭଳି ଜୁଏଲେରିକୁ ପେୟାର କଲେ ଲୁକ୍ ଅଧିକ ମଡର୍ନ ଏବଂ ଷ୍ଟାଇଲିସ୍ ଲାଗିଥାଏ। ଡିଜାଇନ୍‌ର ଡ୍ରେସ୍ ସହିତ ବୋଲ୍ଡ ଟ୍ରାଇବାଲ୍ ନେକ୍‌ଲେସ୍ ଏବଂ ଲଙ୍ଗ୍ ଡ୍ୟାଙ୍ଗ୍‌ଲ ଇୟରରିଂ ଏବଂ ବ୍ୟାଙ୍ଗଲ୍ ସୁନ୍ଦର ଲାଗିଥାଏ। ବିଶେଷକରି ଜିନ୍ସ ଏବଂ ଟି ଶାର୍ଟ ସାଙ୍ଗକୁ ଟ୍ରାଇବାଲ ନେକ୍‌ଲେସ୍ ବର୍ତ୍ତମାନ ଟ୍ରେଣ୍ଡରେ ଅଛି।

➧ବର୍ତ୍ତମାନ ଫ୍ୟାଶନେବଲ୍ ଲୁକ୍ ପାଇବା ପାଇଁ ଅଧିକାଂଶ ବୋହୋ ଟ୍ରାଇବାଲ୍ ନେକ୍‌ଲେସ୍ ଏବଂ ଟ୍ରାଇବାଲ୍ ବ୍ୟାଙ୍ଗଲ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହା ଅପେକ୍ଷାକୃତ ଅଧିକ ଆଇକ୍ୟାଚି ହୋଇପାରୁଛି।



# ଗର୍ଭରେ ଶିଶୁ ମୃତ୍ୟୁ





**ଡା. ସରୋଜିନୀ ଷଡ଼ଙ୍ଗୀ**

**ଗର୍ଭଧାରଣର ଆଦ୍ୟ ପର୍ଯ୍ୟାୟରୁ ହିଁ ଭାବୀ ମା'ଟିଏ ଏକ ସୁସ୍ଥ ସନ୍ତାନର ସ୍ୱପ୍ନ ଦେଖିଥାଏ। କେତେକ ଘରେ ଜନ୍ମ ପୂର୍ବରୁ ଶିଶୁ ପାଇଁ ବିଭିନ୍ନ ସାମଗ୍ରୀ ବି କିଣା ସରିଯାଏ। ହେଲେ କେବେ କେବେ ଏ ସମସ୍ତ ଆଶା ଧୂଳିସାତ୍ ହୋଇଯାଏ, ଯେତେବେଳେ ଶିଶୁର ଗର୍ଭରେ ମୃତ୍ୟୁ ଘଟିଥାଏ। ତେବେ ଏପରି କାହିଁକି ହୁଏ ଏବଂ ଏହାର ପ୍ରତିକାର କ'ଣ ସେ ସମ୍ପର୍କରେ ଉପସ୍ଥାପନା...**

ଗର୍ଭଧାରଣର ୨୮ ସପ୍ତାହ ପରେ (ଶିଶୁର ଓଜନ ଏକ କେ.ଜି. ରୁ ଊର୍ଦ୍ଧ୍ୱ ହୋଇଥିଲେ) ଏବଂ ପ୍ରସବ ପୂର୍ବରୁ ଯଦି ଶିଶୁର ଗର୍ଭରେ ମୃତ୍ୟୁ ଘଟେ ତେବେ ତାହାକୁ ଇଣ୍ଟ୍ରା ୟୁଟେରାଇନ୍ ଫିଟାଲ୍ ଡେଥ୍ ବୋଲି କୁହାଯାଏ।

**ଏହାର କାରଣ:**

- ପ୍ରାୟ ୩୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ କମ୍‌ବୟସର ବହୁଗର୍ଭା ମା', ପୁଷ୍ଟିସାର କମ୍‌ଥିବା ମହିଳାମାନେ ଗର୍ଭରେ ଶିଶୁ ମୃତ୍ୟୁଜନିତ ଜଟିଳତା ବେଶି ଭୋଗିଥାନ୍ତି।

- ମା'ର ଲୌହସାରଜନିତ ରକ୍ତହୀନତା, ଥାଲାସିମିଆ, ସିକଲ୍ ସେଲ ଏନିମିଆ ଆଦି ଏବଂ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ କମିଗଲେ, ଗର୍ଭରେ ଶ୍ୱାସରୁଦ୍ଧ ହୋଇ ଶିଶୁର ମୃତ୍ୟୁ ଘଟିଥାଏ।

- ବେଳେବେଳେ ମା'ର ଉଚ୍ଚ ରକ୍ତଚାପ ଯୋଗୁ ହଠାତ୍ ଜରାୟୁରୁ ଗର୍ଭଫୁଲକୁ ରକ୍ତ ଯୋଗାଉଥିବା ଧମନୀର ସଂକୋଚନ ହୋଇ ରକ୍ତ ଯୋଗାଣ ବନ୍ଦ ହୋଇଯାଏ। ଫଳରେ ଗର୍ଭଫୁଲ ଜରାୟୁ କାନ୍ଥରୁ ଛିଡ଼ିଯାଏ ଏବଂ ଅଳ୍ପ ରକ୍ତ ସଂଚାଳନ ହେଉଥିବାରୁ, ଗର୍ଭସ୍ଥ ଶିଶୁଟି ବଢ଼ିପାରେ ନାହିଁ ଏବଂ ଅତି ଅଳ୍ପ ଓଜନର ହୋଇ ଶିଶୁର ମୃତ୍ୟୁ ଘଟିଥାଏ।

- ଗର୍ଭାବସ୍ଥାରେ ମଧୁମେହ ରୋଗ ହୋଇ ଯଦି ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣ ହୋଇ ନ ପାରେ, ଗର୍ଭସ୍ଥ ଶିଶୁର ରକ୍ତରେ ଶର୍କରାର ପରିମାଣ ଏବଂ ଇନ୍‌ସୁଲିନ୍‌ର ପରିମାଣ ବେଶି ହୋଇଯାଇଥିବା ଯୋଗୁ ଶିଶୁର ଅମ୍ଳଜାନ ଚାହିଦା ବଢ଼ିଯାଏ। ତେଣୁ ଅମ୍ଳଜାନ ଅଭାବ ହେଲେ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ।

- ମ୍ୟାଲେରିଆ, ଯକୃତର କାମଳ ରୋଗ (ହେପାଟାଇଟିସ୍), ଇନ୍‌ଫ୍ଲୁଏଞ୍ଜା, ଟକ୍ସୋପ୍ଲାଜ୍‌ମା, ସିଫିଲିସ୍, ମ୍ୟାଲେରିଆରେ ଅତିମାତ୍ରାରେ ଜ୍ୱର ହେବାରୁ କିମ୍ବା ଗର୍ଭଫୁଲରେ ମ୍ୟାଲେରିଆ ପାରାସାଇଟ୍ ଭର୍ତ୍ତି ହୋଇଯାଇଥିବାରୁ, ଗର୍ଭଫୁଲରୁ ନାଭିନାଡ଼ ଦେଇ ଶିଶୁ ଦେହକୁ ରକ୍ତ ଯାଇପାରେ ନାହିଁ ଏବଂ ଶିଶୁ ମୃତ୍ୟୁ ଘଟିଥାଏ।

- ଅତିରିକ୍ତ ପ୍ରସବ ବ୍ୟଥା ହୋଇ ପ୍ରସବ ନ ହେଲେ (ବ୍ୟାହତ ପ୍ରସବ), ବିଦୀର୍ଣ୍ଣ ଜରାୟୁ ବା ଜରାୟୁ ଫାଟିଗଲେ କିମ୍ବା ପ୍ରସବର ସମ୍ଭାବ୍ୟ ତାରିଖ ପରେ ପ୍ରସବ ନ ହେଲେ ଗର୍ଭରେ ଶିଶୁର ମୃତ୍ୟୁ ହୋଇଥାଏ।

- ଶିଶୁର ଓଜନ କମ୍, କ୍ରୋମୋଜୋମାଲ୍ ବିକଳାଙ୍ଗତା, ଶିଶୁର ମୁଖ୍ୟ ଅଙ୍ଗମାନଙ୍କର ବିକଳାଙ୍ଗତା ହେଲେ ବି ଗର୍ଭରେ ଶିଶୁର ମୃତ୍ୟୁ ହୋଇଥାଏ।

- ପ୍ରସବ ପୂର୍ବରୁ ଗର୍ଭଫୁଲ ତଳୁ ରକ୍ତସ୍ରାବ, ନାଭିନାଡ଼ର ଦୁର୍ଘଟଣା ଯଥା- ଗର୍ଭସ୍ଥ ପାଣିଥଳୀ ଫାଟି ନାଭି ନାଡ଼ ଖସିଗଲେ, ନାଭିନାଡ଼ରେ ଗଣ୍ଠି ପଡ଼ିଗଲେ ବା ଶିଶୁର ବେକ ଚାରିପଟେ ନାଭିନାଡ ଗୁଡ଼େଇ ହୋଇଗଲେ, ଗର୍ଭରେ ଯାଆଁଳା ଶିଶୁ ହେଲେ, ଗୋଟିଏ ଶିଶୁ ଦେହରୁ ଅନ୍ୟ ଶିଶୁ ଦେହକୁ ରକ୍ତ ସଂଚାଳିତ ହୋଇଗଲେ, ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ।

**ଲକ୍ଷଣ:** ମା' ଗର୍ଭରେ ଶିଶୁ ଅନେକ ସମୟଧରି ନ ବୁଲିଲେ, ହଠାତ୍ ମା'ର ସ୍ତନର ଆକାର କମିଗଲେ, ମା'ର ଜରାୟୁର ଉଚ୍ଚତା, ଆକାର କମିଗଲେ, ହାତ ଦେଇ ପେଟ ଉପରେ ଜରାୟୁ ପରୀକ୍ଷା କରିବା ବେଳେ ଡାକ୍ତରଙ୍କ ହାତକୁ ଶିଶୁର ବୁଲିବା ବା' ଘୂର୍ଣ୍ଣନ ଜାଣି ନ ହେଲେ, ଷ୍ଟେଥୋସ୍କୋପ ବା ଫିଟାଲ୍ ଡପଲ୍‌ରରେ ଶୁଣିଲେ ଶିଶୁର ହୃଦ୍‌ସ୍ପନ୍ଦନ ଶୁଣା ନ ଗଲେ କିମ୍ବା ଶିଶୁର ମୁଣ୍ଡ ବହୁତ ନରମ ଲାଗିଲେ ଗର୍ଭସ୍ଥ ଶିଶୁ ମୃତ ବୋଲି ଜଣାଯାଏ।

**ଚିହ୍ନଟ:** ଅଲଟ୍ରା ସୋନୋଗ୍ରାଫ୍, ପେଟର ଷ୍ଟ୍ରେଟ୍ ଏକ୍ସ-ରେ ଦ୍ୱାରା ଏହାକୁ ଚିହ୍ନଟ କରାଯାଏ।

**ଚିକିତ୍ସା ଆଗରୁ ପରୀକ୍ଷା:** ଗର୍ଭରେ ଶିଶୁମୃତ୍ୟୁ ଚିହ୍ନଟ ହେଲେ ଚିକିତ୍ସା ଆଗରୁ ରକ୍ତପରୀକ୍ଷାରେ ଗ୍ରୁପିଂ ଏବଂ ଆର୍-ଆର୍, ଟାଇପିଂ, ହିମୋଗ୍ଲୋବିନ୍, ଭିଡ଼ିଆର୍‌ଏଲ୍, ଖାଲି ପେଟରେ ରକ୍ତ ଶର୍କରା, ଖାଇସାରିବା ପରେ ରକ୍ତ ଶର୍କରା, ଗ୍ଲାଇକୋ ସିଲେଟେଡ୍ ହିମୋଗ୍ଲୋବିନ୍, ୟୁରିଆ, କ୍ରିଆଟିନିନ୍, ଥାଇରଏଡ଼ ପ୍ରୋଫାଇଲ୍, ଟର୍ଚ୍ଚ ସଂକ୍ରମଣ, ଲ୍ୟୁପସ୍ ଆଣ୍ଟିବଡ଼ି, ଆଣ୍ଟିକାର୍ଡ଼ିଓଲିପନ୍ ଆଣ୍ଟିବଡ଼ି ଏବଂ ଥ୍ରମ୍ବୋଫିଲିଆ ଆଦି ପରୀକ୍ଷା କରିବା ଖୁବ୍ ଜରୁରୀ। ଯଦି ଗର୍ଭରେ ମୃତ ଶିଶୁ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଯାଏ ରହିଗଲା, ତେବେ ସବୁ କ୍ଲଟିଂ ଫେକ୍ଟର କମିଯାଏ ଏବଂ ପ୍ରସବ ପରେ ପ୍ରଚୁର ରକ୍ତସ୍ରାବ ହୋଇଥାଏ, ତେଣୁ ରକ୍ତରେ ଫିବ୍ରିନୋଜେନ୍ ଓ ପାର୍ସିଆଲ୍ ଥ୍ରମ୍ବୋପ୍ଲାଷ୍ଟିନ୍ ମୂଲ୍ୟ ନିରୂପଣ କରିବା ଦରକାର।

**ଜଟିଳତା :**

**ମାନସିକ ଅବସାଦ :** ଗର୍ଭରେ ଶିଶୁ ମୃତ୍ୟୁ ଯୋଗୁ ମା' ବହୁତ ଦିନଯାଏ ମାନସିକ ଅବସାଦଜନିତ ଦୁଃଖ ଭୋଗ କରେ।

**ସଂକ୍ରମଣ :** ଗର୍ଭରେ ମୃତ ଶିଶୁ ଥିଲା ବେଳେ ଯଦି ଗର୍ଭଥଳୀ ଫାଟିଯାଏ, ଶିଶୁର ପଚା ଦେହରେ କ୍ଲଷ୍ଟ୍ରିଡିଅମ୍ ୱେଲଚାଇ (ଗ୍ୟାସ୍ ଗାଙ୍ଗ୍ରିନ୍) ଏବଂ ଟିଟାନସ୍ ଆଦି ମାରାତ୍ମକ ରୋଗ ହୋଇଥାଏ।

**ବ୍ଲଡ୍ କୋଆଗୁଲେସନ୍ ଡିଜଅର୍ଡର:** ମୃତ ଶିଶୁର କୋଷ ଓ ଗର୍ଭଫୁଲରୁ ବାହାରୁଥିବା ବିଷ, ଥ୍ରମ୍ବୋପ୍ଲାଷ୍ଟିନ୍ ସବୁ ଶୋଷଣ କରୁଥିବାରୁ ପ୍ରସବ ସମୟରେ ଏବଂ ପରେ ପରେ ଅତିରିକ୍ତ ରକ୍ତସ୍ରାବ ହୋଇଥାଏ।

**ଚିକିତ୍ସା :**

ଗର୍ଭଧାରଣ ପୂର୍ବରୁ ମଧୁମେହ ରୋଗ, ରକ୍ତ ଚାପ ବା କୌଣସି ବଂଶଗତ ରୋଗର ଚିକିତ୍ସା କରିବା ଆବଶ୍ୟକ। ଗର୍ଭଧାରଣର ୧୧ ରୁ ୧୪ ସପ୍ତାହ ମଧ୍ୟରେ ଏନ୍.ଟି. ସ୍କାନ୍, ଡୁଆଲ୍ ମାର୍କର୍, ତା'ପରେ ଟ୍ରିପଲ୍ ମାର୍କର୍ ଏବଂ ଗର୍ଭାବସ୍ଥାର ୫ ମାସ ପରେ ବିକଳାଙ୍ଗ ବା 'ଟିଫାସ୍କାନ୍' (ଶିଶୁ ଶରୀରର ପ୍ରତ୍ୟେକଟି ଅଙ୍ଗର ସ୍କାନିଂ) କରିବା ଆବଶ୍ୟକ।

ଗର୍ଭଧାରଣ ପୂର୍ବରୁ ଉନ୍ନତ ମାନର ପରାମର୍ଶ, ଗର୍ଭାବସ୍ଥାରେ ଚିକିତ୍ସା ଓ ପ୍ରସବ ବେଳେ ଭଲ କେନ୍ଦ୍ରରେ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ଉପସ୍ଥିତିରେ ପ୍ରସବ ହୋଇପାରିଲେ, ଗର୍ଭରେ ଶିଶୁ ମୃତ୍ୟୁହାର କମିଯାଇଥାଏ।

- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍‌ରୋଡ, କଟକ



# ଗୋଲାପି ଓଠ ପାଇଁ...

ସୌନ୍ଦର୍ଯ୍ୟ



**ଗୋଲାପି ଓଠ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ହେଲେ କେବେ କେବେ ବିଭିନ୍ନ କାରଣରୁ ଓଠ କଳା ପଡ଼ିଯିବା ଅନେକଙ୍କ ପାଇଁ ଚିନ୍ତାର କାରଣ ସାଜିଥାଏ। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ ଜାଣି ରଖନ୍ତୁ ପ୍ରାକୃତିକ ଉପାୟରେ ଓଠ ଗୋଲାପି କରିବାର ଟିପ୍ସ ...**

▶ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତୁଳାରେ ଗୋଲାପ ଜଳ ନେଇ ଓଠରେ ଲଗାନ୍ତୁ। ଓଠ ନରମ ଲାଗିଲେ ଏହାକୁ ଆଙ୍ଗୁଠିରେ ଧୀରେ ଧୀରେ ଘଷି ଡେଡ୍ ସେଲ୍ ବାହାର କରିଦିଅନ୍ତୁ। ଓଠକୁ ପୋଛି ଲିପ୍ ବାମ୍ ଲଗାନ୍ତୁ। ଏହାଦ୍ୱାରା ଧୀରେ ଧୀରେ ନୂଆ ସେଲ୍ ସୃଷ୍ଟି ହେବା ସହ ଓଠ ପୂର୍ବାପେକ୍ଷା ନରମ ଏବଂ ଗୋଲାପି ଲାଗିବ।

▶ଓଠର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନଡ଼ିଆ ତେଲ ମଧ୍ୟ ବହୁ ଉପକାରୀ। ଏହାକୁ ଓଠରେ ଲଗାଇବା ଦ୍ୱାରା ତାହା ପ୍ରାକୃତିକ ମଶ୍ଚରାଇଜରର କାମ କରିଥାଏ ଏବଂ ଓଠକୁ ନରମ ରଖେ ଏବଂ ଫାଟିବାକୁ ଦିଏ ନାହିଁ। ତା'ଛଡ଼ା ଏହା ଓଠର ସ୍କିନ୍ ଟୋନ୍ ଲାଇଟ୍ କରିବାରେ ବି ସାହାଯ୍ୟ କରୁଥିବାରୁ ଧୀରେ ଧୀରେ ଓଠର କଳା ରଙ୍ଗ ଦୂର ହୋଇ ଗୋଲାପି ଲାଗିଥାଏ।

▶ଅଧା ଚାମଚ ଲେଖାଏ ଲେମ୍ବୁ ରସ ଏବଂ ମହୁ ନେଇ ମିଶାଇ ଦିଅନ୍ତୁ। ଏହାକୁ ଓଠରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ। ଡେଡ୍ ସେଲ୍ ବାହାରିଯିବା ପରେ ଓଠକୁ ହାଲୁକା ଭାବେ ପୋଛି ନଡ଼ିଆ ତେଲ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ପ୍ରତିଦିନ ଏପରି କଲେ ଓଠ ନରମ ଏବଂ ଗୋଲାପି ଲାଗିବ।

▶ବିଟ୍ ରସ ମଧ୍ୟ ଓଠକୁ ଗୋଲାପି କରିବାରେ ବେଶ୍ ଲାଭଦାୟକ। ଏକ ଚାମଚ୍ ବିଟ୍ ରସରେ ୨-୩ ବୁନ୍ଦା ନଡ଼ିଆ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଓଠରେ ଲଗାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ।



ଖାଦ୍ୟ ରୁଚି

# ଟମାଟୋ ମ୍ୟାଗି ସୁପ୍

**ଆବଶ୍ୟକ ସାମଗ୍ରୀ:** ୬ଟି ମଧ୍ୟମ ଆକାରର ଟମାଟୋ, ୪ଟି ପାଳଙ୍ଗ ଶାଗ, ୧ଟି ମ୍ୟାଗି ସ୍ଲାଇସ୍, ୧ଟି ମଧ୍ୟମ ଆକାରର ଗାଜର, ୬ କପ୍ ପାଣି, ୧/୪ ଟିସ୍ପୁନ୍ ଗୋଲମରିଚ ଗୁଣ୍ଡ, କଳା ଲୁଣ ଅଧା ଟିସ୍ପୁନ୍, ମ୍ୟାଗି ମସଲା ୧ ଟିସ୍ପୁନ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମ୍ୟାଗିକୁ ସିଝାଇ ଏକ ଛଣାରେ କାଢି ରଖନ୍ତୁ। ଗାଜର, ପାଳଙ୍ଗ ଏବଂ ଟମାଟୋକୁ ୨ କପ୍ ପାଣି ଦେଇ ପ୍ରେସର କୁକରରେ ସିଝାଇ ଦିଅନ୍ତୁ। ଦୁଇଟି ହ୍ୱିସିଲ୍ ପରେ ଏହାକୁ କାଢି ଥଣ୍ଡା କରି ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ ଛଣାରେ ଛାଣି ଖଦଡ଼ା ଅଂଶ କାଢି ଦିଅନ୍ତୁ। ବର୍ତ୍ତମାନ ଚୁଲାରେ ଏକ ପ୍ୟାନ୍ ବସାଇ ଉକ୍ତ ବଟା ମିଶ୍ରଣକୁ ପକାନ୍ତୁ। ସେଥିରେ ଛଣା ହୋଇଥିବା ମ୍ୟାଗି, କଳା ଲୁଣ, ମ୍ୟାଗି ମସଲା ଏବଂ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଫୁଟେଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ୬ ଜଣଙ୍କ ଲାଗି ଟମାଟୋ ମ୍ୟାଗି ସୁପ୍। ଶୀତ ଦିନେ ଏହାକୁ ପିଇବା ସହ ଅନ୍ୟମାନଙ୍କୁ ବି ପିଆଇବାର ମଜା ନିଅନ୍ତୁ।



# ଜାମସେଦପୁର-ମୁମ୍ବାଇ ମ୍ୟାଚ ଡ୍ର


ସୋମବାର ଜାମସେଦ୍‌ପୁର ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ବାମ୍ବୋଲିମ୍, ୧୪।୧୨**

### ଇଣ୍ଡିଆନ ସୁପର ଲିଗ୍

ଇଣ୍ଡିଆନ ସୁପରଲିଗ୍‌ରେ ସୋମବାର ଜାମସେଦପୁର ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ମ୍ୟାଚର ୯ମ ମିନିଟରେ ନେରିଜୁସ ଭାଲ୍ସକିସ୍ ଗୋଲ ଦେଇ ଜାମସେଦପୁରକୁ ଅଗ୍ରଣୀ କରାଇଥିଲେ। ତେବେ ଏହାର ୬ ମିନିଟ ପରେ ଅର୍ଥାତ୍ ୧୫ତମ ମିନିଟରେ ମୁମ୍ବାଇର ମାର୍ଥୋଲୋମିଉ ଓଗ୍‌ବେଚେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୨୮ତମ ମିନିଟରେ ଏଟର ମନରୋ ଦ୍ୱିତୀୟ ହଳଦିଆ କାର୍ଡ (ରେଡ୍ କାର୍ଡ) ପାଇବାରୁ ଜାମସେଦପୁର ୧୦ ଜଣିଆରେ ପରିଣତ ହୋଇ ଯାଇଥିଲା। ମାତ୍ର ଏଥିରୁ ମୁମ୍ବାଇ ଫାଇଦା ଉଠାଇ ପାରି ନ ଥିଲା। ଜାମସେଦପୁର ଦଳ କଡ଼ା ଚ୍ୟାଲେଞ୍ଜ୍ ଦେଇ ମ୍ୟାଚକୁ ୧-୧ ଗୋଲରେ ବରାବର ରଖିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚ ପରେ ମୁମ୍ବାଇ ୬ ମ୍ୟାଚରୁ ୧୩ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଜାମସେଦପୁର ୬ ମ୍ୟାଚରୁ ୭ ପଏଣ୍ଟରେ ପହଞ୍ଚି ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଜାମସେଦପୁରର ଜ୍ୟାକିଚାନ୍ଦ ସିଂ ପାସ୍ ଅଫ୍ ଦି ମ୍ୟାଚ ଏବଂ ପିଟର ହାର୍ଟଲି ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ।

### ଆଜି ହାଇଦ୍ରାବାଦ-ଇଷ୍ଟବେଙ୍ଗଲ

**ଭାସ୍କୋ, ୧୪।୧୨:** ସ୍ଥାନୀୟ ତିଳକ ମଇଦାନରେ ମଙ୍ଗଳବାର ହାଇଦ୍ରାବାଦ୍ ଏଫସି ଓ ଇଷ୍ଟବେଙ୍ଗଲ ମଧ୍ୟରେ ଇଣ୍ଡିଆନ ସୁପରଲିଗ୍ ଫୁଟବଲ ମ୍ୟାଚ ହେବ। ଓଡ଼ିଶା ଏଫସି ବିପକ୍ଷ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ହାଇଦ୍ରାବାଦ ଏହାର ପରବର୍ତ୍ତୀ ୩ଟି ମ୍ୟାଚକୁ ଯଥାକ୍ରମେ ବେଙ୍ଗାଲୁରୁ ଏଫସି, ଜାମସେଦପୁର ଏଫସି ଓ ଏଟିକେ ମୋହନ ବାଗାନ ବିପକ୍ଷରେ ଡ୍ର ରଖିଛି। ତେଣୁ ବିଜୟ ପଥକୁ ଫେରିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ। ୪ ମ୍ୟାଚ ଖେଳି ଅପରାଜିତ ରହିଥିବା ହାଇଦ୍ରାବାଦ ୬ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଦେଶର ଅନ୍ୟତମ ଶକ୍ତିଶାଳୀ ଫୁଟବଲ କ୍ଲବଭାବେ ପରିଚିତ ଇଷ୍ଟବେଙ୍ଗଲ ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ପାରିନାହିଁ। ଦଳ ୪ଟି ମ୍ୟାଚ ଖେଳି ସାରିଥିଲେ ହେଁ ବିଜୟ ସ୍ୱାଦ ପାଇନାହିଁ। ଗୋଟିଏ ମ୍ୟାଚ ଡ୍ର ରଖିଥିବାବେଳେ ୩ ମ୍ୟାଚ ହାରି ଟେବୁଲର ସର୍ବନିମ୍ନରେ ରହିଛି। ଏଟିକେ ମୋହନବାଗାନ, ମୁମ୍ବାଇ ସିଟି ଏଫସି ଓ ନର୍ଥଇଷ୍ଟ ୟୁନାଇଟେଡଠାରୁ ହାରିବାପରେ ଜାମସେଦପୁର ଏଫସି ବିପକ୍ଷରେ ଡ୍ର ଦଳର ମନୋବଳ ବଢ଼ାଇଛି। ତେଣୁ ଏହି ଦଳ ମଧ୍ୟ ବିଜୟ ସ୍ୱାଦ ଆଶାରେ ରହିଛି।

# ପନ୍ତ ନା ଶାହା

**ନୂଆଦିଲ୍ଲୀ, ୧୪।୧୨ (ପି.ଟି.):** ଆଡିଲେଡ୍ ଓଭାଲଠାରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିବା/ରାତ୍ର ଟେଷ୍ଟ ଗୁରୁବାରଠାରୁ ଖେଳାଯିବ। ଏଥିପାଇଁ ଚୂଡ଼ାନ୍ତ ଭାରତୀୟ ଏକାଦଶରେ ରିଷଭ ପନ୍ତ ଓ ରିଦ୍ଧିମାନ ଶାହାଙ୍କ ମଧ୍ୟରୁ କାହାରିକୁ ନିଆଗଲେ ଭଲ ହେବ ସେଥିପାଇଁ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟରେ ବିଚାର ଆଲୋଚନା ଚାଲିଛି। ସମ୍ଭବତଃ ଉଇକେଟ କିପିଂରେ ତୁଳନାତ୍ମକ ଭାବେ ଅଧିକ ଦକ୍ଷ ଯୋଗୁ ଚୂଡ଼ାନ୍ତ ଭାରତୀୟ ଏକାଦଶରେ ୨୩ ବର୍ଷୀୟ ପନ୍ତଙ୍କ ଅପେକ୍ଷା ୩୬ ବର୍ଷୀୟ ଅଭିଜ୍ଞ ସାହାଙ୍କୁ ଅଗ୍ରାଧିକାର ଦିଆଯାଇପାରେ। ତେବେ କୌଣସି ନିଷ୍ପତ୍ତି ନେବାପୂର୍ବରୁ କୋଚ୍ ରବି ଶାସ୍ତ୍ରୀ, ସହକାରୀ କୋଚ୍ ବିକ୍ରମ ରାଠୋର, ଭରତ ଅରୁଣ ଏବଂ ଟ୍ରାଭେଲିଂ ସିଲେକ୍ଟର ହରବିନ୍ଦର ସିଂ ମ୍ୟାଚ ବିଭିନ୍ନ ପରିସ୍ଥିତିରେ ଉଭୟ ସାହା ଓ ପନ୍ତଙ୍କ ପ୍ରଦର୍ଶନକୁ ବିଚାର କରି ଦେଖିବେ। ଅଷ୍ଟ୍ରେଲିଆ ଏ' ବିପକ୍ଷ ପ୍ରଥମ ଟୁର୍ ମ୍ୟାଚ ବେଳେ ଭାରତ ୧୪୩/୯ ସ୍କୋରରେ ସଙ୍କଟରେ ପଡ଼ିଥିବାବେଳେ ସାହା ୫୫ ରନ ସ୍କୋର କରିଥିଲେ। ତାଙ୍କ ପରାମର୍ଶରେ ଯୁବ ଖେଳାଳି କାର୍ତ୍ତିକ ତ୍ୟାଗୀ କ୍ରିଜ୍‌ରେ ଧୈର୍ଯ୍ୟର ସହ ମହଜୁଦ ରହିଥିଲେ। ଉଭୟେ ଭାରତକୁ ପରାଜୟରୁ ବଞ୍ଚାଇ ଦେଇଥିଲେ। ସାହାଙ୍କୁ ସେତେବେଳେ ଜେମ୍ସ ପ୍ୟାଟିନସନ, ମାଇକେଲ ନେସେର ଏବଂ କାମେରନ ଗ୍ରୀନ୍‌ଙ୍କ ଭଳି ଦକ୍ଷ ବୋଲରଙ୍କୁ ସାମ୍ନା କରିବାକୁ ପଡ଼ିଥିଲା। ସେ ତୁଳନାରେ ପରେ ପିଙ୍କବଲ୍ ଡ୍ରେସ୍ ରିହରସାଲ ଯେତେବେଳେ ବ୍ୟାଟିଂ କରିବାକୁ ଆସିଥିଲେ ସେତେବେଳ ଲେଗ୍ ସ୍ପିନର ମିଚେଲ ସ୍ୱେପସନ ଏବଂ ପାର୍ଟଟାଇମ୍ ବୋଲର ନିକ୍ ମାଡିନସନ ବୋଲିଂ କରୁଥିଲେ। ପନ୍ତ ଯୋଗ ଦେବାପୂର୍ବରୁ ଶୁବମନ ଗିଲ୍, ମୟଙ୍କ ଅଗ୍ରୱାଲ ଏବଂ ହନୁମା ବିହାରୀ ଚମତ୍କାର ବ୍ୟାଟିଂ କରି ଦଳର ସ୍ଥିତିକୁ ମଜଭୁତ କରିସାରିଥିଲେ। ଦେଶ ତରଫରୁ ୩୭ଟେଷ୍ଟ ଖେଳି ସାରିଥିବା ସାହା ୧୨୩୮ରନ ସଂଗ୍ରହ କରିସାରିଥିବାବେଳେ ତାଙ୍କର ଆଭରେଜ ୩୦ରୁ ଅଧିକ ରହିଛି। ସେ ତିନୋଟି ଶତକ ମଧ୍ୟ ହାସଲ କରିଛନ୍ତି। ସେ ଉଇକେଟ ପଛରେ ଥାଇ୧୦୩ଜଣଙ୍କୁ ଆଉଟ କରିଛନ୍ତି। ତନ୍ମଧ୍ୟରେ ୯୨ କ୍ୟାଚ୍ ଓ ୧୧ ଷ୍ଟମ୍ପ ରହିଛି। ଶାହାଙ୍କୁ ଯଦି ପ୍ରଥମ ଟେଷ୍ଟରେ ଖେଳାଯାଏ ଆଉ ପନ୍ତଙ୍କ ସମ୍ଭାବନା ନାହିଁ ବୋଲି କହିହେବ ନାହିଁ। ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପକ୍କା କରିବାକୁ ହେଲେ ବେଙ୍ଗଲ ଷ୍ଟମ୍ପରଙ୍କୁ ପ୍ରଥମ ଟେଷ୍ଟରେ ଉଭୟ କିପିଂ ଓ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିବାକୁ ହେବ।






# ୧୫ ସ୍ଥାନ ପାଇଁ ୮୬ ଦଳ

**ଦୁବାଇ, ୧୪।୧୨ (ପି.ଟି.)**

ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍ ୨୦୨୨ର ୧୫ଟି ସ୍ଥାନ ପାଇଁ ଲଢେଇ କରିବେ ୮୬ଟି ଟିମ୍। ୧୩ ମାସ ଧରି ଖେଳାଯିବ ୨୨୫ ମ୍ୟାଚ। ଏହା ଆସନ୍ତାବର୍ଷ ଏପ୍ରିଲରେ ଆରମ୍ଭ ହେବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ସୋମବାର ଘୋଷଣା

- ଟି୨୦ ବିଶ୍ୱକପ୍ ୨୦୨୨ ଯୋଗ୍ୟତା
- ଖେଳାଯିବ ୨୨୫ ମ୍ୟାଚ

କରାଯାଇଛି। ୪ ପାଦ ବିଶିଷ୍ଟ କ୍ୱାଲିଫାଇଂ ପ୍ରକ୍ରିୟା ଜରିଆରେ ୧୫ଟି ସ୍ଥାନ ନିରୂପିତ ହେବ। କୋଭିଡ୍-୧୯ ମହାମାରୀ ଯୋଗୁ ୫ଟି ଅଞ୍ଚଳରେ ୧୧ଟି ରିଜିଓନାଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ୨୦୨୧ରେ ଅନୁଷ୍ଠିତ ହେବ। ପୁରୁଷ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପାଇଁ ପ୍ରଥମ ଥର ହଙ୍ଗେରୀ, ରୋମାନିଆ ଓ ସର୍ବିୟା ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଫିନ୍‌ଲାଣ୍ଡ ପ୍ରଥମଥର ଏକ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଜାପାନ ମଧ୍ୟ ପ୍ରଥମ ଥର ଏକ ପୁରୁଷ ଟି୨୦ ବିଶ୍ୱକପ୍ କ୍ୱାଲିଫାୟର ଆୟୋଜନ କରିବ। ଆଞ୍ଚଳିକ ସ୍ତରରେ ୬୭ ସହଯୋଗୀ ସଦସ୍ୟ ଅଂଶଗ୍ରହଣ କରିବେ। ଆଫ୍ରିକା ଓ ୟୁରୋପରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ଉଭୟ ଅଞ୍ଚଳରେ ସବ୍ ରିଜିଓନାଲ କ୍ୱାଲିଫାୟର୍ସ ହେବ। ତାପରେ ଅଞ୍ଚଳରେ ଏକ ଫାଇନାଲ କ୍ୱାଲିଫାୟର ହେବ। ଆଫ୍ରିକା, ଆମେରିକା, ଇଏପି (ଇଷ୍ଟ ଏସିଆ ଓ ପ୍ୟାସିଫିକ୍) ଓ ୟୁରୋପରେ ଗୋଟିଏ ଲେଖାଏଁ ଟପ୍ ଟିଅର ରିଜିଓନାଲ କ୍ୱାଲିଫାୟର ଏବଂ ଏସିଆରେ ଏ' ଓ ବି'ରୁ ଦୁଇଟି ୮ଦଳ ବିଶିଷ୍ଟ ଗ୍ଲୋବାଲ କ୍ୱାଲିଫାୟର୍ସକୁ ଉନ୍ନୀତ ହେବେ। ଗ୍ଲୋବାଲ କ୍ୱାଲିଫାୟର୍ସରେ ଉପଲବ୍ଧ ୧୬ଟି ସ୍ଥାନ ଉପଲବ୍ଧ। ଆଫ୍ରିକା ଓ ଇଏପି କ୍ୱାଲିଫାୟରରୁ ଗୋଟିଏ ଲେଖାଏଁ ଟିମ୍ ଏଥିରେ ରହିବେ। ସେମାନଙ୍କ ସହ ଆମେରିକା ଓ ୟୁରୋପ କ୍ୱାଲିଫାୟର୍ସରୁ ଦୁଇଟି ଲେଖାଏଁ ଦଳ ଯୋଗଦେବେ। ଟି୨୦ ବିଶ୍ୱକପ୍ ୨୦୨୧ ଷ୍ଟାଣ୍ଡିଂ ଶେଷ ୪ଟି ଦଳ ଏବଂ ଆଇସିସି ପୁରୁଷ ଅନ୍ତର୍ଜାତୀୟ ଟି୨୦ ଟିମ୍ ର୍‍ୟାଙ୍କିଙ୍ଗକୁ ଭିତ୍ତିକରି ନେପାଳ, ସିଙ୍ଗାପୁର, ୟୁଏଇ ଏବଂ ଜିମ୍ବାୱେକୁ ନେଇ ଅବଶିଷ୍ଟ ୮ଟି ସ୍ଥାନ ପୂରଣ ହେବ। ଦୁଇଟି ଗ୍ଲୋବାଲ କ୍ୱାଲିଫାୟର୍ସରୁ ଚାରୋଟି ଦଳ ଏବଂ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୧ର ୧୧ଟି ଦଳ ଆପେ ୧୬ଟି ଦଳକୁ ନେଇ ହେବାକୁଥିବା ଟି୨୦ ବିଶ୍ୱକପ୍ ୨୦୨୨ ପାଇଁ ଯୋଗ୍ୟତା ଅର୍ଜନ କରିବେ।






# ଆବୋଟ ଆହତ, ହେନରିକ୍ସ ସାମିଲ

**ସିଡ୍‌ନୀ, ୧୪।୧୨(ପି.ଟି.)**

ଭାରତ ବିପକ୍ଷ ଦିବାରାତ୍ର ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲିଆ ଦଳରେ ଆହତ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି ଦ୍ରୁତ ବୋଲର ସିଅନ ଆବୋଟ। ଦ୍ୱିତୀୟ ୱାର୍ମଅପ୍ ଗେମ୍ ଅବସରରେ ଗୋଡ଼ ପୁଟିଆ ମାଂସପେଶୀ ଟାଣି ଧରିବା ଯୋଗୁ ସେ ପ୍ରଥମ ଟେଷ୍ଟରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଅଲରାଉଣ୍ଡର ମୋଇସେସ ହେନରିକ୍ସଙ୍କୁ ସୋମବାର ଦଳରେ ସାମିଲ କରାଯାଇଥିବା କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ସୂଚନା ଦିଆଯାଇଛି। ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ଦ୍ୱିତୀୟ ୱାର୍ମଅପ୍ ମ୍ୟାଚରେ ଖେଳିପାରି ନ ଥିବା ହେନରିକ୍ସ ଏବେ ଫିଟ୍‌ନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୀର୍ଘ ୪ ବର୍ଷ ବ୍ୟବଧାନରେ ସେ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି।

### ଅଷ୍ଟ୍ରେଲିଆ ଦଳରେ ବଢୁଛି ଆହତ ସମସ୍ୟା

ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟ ଚଳିତ ମାସ ୧୭ ତାରିଖରୁ ଆଡିଲେଡରେ ଆରମ୍ଭ ହେବ। ଡିସେମ୍ବର ୨୬ରୁ ଆରମ୍ଭ ହେବାକୁଥିବା ଦ୍ୱିତୀୟ ଟେଷ୍ଟ ବେଳକୁ ଆବୋଟ ଫିଟ୍ ହୋଇଥିବେ ବୋଲି ଆଶା ରଖାଯାଇଛି। ହେନରିକ୍ସ ଶେଷ ଥରପାଇଁ ୪ ବର୍ଷ ପୂର୍ବେ ଶ୍ରୀଲଙ୍କାରେ ଟେଷ୍ଟ ମ୍ୟାଚ ଖେଳିଥିଲେ। ଏହାର ୩ ବର୍ଷ ପରେ ସେ ଜାତୀୟ ଦଳକୁ ଫେରି ଭାରତ ବିପକ୍ଷରେ ସୀମିତ ଓଭର କ୍ରିକେଟ ସିରିଜ ଖେଳିଥିଲେ। ମାର୍କସ ହାରିସଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ହେନରିକ୍ସ ବିଳମ୍ବରେ ଅଷ୍ଟ୍ରେଲିଆ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି। ଡେଭିଡ ୱାର୍ନର ଓ ୱିଲ୍ ପୁକୋଭସ୍କି ଆହତ ହେବାପରେ ହାରିସଙ୍କୁ ଓପନିଂ ସ୍ଲଟ୍ ପାଇଁ ଟେଷ୍ଟ ଦଳରେ ନିଆ ଯାଇଛି। ସେହିପରି କାମେରନ ଗ୍ରୀନ୍ ଓ ହ୍ୟାରୀ କନ୍‌ୱେ କନକସନ(ମୁଣ୍ଡରେ ବଲ୍ ବାଜିବା)ରେ ପୀଡ଼ିତ ଅଛନ୍ତି। ଜ୍ୟାକସନ ବାର୍ଡ ମଧ୍ୟ ଆହତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନ୍ସ, ଆଷ୍ଟନ ଅଗର ମଧ୍ୟ ଏହି ତାଲିକାରେ ଅଛନ୍ତି। ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲ୍‌ଉଡ ସାମାନ୍ୟ ଆହତ ହୋଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ